Harsika Media
24×7 News Channel
ଏକ ନୂଆ ଆହ୍ୱାନ..
Web : www.harsikamedia.in.net
Facebook : Harsika Media
Youtube : Harsika Media

HARSIKA ODIA KHABAR
# ହର୍ଷିକା
ଏକ ନୂଆ ଆହ୍ୱାନ... ଓ ଡ଼ି ଆ ଖ ବ ର
PRIG No. :ORORI/26/A0387

• ଭାଗ-୦୧ • ସଂଖ୍ୟା-୧୨ • କଟକ • ସାପ୍ତାହିକ • ୧୩ - ୧୯ ଏପ୍ରିଲ, ୨୦୨୬ • ମୂଲ୍ୟ : ଟ.୭.୦୦ • ପୃଷ୍ଠା-୮
• VOL. NO. 01 • ISSUE NO. 12 • CUTTACK • WEEKLY • 13 TO 19 APRIL, 2026 • RS. 7.00 • PAGE-8

ନିଜ ବିଶ୍ୱାସରେ ଲୁଚିଥିବା
**ଅସୀମ ଶକ୍ତି**
"ନିଜ ଉପରେ ବିଶ୍ୱାସ ରଖ
ତୁମେ ଯେତିକି ଭାବଛ
ତା'ଠାରୁ ଅଧିକ ତୁମେ ସାହସୀ
ତୁମେ ଯେତିକି ଜାଣିଛ
ତା'ଠାରୁ ଅଧିକ ତୁମେ ପ୍ରତିଭାଶାଳୀ
ଏବଂ
ତୁମେ କଳ୍ପନା କରିବାଠାରୁ
ଅଧିକ ତୁମେ ସକ୍ଷମ।"

### ରାଫେଲ୍ ଡିଲ୍‌ରେ ଭାରତର 'ମାଷ୍ଟର ଷ୍ଟ୍ରୋକ୍'
## ୩.୨୫ ଲକ୍ଷ କୋଟିର ଚୁକ୍ତି ପାଇଁ ଫ୍ରାନ୍ସ ଆଗରେ ରଖିଲା କଡ଼ା ସର୍ତ୍ତ

ନୂଆଦିଲ୍ଲୀ (ଏଜେନ୍ସି) : ଭାରତୀୟ ବାୟୁସେନାର ଶକ୍ତି ବୃଦ୍ଧି ପାଇଁ ହେବାକୁ ଯାଉଥିବା ୧୧୪ଟି ରାଫେଲ୍ ଯୁଦ୍ଧ ବିମାନ କ୍ରୟ ପ୍ରକ୍ରିୟାରେ ଭାରତ ସରକାର ଏକ ବଡ଼ ସର୍ତ୍ତ ଯୋଡ଼ିବାକୁ ଯାଉଛନ୍ତି । ଏହି ସର୍ତ୍ତ ଅନୁଯାୟୀ, ରାଫେଲ୍ ବିମାନରେ ଭାରତରେ ନିର୍ମିତ ସ୍ୱଦେଶୀ ମିସାଇଲ୍ ଏବଂ ଅସ୍ତ୍ରଶସ୍ତ୍ର ପ୍ରଣାଳୀ ସହଜରେ ଲଗାଯାଇପାରିବ । ଏଥିପାଇଁ ଭାରତ ସରକାର ଇଣ୍ଟରଫେସ୍ କଣ୍ଟ୍ରୋଲ୍ ଡକ୍ୟୁମେଣ୍ଟ କୁ ଏହି ଚୁକ୍ତିର ଏକ ଅଂଶ କରିବାକୁ ଯାଉଛନ୍ତି । ଇଣ୍ଟରଫେସ୍ କଣ୍ଟ୍ରୋଲ୍ ଡକ୍ୟୁମେଣ୍ଟ ହେଉଛି ଏକ ବୈଷୟିକ ଦସ୍ତାବିଜ୍, ଯାହା ବିମାନ ଏବଂ ଏଥିରେ ଲାଗିବାକୁ ଥିବା ବିଭିନ୍ନ ଯନ୍ତ୍ରପାତି ମଧ୍ୟରେ ତାଳମେଳ କିପରି ରହିବ ତାହା ସ୍ଥିର କରେ । ସରଳ ଭାଷାରେ କହିଲେ, ଏହା ସୁନିଶ୍ଚିତ କରିବ ଯେ ଫ୍ରାନ୍ସରୁ ଆସୁଥିବା ରାଫେଲ୍ ବିମାନରେ ଭାରତୀୟ ଅସ୍ତ୍ରଶସ୍ତ୍ର ଯେପରିକି 'ଅସ୍ତ୍ର' ମିସାଇଲ୍ ସଠିକ୍ ଭାବରେ କାମ କରିପାରିବ ।



'ବାଏ ଆଣ୍ଡ ମେକ୍' ମଡେଲରେ ହେବ ଡିଲ୍: ଏହି ବିଶାଳ ପ୍ରତିରକ୍ଷା ଚୁକ୍ତିର ମୂଲ୍ୟ ପ୍ରାୟ ୩.୨୫ ଲକ୍ଷ କୋଟି ଟଙ୍କା ବୋଲି ଆକଳନ କରାଯାଇଛି । ଚୁକ୍ତି ଅନୁଯାୟୀ ୧୮ଟି ବିମାନ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅବସ୍ଥାରେ ସିଧାସଳଖ ଫ୍ରାନ୍ସରୁ ଆସିବ । ୯୬ଟି ବିମାନ ଭାରତରେ ନିର୍ମାଣ କରାଯାଇ ପ୍ରସ୍ତୁତ ହେବ । ଏହି ୯୬ଟି ବିମାନର ଅତିକମରେ ୨୫% ଅଂଶ ସମ୍ପୂର୍ଣ୍ଣ ଭାବେ ଭାରତୀୟ ଜ୍ଞାନକୌଶଳରେ ନିର୍ମିତ ହେବ ।

ପ୍ରତିରକ୍ଷା ମନ୍ତ୍ରଣାଳୟ ଆସନ୍ତା ମାସରେ ଫ୍ରାନ୍ସର କମ୍ପାନୀ 'ଡାସଲ୍ଟ ଆଭିଏସନ'କୁ ପ୍ରସ୍ତାବ ପଠାଇବାକୁ ଯାଉଛି । ଏହି ଚୁକ୍ତିକୁ ଗତ ଫେବୃଆରୀ ୧୨ ତାରିଖରେ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ ପକ୍ଷରୁ ମଞ୍ଜୁରୀ ମିଳିସାରିଛି । ଏହା ମଧ୍ୟ ଚର୍ଚ୍ଚା ହେଉଥିଲା ଯେ ଫ୍ରାନ୍ସ କମ୍ପାନୀ ରାଫେଲର ସୋର୍ସ କୋଡ୍ ଦେବାକୁ ମନା କରିଛି । ତେବେ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ କୌଣସି ବି ଦେଶ ନିଜ ଯୁଦ୍ଧ ବିମାନର ସୋର୍ସ କୋଡ୍ ଅନ୍ୟ କାହାକୁ ଦିଏ ନାହିଁ । ଏହା କମ୍ପାନୀର ବୌଦ୍ଧିକ ସମ୍ପତ୍ତି ଏବଂ ଏଥିରେ ବିମାନର ରାଡାର, ଟାର୍ଗେଟିଂ ଏବଂ ଫ୍ଲାଇଟ୍ କଣ୍ଟ୍ରୋଲ୍ ଭଳି ଗୁପ୍ତ ତଥ୍ୟ ଥାଏ । ରୁଷ୍ ଏବଂ ଆମେରିକା ଭଳି ବନ୍ଧୁ ରାଷ୍ଟ୍ର ମଧ୍ୟ ଏହି ସୋର୍ସ କୋଡ୍ ସେୟାର କରନ୍ତି ନାହିଁ । ଆତ୍ମନିର୍ଭର ଭାରତ ଉପରେ ଗୁରୁତ୍ୱ: ଭାରତ ବର୍ତ୍ତମାନ କେବଳ ବିଦେଶୀ ବିମାନ କିଣିବାକୁ ଚାହୁଁନାହିଁ, ବରଂ ସ୍ୱଦେଶୀ ପ୍ରତିରକ୍ଷା କ୍ଷମତା ବଢ଼ାଇବାକୁ ଲକ୍ଷ୍ୟ ରଖିଛି । ତେଣୁ ରାଫେଲ୍ ଡିଲ୍ ସହ ତେଜସ୍ ଏମ୍‌କେ ୧ଏ ଏବଂ ଭବିଷ୍ୟତର ଆଡ୍‌ଭାନ୍ସ ମିଡିୟମ୍ କୋମ୍ବାଟ୍ ଏୟାରକ୍ରାଫ୍ଟ ପ୍ରକଳ୍ପ ଉପରେ ମଧ୍ୟ ସରକାର ଜୋର ଦେଉଛନ୍ତି । ଏହି ଓଉଉ ସର୍ତ୍ତ ମାଧ୍ୟମରେ ଭାରତୀୟ ବାୟୁସେନା ଏକ ଶକ୍ତିଶାଳୀ ଏବଂ ଆଧୁନିକ ବଳ ଭାବେ ଉଭା ହେବ, ଯେଉଁଠି ବିଦେଶୀ

## ୧୧ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍‌ରେ ମୋହର



ଭୁବନେଶ୍ୱର, (ହର୍ଷିକା ଖବର): ଶେଷ ହୋଇଛି ରାଜ୍ୟ କ୍ୟାବିନେଟ ବୈଠକ। ୫ଟି ବିଭାଗର ୧୧ଟି ପ୍ରସ୍ତାବ ଉପରେ ମୋହର। ଜଳ ସମ୍ପଦ ବିଭାଗର ୫ଟି ଟେଣ୍ଡରକୁ ଅନୁମତି ମିଳିଛି। ପାର୍ବତୀଗିରି ମେଗା ଜଳପ୍ରକଳ୍ପକୁ ଗୁରୁତ୍ୱ ଦିଆଯାଇଛି। ଏହି ଜଳ ପ୍ରକଳ୍ପ ଦ୍ୱାରା ୬୧୨୦ ହେକ୍ଟର ଜମି ଜଳସେଚିତ ହେବ। ଏହାଦ୍ୱାରା ସମ୍ବଲପୁରର ୧୪ଟି ଗାଁ ଉପକୃତ ହେବେ। ସେହିପରି ଅଟଳ ବସଷ୍ଟାଣ୍ଡ ପାଇଁ ୩୪୦୦ କୋଟିର ବ୍ୟୟ ଅଟକଳ କରାଯାଇଛି। ୩୧୮ଟି ବସଷ୍ଟାଣ୍ଡର ଉନ୍ନତୀକରଣ ହେବ। ଏନେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସୂଚନା ଦେଇଛନ୍ତି।

କ୍ୟାବିନେଟରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପରିଚାଳନା ଏବଂ ରକ୍ଷଣାବେକ୍ଷଣା ନୀତି ୨୦୨୬କୁ ଅନୁମୋଦନ ମିଳିଛି। ଏହି ନୀତିରେ ପ୍ରକଳ୍ପ ସରିବା ପରେ ତାର ରକ୍ଷଣାବେକ୍ଷଣା ପାଇଁ ଦାୟିତ୍ୱ ବଣ୍ଟନ ହୋଇଛି। ଏଥିରେ ପଞ୍ଚାୟତ ଗ୍ରାମବାସୀଙ୍କର କ'ଣ ଦାୟିତ୍ୱ ରହିବ, ମନିଟରିଙ୍ଗ କେମିତି ହେବ, କେତେ ଟଙ୍କା ଦିଆଯିବ ସବୁ କିଛି ନୀତିରେ ଉଲ୍ଲେଖ ରହିଛି। ଏହା ବାଦ୍ ୩୪୦୦ କୋଟି ଅଟଳ ବସଷ୍ଟାଣ୍ଡ ଯୋଜନାକୁ କ୍ୟାବିନେଟ ମୋହର ବାଜିଛି। ରାଜ୍ୟରେ ନିର୍ମାଣ ହେଉଥିବା ୩୧୮ ବସଷ୍ଟାଣ୍ଡ ଓଏସ୍‌ଆର୍‌ଟିସି ସମନ୍ୱୟରେ କରାଯିବ। ଏହା ସହ ଜଳସମ୍ପଦ ବିଭାଗର ୫ ଟି ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। କଟକର ୧୩୫ କୋଟି ହାଡୁଆ ଜଳସେଚନ ପ୍ରକଳ୍ପ, ଯାହା ବଡମ୍ବାର ୭୬ ଗାଁ, ନରସିଂହପୁର ଓ ତିଗିରିଆର ୫ଟି ଲେଖାଏଁ ଗାଁର ମୋଟ ୩୬୦୦ ହେକ୍ଟର ଜମିରେ ପାଣି ମାଡ଼ିବ। ସେହିପରି ୨୦୪ କୋଟିର ପାର୍ବତୀଗିରି ମେଗା ଲିଫ୍ଟ ଜଳସେଚନ ପ୍ରକଳ୍ପରେ ସମ୍ବଲପୁରରେ ୬୨୧୦ ହେକ୍ଟର ଜମି ଜଳସେଚିତ ହେବ।

ସୋନପୁର ତେଲ ନଦୀରେ ୧୭୦ କୋଟିର କ୍ଲଷ୍ଟର ଦ୍ୱାରା ୩୦ ପ୍ରକଳ୍ପରେ ୬ହଜାର ହେକ୍ଟର ଜମି ଜଳସେଚିତ ହେବ। ୧୫୮ କୋଟିର ଯାଜପୁର ଖରାସୁଆ, ବ୍ରାହ୍ମଣୀ ନଦୀରେ କ୍ଲଷ୍ଟର ୩୭ ପ୍ରକଳ୍ପ ଦ୍ୱାରା ୬ ହଜାର ହେକ୍ଟର ୭୩ ଗାଁ ପାଣି ପାଇବ। କେନ୍ଦୁଝରରେ ୯୩ କୋଟି ବ୍ୟୟରେ କ୍ଲଷ୍ଟରରେ ୩୮ ପ୍ରକଳ୍ପ ଯାହାଦ୍ୱାରା ୪୨୮୦ ହେକ୍ଟର ପାନପୁର ଅଂଚଳରେ ଜମି ଜଳସେଚିତ ହେବ। କେନ୍ଦୁଝରରେ ୧୬୪୭ କୋଟିର ବ୍ୟୟରେ ନୂଆ ୨୬୫୦୦ ଝଞ୍ଜବ ସବ ଷ୍ଟେସନକୁ ଅନୁମୋଦନ ମିଳିଛି। ଯାହାର କାମ ୩ ବର୍ଷରେ ସରିବ। ଏହା ସହ ଚାକିରୀ ସର୍ତ୍ତବଳିରେ ସଂଶୋଧନ, କ୍ୟାଡର ରୁଲ ପରିବର୍ତ୍ତନ ଶ୍ରମ ବିଭାଗର ୩ ପ୍ରସ୍ତାବ ପାରିତ ହୋଇଛି।

### ସସ୍ମିତଙ୍କ ଇସ୍ତଫା, ନବୀନଙ୍କ ଅନୁମୋଦନ



ଭୁବନେଶ୍ୱର (ହର୍ଷିକା ଖବର) : ବିଜେଡି ସଂସଦୀୟ ଦଳ ନେତା ପଦରୁ ସସ୍ମିତ ପାତ୍ରଙ୍କ ଇସ୍ତଫା ଗୃହୀତ। ସସ୍ମିତ ପାତ୍ରଙ୍କ ଇସ୍ତଫାକୁ ଅନୁମୋଦନ କରିଛନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ। ଗତ କାଲି ବିଜେଡି ସଂସଦୀୟ ଦଳ ନେତା ପଦରୁ ଇସ୍ତଫା ଦେଇଥିଲେ ସାଂସଦ ସସ୍ମିତ ପାତ୍ର। ମିଳିଥିବା ସୂଚନା ଅନୁସାରେ, ଯେଉଁ ଦିନ ରାଜ୍ୟସଭା ସାଂସଦ ଭାବେ ସନ୍ତୃପ୍ତ ମିଶ୍ର ଶପଥ ନେଇଥିଲେ, ସେହିଦିନ ହିଁ ତାଙ୍କୁ ପଦରୁ ହଟାଇବା ପାଇଁ ଦଳର ଅନ୍ୟ ସାଂସଦମାନେ ସଭାପତି ନବୀନଙ୍କୁ ଚିଠି ଲେଖିଥିଲେ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ପୃଷ୍ଠା-୩

## ଇସଲାମାବାଦରେ ଇରାନ-ଆମେରିକା ଅଲୋଚନା ଫେଲ୍

ନୂଆଦିଲ୍ଲୀ (ଏଜେନ୍ସି) : ମଧ୍ୟପ୍ରାଚ୍ୟ ଯୁଦ୍ଧର ଅବସାନ ପାଇଁ ଗତକାଲି ପାକିସ୍ତାନର ରାଜଧାନୀ ଇସଲାମାବାଦରେ ଇରାନ ଏବଂ ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ଶାନ୍ତି ଆଲୋନଚା ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୪ ଘଣ୍ଟା ଆଲୋନଚା ହୋଇଥିଲା । ହୋର୍ମୁଜ ପ୍ରଣାଳୀ, ଲେବାନନ୍ ବିବାଦ ଏବଂ ଯୁଦ୍ଧବିରତି ଉପରେ ଚର୍ଚ୍ଚା ହୋଇଥିଲା । ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସ ଆଲୋଚନା ବିଫଳ ହୋଇଥିବା କହିଛନ୍ତି । ସେ କହିଛନ୍ତି, ଆମେରିକା ବିନା ନିଷ୍କର୍ସରେ ଫେରିଯାଉଛି । ଇରାନକୁ ବେଷ୍ଟ ଅଫର୍ ଦେଇଥିଲୁ ହେଲେ ସେ ରାଜି ହେଲାନାହିଁ । ଶାନ୍ତି ଆଲୋଚନା ସମ୍ପୂର୍ଣ୍ଣ ଫେଲ୍ ହୋଇଛି। ମଧ୍ୟପ୍ରାଚ୍ୟ ବିବାଦର ଅନ୍ତ ପାଇଁ ପାକିସ୍ତାନର ରାଜଧାନୀ ଇସଲାମାବାଦରେ ଅନୁଷ୍ଠିତ ଆମେରିକା ଏବଂ ଇରାନ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ବିନା ସହମତିରେ ଶେଷ ହୋଇଛି । ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ୨୧ ଘଣ୍ଟା ଧରି ଆଲୋଚନା ସତ୍ତ୍ୱେ, ଦୁଇ ଦେଶ ମଧ୍ୟରେ କୌଣସି ସହମତି ହୋଇପାରି ନାହିଁ । ଦୁଇ ଦେଶ ମଧ୍ୟରେ ୩ ପର୍ଯ୍ୟାୟ ଆଲୋଚନା ହୋଇଥିଲା, କିନ୍ତୁ କୌଣସି ନିଷ୍କର୍ଷରେ ପହଞ୍ଚିପାରି ନଥିଲା । ଆମେରିକାର ପ୍ରାଥମିକ



ଦାବି ହେଉଛି, ଇରାନ ଯେକୌଣସି ପରମାଣୁ ଅସ୍ତ୍ର କାର୍ଯ୍ୟକ୍ରମ କିମ୍ବା ସମ୍ପର୍କିତ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ସ୍ପଷ୍ଟ ଏବଂ ଠୋସ୍ ପ୍ରତିବଦ୍ଧତା ପ୍ରକାଶ କରୁ । କିନ୍ତୁ ଇରାନ ପାଳନ କରିବାକୁ ଅନିଚ୍ଛୁକ ରହିଲା । ଆମକୁ ଦୃଢ଼ ଗ୍ୟାରେଣ୍ଟି ଆବଶ୍ୟକ ଯେ, ଇରାନ ପରମାଣୁ ଅସ୍ତ୍ର ବିକଶିତ କରିବାକୁ ଚେଷ୍ଟା କରିବ ନାହିଁ । ଆମେ କୌଣସି ଚୁକ୍ତିନାମାରେ ପହଞ୍ଚି ନପାରି ଆମେରିକାକୁ ଫେରିଯାଉଛୁ ।

ଜେଡି ଭାନ୍ସ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, 'ଦୁଃଖଦ ଖବର ହେଉଛି ଯେ, ଆମେ କୌଣସି ଚୁକ୍ତିରେ ପହଞ୍ଚି ନାହୁଁ। ମୁଁ ଭାବୁଛି ଏହା ଆମେରିକା ଅପେକ୍ଷା ଇରାନ ପାଇଁ ଅଧିକ ଖରାପ ଖବର । ପୃଷ୍ଠା-୩




## ଓଡିଶାକୁ ସର୍ବାଧିକ ବିଶ୍ୱକର୍ମା ପୁରସ୍କାର

ନୂଆଦିଲ୍ଲୀ/ଭୁବନେଶ୍ୱର (ହର୍ଷିକା) : ବିଶ୍ୱକର୍ମା ପୁରସ୍କାର ବିତରଣ ଉତ୍ସବରେ ଓଡିଶାକୁ ମିଳିଛି ସର୍ବାଧିକ ବିଶ୍ୱକର୍ମା ପୁରସ୍କାର। ଓଡିଶାର ୧୭ଟି ପ୍ରକଳ୍ପ ପୁରସ୍କୃତ ହୋଇଛି। ଓଡ଼ିଶା ସରକାରଙ୍କ ଦ୍ୱାରା ଆବେଦନ କରାଯାଇଥିବା ୧୦ଟି ପ୍ରକଳ୍ପକୁ ମିଶାଇ ସର୍ବମୋଟ ୧୭ଟି ପ୍ରକଳ୍ପକୁ ବିଭିନ୍ନ ବିଭାଗରେ ପୁରସ୍କୃତ କରାଯାଇଛି । ପୂର୍ତ୍ତ ବିଭାଗର ୩, ଜଳସମ୍ପଦ ବିଭାଗର ୫ ଓ କ୍ରୀଡ଼ା ବିଭାଗର ୨ ପ୍ରକଳ୍ପ ପୁରସ୍କୃତ ହୋଇଛି। ନୂଆଦିଲ୍ଲୀସ୍ଥିତ ବି.ଆର୍. ଆମ୍ବେଦକର ଅନ୍ତର୍ଜାତୀୟ କେନ୍ଦ୍ରଠାରେ ସି.ଆଇ.ଡି.ସି. ଦ୍ୱାରା ଆୟୋଜିତ ବିଶ୍ୱକର୍ମା ପୁରସ୍କାର ବିତରଣ ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ମନ୍ତ୍ରୀ ନିତୀନ ଗଡ଼କରୀ ଯୋଗ ଦେଇ ନିର୍ମାଣ କ୍ଷେତ୍ରରେ ନୂତନତ୍ୱ ଉପରେ ଗୁରୁତ୍ୱ ଦେଇଥିଲେ। ରାସ୍ତା ଓ କୋଠାବାଡ଼ି ନିର୍ମାଣ କ୍ଷେତ୍ରରେ ନୂତନ ପାରଦର୍ଶିତା ସହିତ ଡି.ପି.ଆର୍ ବନାଇବା ପାଇଁ ସୁଯୋଗ ସୃଷ୍ଟି କରାଯିବା ଉପରେ ଗୁରୁତ୍ୱ ଦେଇଥିଲେ ।


ରାଜ୍ୟ ପୂର୍ତ୍ତ ବିଭାଗର ତିନିଗୋଟି ପ୍ରକଳ୍ପ ଲୋକାୟୁକ୍ତ ଭବନ, ଯାଜପୁରସ୍ଥିତ ମାତୃଶିଶୁ ହସ୍ପିଟାଲ୍, ବଲାଙ୍ଗିରସ୍ଥିତ ସଦ୍ୟ ସମାପ୍ତ, ପୃଷ୍ଠା-୩



### ମହାନଦୀ ଜଳ ବିବାଦ ମାମଲା : ଏପ୍ରିଲ ୨୦ରେ ପରବର୍ତ୍ତୀ ଶୁଣାଣି

ଭୁବନେଶ୍ୱର (ହର୍ଷିକା) : ମହାନଦୀ ଜଳ ବିବାଦ ମାମଲା। ଏପ୍ରିଲ ୨୦ରେ ହେବ ପରବର୍ତ୍ତୀ ଶୁଣାଣି। ଆଡ୍‌ଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଏନେଇ ସୂଚନା ଦେଇଛନ୍ତି। ଗତ ମାସରେ ହୋଇଥିବା କ୍ଷେତ୍ରୀୟ ପରିଦର୍ଶନର ରିପୋର୍ଟକୁ ଶୁଣାଣିରେ ଅନ୍ତର୍ଭୁକ୍ତ କରିବା ପାଇଁ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଛନ୍ତି। ଅଗଷ୍ଟ ୨୦୨୫ରୁ ଏବେ ପର୍ଯ୍ୟନ୍ତ ଟେକ୍ନିକାଲ ଟିମର ୧୩ ଥର ବୈଠକ ହୋଇସାରିଛି। ମହାନଦୀରେ ଏବେ ଯାଏ କେତେ ଜଳ ପ୍ରବାହିତ ହୋଇଛି ତାର ହାରାହାରି ବାହାର କରାଯାଇଛି। ଡେଲ୍ଟା ଏବଂ ଅନ୍ୟ ଅଞ୍ଚଳରେ ସମ୍ପୂର୍ଣ୍ଣ ଜଳ ରାଶିକୁ ହିସାବ କରିଛନ୍ତି ଦୁଇ ରାଜ୍ୟର ଟେକ୍ନିକାଲ ଟିମ୍। ଏହି ଡାଟାକୁ ଟ୍ରିବ୍ୟୁନାଲରେ ପ୍ରସ୍ତୁତ କରାଯାଇଛି। ମହାନଦୀକୁ ନେଇ ହୋଇଥିବା ସମାଧାନର ଅନେକ ସମସ୍ୟାର ସମାଧାନ ନେଇ ଦୁଇ ରାଜ୍ୟ ଭିତରେ ସହମତି ପ୍ରକାଶ ପାଇଛି। ଏ ଜି ପିତାମ୍ବର ଆଚାର୍ଯ୍ୟ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଏବଂ ସଚିବ ସ୍ତରୀୟ ବୈଠକରେ ଆପୋଷ ବୁଝାମଣା ନେଇ ଆଲୋଚନା ସଫଳତାର ସହ ଆଗକୁ ବଢ଼ିଛି। ମହାନଦୀ ମାମଲାର ଆପୋଷ ସମାଧାନ ପାଇଁ ଗୃହମନ୍ତ୍ରୀ ଅମିତ ଶାହ ମଧ୍ୟ ଦୁଇ ରାଜ୍ୟ ସହ ଆଲୋଚନା କରି ସମାଧାନ କରିବାକୁ ଜୋର୍ ଦେଇଛନ୍ତି। ତେବେ ଓଡ଼ିଶା ସ୍ୱାର୍ଥକୁ ଅଗ୍ରାଧିକାର ଦେଇ ମହାନଦୀର ଜଳକୁ ଓଡ଼ିଶା ପାଇଁ କିପରି ସୁବିନିଯୋଗ କରାଯିବ ତାଉପରେ ଗୁରୁତ୍ୱ ଦିଆଯାଉଛି। ଏପ୍ରିଲ ୨୦ ଅପରାହ୍ନ ସାଢେ ୨ଟାରେ ପରବର୍ତ୍ତୀ ଶୁଣାଣି ହେବ।

### ପରଲୋକରେ ଆଶା ଭୋସଲେ



ମୁମ୍ବାଇ (ଏଜେନ୍ସି) : ଭାରତୀୟ ସଙ୍ଗୀତ ଜଗତର ଅନନ୍ୟ ପ୍ରତିଭା ତଥା ପ୍ରଖ୍ୟାତ ଗାୟିକା ଆଶା ଭୋସଲେଙ୍କର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୯୨ ବର୍ଷ ବୟସ ହୋଇଥିଲା। ଗତ କିଛି ଦିନ ଧରି ଅସୁସ୍ଥତା କାରଣରୁ ତାଙ୍କୁ ଶନିବାର ମୁମ୍ବାଇର ବ୍ରିଚ କାଣ୍ଡି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। , ପୃଷ୍ଠା-୩

THE HARSIKA
ହର୍ଷିକା

## କଲମରୁ



ଡ଼ଃ ବ୍ୟୋମକେଶ କାନୁନଗୋ
(ମୁଖ୍ୟ ସମ୍ପାଦକ)

ମଣିଷ ବିଜ୍ଞାନ-ସଭ୍ୟତାର ଶୀର୍ଷରେ ପହଞ୍ଚିଲେ ମଧ ଯୁଦ୍ଧ ଓ ହିଂସାକୁ ଛାଡ଼ିପାରିନାହିଁ। ଏବେ ସମଗ୍ର ବିଶ୍ୱରେ ଯେମିତି ସଂଘର୍ଷ, ହିଂସା, ପ୍ରତିଶୋଧର ବାତାବରଣ ସୃଷ୍ଟି ହୋଇଛି ତାହା ମାନବ ସମାଜକୁ କେବଳ ବ୍ୟଥିତ କରିନାହିଁ,ବରଂ ଏକ ନୂତନ ଚେତନାର ବାଟ ଫିଟାଇ ଦେଇଛି। ବର୍ତ୍ତମାନ ବିଶ୍ୱର ସ୍ଥିତି ଆସୁରିକ ପ୍ରବୃତ୍ତିର ନେତୃତ୍ୱକୁ ପ୍ରତିପାଦିତ କରିଛି। ଉଦାହରଣ ଦେଇ କହିବାକୁ ଗଲେ- ଇଂରେଜ ସରକାରଙ୍କ ଶାସନ ବିରୋଧରେ ବିଦ୍ରୋହ କରୁଥିବା ବ୍ୟକ୍ତିଙ୍କୁ ସେମାନେ ହତ୍ୟା କରୁଥିଲେ। କିଛି ବର୍ଷ ପରେ ହିଟ୍‌ଲର ଆସୁରିକ ଶକ୍ତିରେ କବଳିତ ହୋଇ ଲକ୍ଷ ଲକ୍ଷ ଲୋକଙ୍କୁ ନିର୍ମମ ଭାବେ ହତ୍ୟା କରିଥିଲେ। ମଧ୍ୟପ୍ରାଚ୍ୟରେ ଯେଉଁ ସଂଘର୍ଷ ଓ ମୁକାବିଲା ଦେଖାଦେଇଛି, ତାହା ଏକ ଉଦାହରଣ। ପୂର୍ବରୁ ଦୁଇଟି ମହାସମର ଘଟିଯାଇଛି। ଏକ ତୃତୀୟ ମହାସମର ପାଇଁ ବାଟ ଫିଟାଯାଉଛି, କିନ୍ତୁ ଏହା ଆଉ ଘଟିବ ନାହିଁ ବୋଲି ଶ୍ରୀଅରବିନ୍ଦ କହିଯାଇଛନ୍ତି। ବର୍ତ୍ତମାନର ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ଅବଲୋକନ କଲେ ଜାଣିହେଉଛି ଯେ ଦୁଇଟି ଶକ୍ତି ମଧ୍ୟରେ ଲଢ଼େଇ ଚାଲିଛି। ଆଣବିକ ଅସ୍ତ୍ରଶସ୍ତ୍ର ଯୋଗୁ ମହାଶକ୍ତିଙ୍କ ମଧ୍ୟରେ ଯୁଦ୍ଧର ବିଜୟ ଅସମ୍ଭବ ହୋଇଯାଇଛି। ଅର୍ଥାତ୍ ମହାଶକ୍ତିଙ୍କ ନିକଟରେ ଏତେ ଅଣୁ ଅସ୍ତ୍ରଶସ୍ତ୍ର ରହିଛି ଯେ, ଯଦି ସେମାନଙ୍କ ମଧ୍ୟରେ ଯୁଦ୍ଧ ହୁଏ; ତେବେ ବିଜୟ ପରିବର୍ତ୍ତେ ବିନାଶ ସୁନିଶ୍ଚିତ। ତଥାପି ୧୯୪୫ ପରେ ଆଣବିକ ଶକ୍ତିସମ୍ପନ୍ନ ଦେଶଗୁଡ଼ିକ ପରୋକ୍ଷ ଭାବେ ଛାୟାଯୁଦ୍ଧ ଏବଂ ଆଞ୍ଚଳିକ କ୍ଷେତ୍ରରେ ଆର୍ଥିକ, ରାଜନୈତିକ ଓ ସାମାଜିକ ଅସ୍ଥିରତା ସୃଷ୍ଟି କରି ଏହା କରିପାରୁଥିଲେ। ଯେତେ ହିଂସାତ୍ମକ ହେଲେ ବି ଏହିସବୁ ସଂଘର୍ଷ ବିଂଶ ଶତାବ୍ଦୀର ଦୁଇ ବିଶ୍ୱଯୁଦ୍ଧର ହିଂସାତ୍ମକ ସ୍ଥିତି ଆଡ଼କୁ ବଢ଼ିବ ବୋଲି ଆଶା କରାଯାଉ ନ ଥିଲା। ହେଲେ ୨୦୨୨ରୁ ଯୁକ୍ରେନ୍ ? ଉପରେ ରୁଷିଆର ଆକ୍ରମଣ ସେହି ବିଶ୍ୱାସକୁ ଧୂଳିସାତ୍ କରିଦେଇଛି। ୧୯୯୪ ବୁଦା ପେଷ୍ଟ ମେମୋରାଣ୍ଡମ ଅନୁଯାୟୀ ଯେଉଁ ସ୍ୱାଧୀନ ଦେଶର ସୁରକ୍ଷାକୁ ରୁଷିଆ ନିଶ୍ଚିତ କରିଥିଲା, ତାହା ଉପରେ ଆକ୍ରମଣ କରିବାକୁ ନିର୍ଦ୍ଦେଶ ଦେଇ ଭ୍ଲାଡିମୀର ପୁଟିନ୍ ବିଶ୍ୱ ବ୍ୟବସ୍ଥାର ମୌଳିକ ମାନ୍ୟତାକୁ ଅଣଦେଖା କରିଛନ୍ତି। ଯୁକ୍ରେନ୍ ଯୁଦ୍ଧ ଦର୍ଶାଇଛି, ଆଣବିକ ଅସ୍ତ୍ର ବଳରେ ଏକ ମହାଶକ୍ତି ପରମାଣୁ ଯୁଦ୍ଧକୁ ଅଗ୍ରାଧିକାର ନ ଦେଇ ଏକ ପୂର୍ଣ୍ଣ ପାରମ୍ପରିକ ଯୁଦ୍ଧ କରିପାରେ। ଏହାସହ ପରମାଣୁ ଯୁଦ୍ଧ ଆରମ୍ଭ ନ କରି ପ୍ରତିରୋଧୀ କାର୍ଯ୍ୟ କରାଯାଉଛି। ତେବେ ଆଣବିକ ପ୍ରତିରୋଧ ଅସ୍ତ୍ରଶସ୍ତ୍ରଗୁଡ଼ିକ ଉପରେ ନୁହେଁ, ବରଂ ସେସବୁର ବ୍ୟବହାର ସମ୍ପର୍କିତ ପ୍ରତ୍ୟାଶା ଉପରେ ନିର୍ଭର କରେ। ଅପରପକ୍ଷରେ, ଏହି ପଦକ୍ଷେପ ନୀତି ବଦଳାଇଥିବା ଦେଶଗୁଡ଼ିକୁ ସେମାନଙ୍କ ସ୍ୱାର୍ଥ ପାଇଁ ଅନ୍ତର୍ଜାତୀୟ ବ୍ୟବସ୍ଥାର ନିୟମଗୁଡ଼ିକର ପୁନର୍ଗଠନ କରିବା ସକାଶେ ଏକ ସୁଯୋଗ ସୃଷ୍ଟି କରିଛି। ସେମାନେ ବଳ ପ୍ରୟୋଗ କରି ଏହା କରିବାକୁ ଚାହୁଁଛନ୍ତି। କୌଣସି ଦେଶ ଅନ୍ୟର ସୀମା ଉଲ୍ଲଂଘନ କରିବା ଅନୁଚିତ, ଯାହା ଜାତିସଂଘ ବ୍ୟବସ୍ଥାର ଏକ ଆଧାରଶିଳା। କିନ୍ତୁ ଏହାକୁ ଏବେ ଏକ ସର୍ତ୍ତଗତ ନୀତି ଭାବେ ବିଚାର କରିବା ଛାଡ଼ ବରଂ ଏକ ନିୟମ ଭାବେ ବି ଗ୍ରହଣ କରାଯାଉନାହିଁ। ଏହାକୁ କେହି ଲାଗୁ କରିବାକୁ ଇଚ୍ଛୁକ ହେଲେ ହିଁ ଏହା ବୈଧ ହେବ। ଉଲ୍ଲେଖଯୋଗ୍ୟ, ଗତ ୫ ବର୍ଷ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ରଣନୀତିକ ବିବାଦ ଆଣବିକ ଶକ୍ତିସମ୍ପନ୍ନ ଦେଶଗୁଡ଼ିକ ତରଫରୁ ଆରମ୍ଭ ହୋଇଛି। ଯୁକ୍ରେନ୍‌କୁ ଅଧୀନକୁ ନେବା ଲାଗି ରୁଷିଆ ଚେଷ୍ଟା କଲା। ୭ ଅକ୍ଟୋବର ୨୦୨୩ରେ ହମାସ୍ ଆକ୍ରମଣର ପ୍ରତିକ୍ରିୟା ସ୍ୱରୂପ ଇସ୍ରାଏଲ ଗାଜା, ଲେବାନନ୍, ସିରିଆ, ୟେମେନ୍ ଓ ପରେ ଇରାନ୍ ଉପରେ ସାମରିକ ଆକ୍ରମଣ ଆରମ୍ଭ କରିଦେଲା। ଆମେରିକା ବୈଶ୍ୱିକ ବ୍ୟବସ୍ଥା ଗଠନ କରିବାରେ ସାହାଯ୍ୟ କରିଥିଲା। ହେଲେ ସେହି ବ୍ୟବସ୍ଥାର ଗ୍ୟାରେଣ୍ଟର ନ ହୋଇ ତାହାର ଅଧିକ କ୍ଷତି କରିଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗ୍ରୀନ୍‌ଲାଣ୍ଡକୁ ଦଖଲ କରିବାକୁ ଧମକ ଦେଇଛନ୍ତି। ଏହାସହ ଭେନେଜୁଏଲାରେ ହସ୍ତକ୍ଷେପ କରି ତାହାର ରାଷ୍ଟ୍ରପତିଙ୍କୁ ଅପହରଣ କଲେ। ଏହା ପରେ ଏବେ ଇରାନ୍ ସହ ଯୁଦ୍ଧ କରିଛନ୍ତି। ଆମେରିକା କଂଗ୍ରେସର ବିନା ଅନୁମତି କିମ୍ବା ଉପରେ ଜାତିସଂଘର ସ୍ୱୀକୃତି ନଥାଇ ଏହା କରାଯାଇଛି। ବିଗତ ୪ ବର୍ଷ ମଧ୍ୟରେ ରୁଷିଆ ଦର୍ଶାଇଛି ଯେ, ଆର୍ଥିକ କଟକଣାକୁ ମୁକାବିଲା କିମ୍ବା ସହ୍ୟ କରାଯାଇପାରେ। ଆଉ ମଧ୍ୟ ଦର୍ଶାଇଛି ଯେ, ପାଶ୍ଚାତ୍ୟ ଯୁଦ୍ଧ ପଦକ୍ଷେପଗୁଡ଼ିକ ଶିଳ୍ପ ଓ ରାଜନୈତିକ କଟକଣାର ସମ୍ମୁଖୀନ ହୋଇଛି ଏବଂ ଆଣବିକ ସୁରକ୍ଷା ପୂର୍ବ ବିଶ୍ୱାସ ତୁଳନାରେ ଏବେ ଅଧିକ ଭୂଖଣ୍ଡ ଦଖଲ କରିବା ପାଇଁ ଅନୁମତି ଦେଉଛି। ପରିଣାମ ସ୍ୱରୂପ ସ୍ଥାନୀୟ ସଂଘର୍ଷ ବୃଦ୍ଧି ହେଉଛି, ଯାହା ସେହି ଅଞ୍ଚଳରେ ସୀମିତ ନ ରହି ବ୍ୟାପୁଛି। ଯଦି ଲଗାତର ପାରମ୍ପରିକ ହିଂସା ଜାରି ରହେ, ତେବେ ତାହା ତୃତୀୟ ବିଶ୍ୱଯୁଦ୍ଧ ଘଟିପାରେ। ●

# ଓଡ଼ିଆ ପକ୍ଷ ପାଳନ

■ କୃଷ୍ଣପ୍ରିୟା ବେହେରା ...

ଓଡ଼ିଶା ସରକାର ଗତ ବର୍ଷ ଠାରୁ ଓଡ଼ିଆ ପକ୍ଷ ପାଳନ ଆରମ୍ଭ କରିଛନ୍ତି। ଏହା ଏପ୍ରିଲ୍ ୧ ରୁ ଆରମ୍ଭ ହୋଇ ଏପ୍ରିଲ୍ ୧୪ ତାରିଖ ପର୍ଯ୍ୟନ୍ତ ଚାଲେ। ଦୀର୍ଘ ୧୪ ଦିନ ଧରି ଏହି ଦିବସ ପାଳିତ ହୋଇଥାଏ।ଏହା ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ସ୍ତରରେ ପାଳନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଓଡ଼ିଆ ପକ୍ଷ ପାଳନ ଅବସରରେ ଏପ୍ରିଲ୍ ୧ ରେ ଉତ୍କଳ ଦିବସ, ୨ ରେ ଖଡ଼ି ଛୁଆଁ ଦିବସ,୩ ରେ ହସ୍ତତନ୍ତ ଦିବସ,୪ ରେ ଓଡ଼ିଆ ନାମ ଫଳକ ଅଭିଯାନ, ୫ ରେ ଐତିହ୍ୟ ଗଣ ଦୌଡ଼ ଦିବସ,୬ ରେ ସ୍ୱଚ୍ଛ ଓଡ଼ିଶା ଦିବସ,୭ ରେ ବର୍ଣ୍ଣବୋଧ ଦିବସ,୮ ରେ ରକ୍ତ ଦାନ ଦିବସ,୯ ରେ ଆସ ବହିଟିଏ କିଣିବା ଦିବସ,୧୦ ରେ ଲୋକ କଳା ଦିବସ,୧୧ ରେ ଯିବ ଲେଖକ ସମ୍ମିଳନୀ,୧୨ ରେ ଓଡ଼ିଶାର ବର ପୁତ୍ର ମାନଙ୍କ ଉପରେ ଆଲୋଚନା,୧୩ ରେ ପାରମ୍ପରିକ ଖାଦ୍ୟ ଦିବସ ପାଳନ,୧୪ ରେ ଓଡ଼ିଆ ନବ ବର୍ଷ ପାଳନ କରିବା ପାଇଁ ଗୁରୁତ୍ୱ ଦିଆ ଯାଇଛି। କିନ୍ତୁ ପ୍ରଶ୍ନ ଉଠେ ଓଡ଼ିଆ ପକ୍ଷ ପାଳନ କାହିଁକି ଆବଶ୍ୟକ ? ଏମିତି କଣ ହେଲା ଉତ୍କଳୀୟଙ୍କୁ ତାଙ୍କ ଅତୀତ, ଐତିହ୍ୟ,ସଂସ୍କୃତି, ପରମ୍ପରା ଏବଂ ବୀର ଗାଥା ମନେ ପକାଇବାକୁ ପଡ଼ିଲା ?

୧୯୩୬ ମସିହା ଏପ୍ରିଲ୍ ୧ରେ ଓଡ଼ିଶା ସ୍ୱତନ୍ତ୍ର ଅଥବା ସ୍ୱାଧୀନ ହୋଇଥିଲା ଏବଂ ପ୍ରତ୍ୟେକ ଓଡ଼ିଆ ଏକ ସ୍ୱତନ୍ତ୍ର ପରିଚୟ ପାଇଥିଲା।୨୦୧୪ ମସିହା ମାର୍ଚ୍ଚ ୧୧ ତାରିଖରେ କେନ୍ଦ୍ର ସରକାରଙ୍କଠାରୁ ବିଧିବଦ୍ଧ ଭାବେ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଥିଲା। ଏହି ମାନ୍ୟତା ପାଇବାରେ ଓଡ଼ିଆ ଭାରତର ଷଷ୍ଠ ଭାଷା ଥିଲା। ପୂର୍ବରୁ ଏହା ଏକ ଭାଷା ନୁହେଁ ବୋଲି କହୁ ଥିଲେ। ଏହା ଆମର ମାତୃ ଭାଷା। ଆମ ମାଟିର ଭାଷା। ମାଆର ଭାଷା। ଅର୍ଥାତ୍ ଶିଶୁ ଜନ୍ମ ନେବା ପରେ ସର୍ବ ପ୍ରଥମେ ସେ ଶବ୍ଦ ଉଚ୍ଚାରଣ କରିବା ଓ କଥା କହିବା ତା' ମାଆଠୁ ଶିଖି ଥାଏ। ଫଳରେ ଶିଶୁ ଆଉ ମାଆ ପରସ୍ପର ଭାବ ବିନିମୟ କରି ଥାନ୍ତି। ଏହା କେବଳ ଭାବ ବିନିମୟର ମାଧ୍ୟମ ନୁହେଁ ବରଂ ବ୍ୟକ୍ତିର ଚିନ୍ତା ଧାରା,ସଂସ୍କୃତି, ସୃଜଶୀଳତା ଏବଂ ବୌଦ୍ଧିକ ବିକାଶର ମୂଳଦୁଆ। ମାତୃ ଭାଷା ବ୍ୟକ୍ତିକୁ ଜୀବନ ଦାନ ଦେବା ସଙ୍ଗେ ସଙ୍ଗେ ପରିଚୟ ମଧ୍ୟ ଦେଇଥାଏ। ଏହା ଦ୍ୱାରା ବ୍ୟକ୍ତିର ବ୍ୟକ୍ତିତ୍ୱର ବିକାଶ ହୋଇ ଥାଏ।

ଓଡ଼ିଆ ଗର୍ବ କରେ ତା' ଭାଷା, ବେଶଭୂଷା, ସଂସ୍କୃତି ଓ ଐତିହ୍ୟ ପାଇଁ। ସମୟ ଚକ୍ରରେ ଅନେକ କିଛି ପରିବର୍ତ୍ତନ ହେଉଛି। ପରିବର୍ତ୍ତନ ସ୍ୱାଭାବିକ ଏବଂ ଆବଶ୍ୟକ। କାରଣ ଏହା ନୂତନତା ଆଣି ଥାଏ। ଓଡ଼ିଆ ଭିତରେ ପରିବର୍ତ୍ତନ ଆସିଛି। ସେ ନିଜକୁ ଅନେକାଂଶରେ ବଦଳେଇଛି। ପ୍ରଥମତଃ ନିଜ ଜୀବନ ଶୈଳୀରେ ଘୋର ପରିବର୍ତ୍ତନ ସ୍ୱୟଂ ଆଣିଛି। ତା' ମତରେ ଏହା ଜରୁରୀ। ସେ ଶିକ୍ଷା ଦିକ୍ଷା ଲାଭ କରି ଡିଗ୍ରୀ ହାସଲ କରିଛି। କୌଣସି ବିଷୟକୁ ଆଖି ବୁଜି ଗ୍ରହଣ କରୁନି। ସବୁଥିରେ ବୈଜ୍ଞାନିକ କାରଣ ଖୋଜୁଛି। କେତେଦୂର ତାହା ବିଜ୍ଞାନ ସମ୍ମତ କି ନାହିଁ ବିଚାର କରୁଛି। ଯଦି ତା' ମନ ମାନୁଛି ତାହେଲେ ସେ ଗ୍ରହଣ କରୁଛି ନ ହେଲେ ଅଣ ଦେଖା କରୁଛି। ବହୁତ ଗୁଡେ ଜିନିଷକୁ ଜାଣି ଶୁଣି କରିବାକୁ ଚାହୁଁ ନାହିଁ। କୌଣସି ପ୍ରଥା ପରମ୍ପରାକୁ ମାନିବାକୁ ଅରାଜି ହେଉଛି। ପାରମ୍ପରିକ ଖାଦ୍ୟ ଖାଇବାକୁ ଚାହୁଁନି। ପଖାଳ, ଶାଗ, ଚୁଡ଼ା, ମୁଢ଼ି, ହୁଡୁମ ନାଁ ଶୁଣିଲା



ମାନେ ନାକ ଟେକୁଛି। ପିଠା ପଣା କହିଲେ କୋଶ ଦୂରକୁ ଦଉଡୁଛି। ଛଣା ପିଠା ଦେଖିଲେ ଅଏଲି କହି ଖାଉନି।କ୍ଷୀରି,ଖେଚେଡ଼ି,ତରକାରୀ, ବିରୀ ଚାଉଳ ପିଠା ତାକୁ ଗରିଷ୍ଠ ହେଇ ଯାଉଛି। ସୁସ୍ଥତାର ବାହାନା କରି ନା ନିଜେ ଖାଉଛି ନା ପିଲା ମାନଙ୍କୁ ଖୁଆଉଛି।କର୍ମ ବ୍ୟସ୍ତତା ଆଳରେ ନିତି ନୀୟମ କିଛି ମାନୁନି। ବାର ଅବାର, ପୂର୍ଣ୍ଣମୀ, ଅମାବାସ୍ୟା, ସଂକ୍ରାନ୍ତି ତା' ପାଇଁ କିଛି ନାହିଁ।ଦୈନନ୍ଦିନ କିଛି ନା କିଛି ଉତ୍ସବ ପାଳୁଛି। ସେସବୁ ତା ପାଇଁ ଆନନ୍ଦ ଦାୟକ। ଚାଇନିଜ୍, ଇଟାଲିଆନ ଖାଦ୍ୟ ଖାଉଛି। ସଙ୍ଗୀତରେ ତଳେ ତାଳେ ନୃତ୍ୟ କରୁଛି। ସାଙ୍ଗ ସାଥି ମେଳରେ ଭାରି ଖୁସି ହେଉଛି। କେତେ ଭୋଜି ଭାତ କରୁଛି। କେତେବେଳେ ଜନ୍ମଦିନ ତ ପୁଣି କେତେବେଳେ ବିବାହ ବାର୍ଷିକୀ, କେତେବେଳେ ମାତୃ ଦିବସ ତ କେତେବେଳେ ପିତୃ ଦିବସ, ବିବାହ ପୂର୍ବ, ବିବାହ ପରବର୍ତ୍ତୀ ଦିବସ, ଗର୍ଭ ଧାରଣ ଦିବସ,ଏମିତି ଅନେକ ନୂଆ ନୂଆ ପର୍ବ ପାଳୁଛି।କିନ୍ତୁ ପାରମ୍ପରିକ ପର୍ବ ପର୍ବାଣୀ କଥା ଆସିଲେ ସମୟ ନାହିଁ, ଘରେ ଲୋକ ନାହାଁନ୍ତି, ଶରୀର ଅସୁସ୍ଥ ଆଳ ଦେଖାଇ ପଛଘୁଞ୍ଚା ଦେଉଛି। ବିଶେଷ ଦିନ ଗୁଡ଼ିକୁ ଭୁଲି ବି ଯାଉଛି। ଭୁଲ୍ ବଶତଃ କିଏ ମନେ ପକାଇ ଦେଲେ ବି ଭୁଲି ଯାଇଛି କହୁଛି। ଠାକୁରେ ସବୁ ଜାଣିଛନ୍ତି କହି ନିଜ ବାଟରେ ରହୁଛି। ଅନେକ ଥର ଅଭିଯୋଗ କରୁଛି ଏତେ ସବୁ କଲା କିଏ। ଯାହାର କିଛି କାମ ନାହିଁ, ସିଏ ଏସବୁ ଅଯଥା କମ କରିବ। ଏସବୁ କରିକି ଲାଭ କଣ ଅଛି। ସେ ପ୍ରତ୍ୟେକ କ୍ଷେତ୍ରରେ ଲାଭ କ୍ଷତି ଦେଖୁଛି।

ସେ ପାରମ୍ପରିକ ପୋଷାକ ପିନ୍ଧିବାକୁ ପସନ୍ଦ କରୁନି। ବାଧ ବାଧକତାରେ କେତେବେଳେ କେମିତି ପିନ୍ଧୁଛି। କଦବା କ୍ୱଚିତ ପିନ୍ଧିଲେ ସେ କେମିତି ସହଜରେ କାମ କରି ପାରୁନି ବୋଲି ବାରମ୍ବାର କହି ହେଉଛି। ଶାଢ଼ୀ ପରିବର୍ତ୍ତେ ଫ୍ରକ୍, ଗାଉନ, ପ୍ୟାଣ୍ଟ, ସାର୍ଟ, ନାଇଟି ଏ ସବୁ ତାକୁ ଭଲ ଲାଗୁଛି। ଶାଢ଼ୀରେ ତା' ସୁନ୍ଦରତା ନଷ୍ଟ ହେଇ ଯାଉଛି କହି ଦୁଃଖ କରୁଛି। ସେଇଭଳି ପୁରୁଷ କେହି ଧୋତି ପିନ୍ଧୁ ନାହାଁନ୍ତି। ଅନେକେ ପିନ୍ଧିବା ଜାଣି ନାହାଁନ୍ତି। ଧିରେ ଧିରେ ଓଡ଼ିଆଙ୍କ ଭିତରେ ଶାଢ଼ୀ, ଧୋତିର ଚାହିଦା କମି କମି ଯାଉଛି। ବିଶେଷତଃ ପାଟ ଶାଢ଼ୀ ଯାହା ଓଡ଼ିଆଙ୍କ ପରିଚୟ ଧିରେ ଧିରେ ହଜିବାକୁ ବସିଲାଣି। ସମସ୍ତଙ୍କ ପସନ୍ଦ ହାଲକା ନରମ ଶାଢ଼ୀ। ସମ୍ବଲପୁରୀ ପାଟ ହେଉ କି କଟନ ହେଉ ଟିକେ ଓଜନିଆ ଶାଢ଼ୀ, ଯୋଉଥି ପାଇଁ ଲୋକ ପିନ୍ଧିବାକୁ ଅରାଜି ହେଉଛନ୍ତି। ସେଇଭଳି ଧୋତି ମଧ୍ୟ। ଦୁଃଖର ବିଷୟ ହେଉଛି ସେ ଯୋଉ ମାଟିରେ ରହୁଛି, ସେଇ ମାଟିକୁ ନିନ୍ଦୁଛି। ମାତୃ ଭାଷା କହିବାକୁ ଲଜ୍ୟା ଅନୁଭବ କରୁଛି। ତଥା କଥିତ ଶିକ୍ଷିତ ଗୋଷ୍ଠୀଙ୍କ ମଧ୍ୟରେ ଏହା ବେଶୀ ଦେଖା ଯାଉଛି। କଥା କଥାକେ ଇଂରାଜୀ ଶବ୍ଦର ବ୍ୟବହାର କରୁଛନ୍ତି।ଯେତେବେଳେ ଇଂରାଜୀରେ ପାରୁ ନାହାଁନ୍ତି ସେତେବେଳେ ହିନ୍ଦୀରେ କଥା ହେଉଛନ୍ତି। ଓଡ଼ିଆ,ଅନ୍ୟ ଭାଷାର ବ୍ୟବହାର ପ୍ରବଳ କରୁଛି। ଅନ୍ୟ ଭାଷାରେ କଥା ହେଲା ବେଳେ ଗର୍ବ ଅନୁଭବ କରୁଛି। 'ମତେ ଓଡ଼ିଆ ଆସେ ନାହିଁ' ବୋଲି ଲଜ୍ୟା ବିହୀନ ହୋଇ କହୁଛି। କହିଲା ବେଳେ ତା ମୁଖ ମଣ୍ଡଳରେ ପରିହାସର ଏକ ଲହରୀ ଖେଳି ଯାଉଛି। ଓଡ଼ିଆ କହିଲା ବେଳେ ତା ଜିହ୍ୱା ଓ ଓଠର ଭଙ୍ଗୀ ବଦଳି ଯାଉଛି। ଫଳରେ ଶବ୍ଦ ଅପଭ୍ରଂଶ ହୋଇ ଉଚ୍ଚାରିତ ହେଉଛି। ଅନେକ ସମୟରେ ବୁଝି ହେଉନି। ବୁଝିବା ପାଇଁ ଚେଷ୍ଟା କଲେ ବି ଅର୍ଥ ଅନର୍ଥ ହେଇ ଯାଉଛି। ଶିକ୍ଷା କ୍ଷେତ୍ରରେ ବର୍ତ୍ତମାନ୍ ଏହା ଏକ ସାଧାରଣ କଥା ହେଇ ଯାଇଛି। ବୁଦ୍ଧିଜୀବୀ ମାନେ ଓଡ଼ିଶାରେ ଜନ୍ମ ହୋଇ, ଓଡ଼ିଆ ମାଧ୍ୟମରେ ବିଦ୍ୟାଳୟରେ ପାଠ ପଢ଼ି ଥିଲେ ମଧ୍ୟ ଓଡ଼ିଆରେ ପଢ଼ାଇବାକୁ କୁଣ୍ଠା ବୋଧ କରନ୍ତି। ଦାମ୍ଭିକତାର ସହ ଓଡ଼ିଆ ଭାଷାରେ ପଢ଼ାଇ ପାରିବେ ନାହିଁ ବୋଲି କହନ୍ତି।ଯୋଉଠି ଜ୍ଞାନୀ, ଗୁଣୀ ଏବଂ ବୁଦ୍ଧିଜୀବି ନିଜ ମାଟି ମାଆ ଆଉ ମାତୃ ଭାଷାର ମାନ ରଖି ପାରିବେ ନାହିଁ ସେଠି ଆଉ କାହାକୁ କହିବା। ବୋଧେ ଓଡ଼ିଆଙ୍କର ଓଡ଼ିଆ ଭାଷା ଓ ସଂସ୍କୃତି ପ୍ରତି ବିମୁଖତାକୁ ସରକାର ଅନୁଭବ କରିଛନ୍ତି। ସେଇଥି ପାଇଁ ଓଡ଼ିଆ ପକ୍ଷ ପାଳନ କରିବା ପାଇଁ ଶିକ୍ଷାନୁଷ୍ଠାନ ଗୁଡ଼ିକୁ ବାଧ୍ୟ କରିଛନ୍ତି। କିନ୍ତୁ କେତେଦୂର ଏହା ସଫଳ ହେବ ତାହା ସମୟ କହିବ। କାରଣ ଏହା ଫୋଟୋ, ଭିଡିଓ, କାଗଜ କଲମରେ ଲିପିବଦ୍ଧ ହୋଇ ରହି ଯାଉଛି।ତଥାପି ଯଦି ଓଡ଼ିଆମାନେ ବାଧ୍ୟରେ ନୁହେଁ ଶ୍ରଦ୍ଧାରେ ପାଳନ କରିବେ ଏବଂ ନିଜର ନୈତିକ କର୍ତ୍ତବ୍ୟ ବୋଲି ଭାବିବେ, ତେବେ ହୁଏତ ଏହା ଶତ ପ୍ରତିଶତ ସଫଳ ହେବ। ନ ହେଲେ କେବଳ ଏହା ଏକ ପ୍ରହସନ ହୋଇ ରହିଯିବ।

# ଦାରିଦ୍ର୍ୟ ଦୂରୀକରଣ କ'ଣ ଏକ ଅସରନ୍ତି ଯୋଜନା ?

■ ଜାନକୀଶ ବଡ଼ପଣ୍ଡା...

କେରଳ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣିତ ଅତି-ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ (ଇପିଇପି ବା ଏକଷ୍ଟ୍ରିମ୍ ପଭର୍ଟି ଇରାଡିକେସନ୍ ପ୍ରୋଗ୍ରାମ) ଆରମ୍ଭ କରାଗଲା ବେଳେ ଲକ୍ଷ୍ୟ ରଖାଯାଇଥିଲା କିଭଳି ରାଜ୍ୟରୁ ଦାରିଦ୍ର୍ୟ ସମ୍ପୂର୍ଣ୍ଣ ଦୂରୀକରଣ କରାଯାଇପାରିବ। ଲକ୍ଷ୍ୟ ହାସଲ ହେବା ପରେ ଏବେ ଏହି କାର୍ଯ୍ୟକ୍ରମ ସମଗ୍ର ବିଶ୍ୱ ପାଇଁ ଏକ ଉଦାହରଣ ହୋଇ ଯାଇଛି। ଏବେ ତୃତୀୟ ବିଶ୍ୱର ଦେଶମାନଙ୍କରେ ଦାବି ହେଉଛି ଯେ କେରଳ ମଡେଲରେ ଦାରିଦ୍ର୍ୟ ଦୂରୀକରଣ କର। ଏହି ମଡେଲର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଯେ, ଏହା ଯାହା ସବୁ ଅଭାବ ରହିଛି, ସେସବୁକୁ ଚିହ୍ନଟ କରେ ଏବଂ ଏକ ନୂତନ ପଦ୍ଧତି ମାଧ୍ୟମରେ ସମାଧାନ କରିବାକୁ ଆଲୋକ ଦେଖାଏ। ପ୍ରଥମ ଏବଂ ଦ୍ୱିତୀୟ ସମାବେଶୀ ବିକାଶ ଲକ୍ଷ୍ୟ (ସଷ୍ଟେନେବଲ ଡେଭଲପମେଣ୍ଟ ଗୋଲ୍) ପ୍ରାୟ ହାସଲ କରିବା ବ୍ୟତୀତ, ସ୍ଥାନୀୟ ଶାସନ, ବିଭିନ୍ନ ଗୋଷ୍ଠୀ ଏବଂ ବିକାଶ ପ୍ରକ୍ରିୟାରେ ନିୟୋଜିତ ସଂସ୍ଥାଗୁଡ଼ିକୁ ସାମିଲ କରି ଲଗାତାର ଭାବେ ଅଂଶଗ୍ରହଣ କରିବାକୁ ଏହି ମଡେଲ୍ ଉତ୍ସାହିତ କରେ ଏବଂ କିପରି ଦାରିଦ୍ର୍ୟ ଦୂର କରାଯାଇପାରିବ ତାହାର ଉପାୟ ଗୁଡ଼ିକୁ ନିର୍ଣ୍ଣୟ କରି କାର୍ଯ୍ୟକାରୀ କରେ।

ଦାରିଦ୍ର୍ୟ ଦୂରୀକରଣ ଯୋଜନାଗୁଡ଼ିକୁ ଅସରନ୍ତି କାର୍ଯ୍ୟ ଭାବରେ ଦେଖାଯିବା ଉଚିତ। ଇପ୍ସିତ ଲକ୍ଷ୍ୟ ସାଧିତ ହେବା ପରେ କାମ ସରିଗଲା ମନେକରି ଦାରିଦ୍ର୍ୟ ଦୂରୀକରଣ ଯୋଜନା ଗୁଡ଼ିକୁ ପ୍ରତ୍ୟାହାର କରିନେଲେ କିମ୍ବା ସାମାନ୍ୟତମ ଅବହେଳା ପ୍ରଦର୍ଶନ କଲେ, ଦାରିଦ୍ର୍ୟର କଳା ବାଦଲ ଘୋଟି ଆସିବା ବିଚିତ୍ର ନୁହେଁ। ୨୦୨୧ ମସିହା ମଇ ମାସରେ ପିନାରାଇ ବିଜୟନଙ୍କ ନେତୃତ୍ୱରେ ଏଲଡିଏଫ୍ ସରକାରଙ୍କ ଦ୍ୱିତୀୟ ପାଳିର ପ୍ରଥମ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଥିଲା। ସେଦିନ ଅତି-ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ (ଇପିଇପି) ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଥିଲା। ନୀତି ଆୟୋଗ ପକ୍ଷରୁ ୨୦୨୩ ମସିହା ପାଇଁ ପ୍ରକାଶିତ ଜାତୀୟ ଦାରିଦ୍ର୍ୟ ସୂଚକାଙ୍କ ଅନୁଯାୟୀ ମୁଣ୍ଡ ଗଣନା ଅନୁପାତ ଆଧାରରେ କେରଳ ଥିଲା ସବୁଠାରୁ କମ୍ ଦାରିଦ୍ର୍ୟଗ୍ରସ୍ତ ରାଜ୍ୟ। କେରଳରେ ରାଜ୍ୟ ଜନସଂଖ୍ୟାର ମାତ୍ର ୦.୫୫ ପ୍ରତିଶତ ଗରିବ ଥିଲାବେଳେ ଜାତୀୟ ହାର ଥିଲା ୧୪.୯୬ ପ୍ରତିଶତ। କେରଳ ସରକାର ଏକ ଦୃଢ଼ ସ୍ଥାନୀୟ ଶାସନ ସଂସ୍ଥା ବ୍ୟବସ୍ଥା ଏବଂ କୁଡୁମ୍ବାଶ୍ରୀ କର୍ମୀଙ୍କ ଦ୍ୱାରା ପ୍ରାୟ ୪ ଲକ୍ଷ୍ୟ ତାଲିମପ୍ରାପ୍ତ ଗଣନାକାରୀଙ୍କୁ ନିଯୁକ୍ତ କରି ଅତି-ଗରିବ ଲୋକଙ୍କୁ ଚିହ୍ନଟ କରିଥିଲେ। ସେଠାରେ ଅତି-ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମକୁ ଯେଭଳି ଭାବେ କ୍ରିୟାନ୍ୱୟନ କରାଗଲା ତାହାକୁ ଏବେ କୁହାଯାଉଛି କେରଳ ମଡେଲ୍।

ଦାରିଦ୍ର୍ୟ ବିରୋଧରେ ଲଢ଼ିବା ଏକ କେବେ ଶେଷ ନହେବା କାର୍ଯ୍ୟ। ଅତି-ଦାରିଦ୍ର୍ୟ ଦୂର କରିବା ସହିତ କୌଣସି ନୂତନ ପରିବାର ଯେପରି ଅତି-ଦାରିଦ୍ର୍ୟ ମଧ୍ୟକୁ ନଆସିବେ ତାହା ନିଶ୍ଚିତ କରିବା ପାଇଁ ଇପିଇପି-୨.୦ ମଧ୍ୟ ଆରମ୍ଭ କରିଛନ୍ତି। ମିଶନ ଭାବରେ ସମସ୍ତ ପ୍ରକାରର ଦାରିଦ୍ର୍ୟକୁ ମୁକାବିଲା କରିବାକୁ ବିଜୟନଙ୍କ ଏଲଡିଏଫ ସରକାର ପ୍ରତିଶ୍ରୁତି ଦେଇଆସିଛନ୍ତି। 'କେରଳ ମଡେଲ୍'ର ଯେ ସମାଲୋଚକ ନାହାନ୍ତି; ତାହା ନୁହେଁ। ସେମାନଙ୍କ ଅଭିଯୋଗ ଯେ, ରାଜ୍ୟର ଅଭିବୃଦ୍ଧି ନାହିଁ କହିଲେ ଚଳେ। ଅଭିବୃଦ୍ଧି ପ୍ରାୟତଃ ସ୍ଥିର ହୋଇ ଯାଇଛି ଏବଂ ବେକାରୀ ବଢିଛି ଓ ଏହି ଦୁଇଟି ହିଁ ପ୍ରମାଣ କରେ ଯେ, ଅତି-ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ (ଇପିଇପି) ବିଫଳ ହୋଇଛି। ଯଦିଓ କେରଳ ରାଜ୍ୟ ସରକାର ଏହି କ୍ଷେତ୍ରଗୁଡ଼ିକରେ ନିଅଣ୍ଟ ପୂରଣ କରିବା ପାଇଁ ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପ ଏବଂ ଉଚ୍ଚ-ପ୍ରଯୁକ୍ତି ସବୁଜ ଶିଳ୍ପକୁ ତ୍ୱରାନ୍ୱିତ କରିଛନ୍ତି ଏବଂ ବେକାରୀ ଦୂର କରିବା ପାଇଁ ଶିକ୍ଷିତ ଯୁବାବର୍ଗଙ୍କୁ ମଧ୍ୟ ଦକ୍ଷତା ତାଲିମ ପ୍ରଦାନ କରୁଛନ୍ତି, ତଥାପି ତାହା ବିରୋଧୀଙ୍କୁ ସନ୍ତୁଷ୍ଟ କରି ପାରିନି।

ଇପିଇପି ପ୍ରମାଣିତ କରିଛି ଯେ ଏକ ପ୍ରଗତିଶୀଳ ଶାସନ ବ୍ୟବସ୍ଥା ସାମାଜିକ ସୁରକ୍ଷା କିମ୍ବା ସ୍ଥାୟୀତ୍ୱ ସହିତ ବିନା ବିରୋଧାଭାଷରେ ଏକକାଳୀନ କଲ୍ୟାଣ ଏବଂ ଅଭିବୃଦ୍ଧିର ମୂଳ କାରଣ ହୋଇପାରିବ। ବହୁଳ ଭାବରେ ବ୍ୟବହୃତ ଗୋଷ୍ଠୀ-ଚାଳିତ ମଡେଲ୍ ତ୍ରୁଟିହୀନ ନ ହୋଇପାରେ, କିନ୍ତୁ ଏହା ସ୍ୱୟଂ-ବିକଶିତ ଏବଂ ତୃଣମୂଳ ସ୍ତରରେ ଗଣତନ୍ତ୍ରକୁ ସୁଦୃଢ଼ କରେ। ଏହା ଜନ-ବିକାଶର ବିକଳ୍ପ ଉଦାହରଣ ଭାବେ ନିଜକୁ ଉପସ୍ଥାପିତ କରି ସାରିଛି ଏବଂ ନୀତି ଆୟୋଗଙ୍କ ପ୍ରଶଂସା ପାଇଛି। କେରଳର ଏହି ସଫଳତାର କାହାଣୀ ଓଡ଼ିଶା ଭଳି ରାଜ୍ୟ ପାଇଁ ନିଶ୍ଚିତ ଭାବେ ଆଦର୍ଶ। ୨୦୩୬ ମସିହା ବେଳକୁ ଆମେ ଅତି-ଗରୀବ ଏବଂ



ଗରୀବ ଲୋକଙ୍କ ସହିତ ବିକଶିତ ଓଡ଼ିଶା ଗଢ଼ି ପାରିବା ନାହିଁ।ଆମ ଦେଶରେ ବିଭିନ୍ନ ସମୟରେ ପ୍ରଚଳିତ ପାରମ୍ପରିକ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମଠାରୁ କେରଳର ଦାରିଦ୍ର୍ୟ ହ୍ରାସ ଆଭିମୁଖ୍ୟ ଭିନ୍ନ ଥିବାର ନିଶ୍ଚୟ ଆମ ନଜରକୁ ଆସିବ। ସେଠାରେ ଦୀର୍ଘଦିନ ଧରି ଚାଲିଥିବା ଭୂସଂସ୍କାର, ସାର୍ବଜନୀନ ପ୍ରାଥମିକ ଶିକ୍ଷା ଏବଂ ସାଧାରଣ ବଣ୍ଟନ ବ୍ୟବସ୍ଥା ସମ୍ବନ୍ଧିତ ନୀତିଗୁଡ଼ିକ କେରଳବାସୀଙ୍କ ଜୀବନ ଧାରଣର ମାନ ଏବଂ ଜୀବିକାର ସୁରକ୍ଷା ଉପରେ ସ୍ଥାୟୀ ପ୍ରଭାବ ପକାଇ ପାରିଛି। ଏହା ବ୍ୟତୀତ, ଗଣତାନ୍ତ୍ରିକ ଶାସନକୁ ବିକେନ୍ଦ୍ରୀକରଣ କରାଯିବା ଫଳରେ 'ସ୍ଥାନୀୟ ଶାସନତନ୍ତ୍ର' ନିଜର ଆବଶ୍ୟକୀୟ ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ କ୍ଷମତା ପ୍ରାପ୍ତ ହୋଇପାରିଛନ୍ତି। ଏହା ସହିତ, ଦେଶର ବିଭିନ୍ନ ପ୍ରଦେଶରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡ଼ିକ ଭଳି କେରଳରେ ଥିବା ଗୋଷ୍ଠୀସମୂହ 'କୁଡୁମ୍ବାଶ୍ରୀ' ନାମରେ ଏକ ଅଗ୍ରଣୀ ମଡେଲ ଭାବରେ ଉଭା ହୋଇପାରିଛି। ଦାରିଦ୍ର୍ୟ ଦୂରୀକରଣ ଏବଂ ମହିଳା ସଶକ୍ତିକରଣ ପାଇଁ 'କୁଡୁମ୍ବାଶ୍ରୀ'ର ଆଭିମୁଖ୍ୟ ଯେତିକି ପ୍ରଶଂସନୀୟ ସେତିକି ବ୍ୟାପକ। ୧୯୭୩-୭୪ ମସିହାରେ କେରଳ ରାଜ୍ୟରେ ଦାରିଦ୍ର୍ୟ କଷାଘାତରେ ଜର୍ଜରିତ ଲୋକ ସଂଖ୍ୟା ରାଜ୍ୟ ଜନସଂଖ୍ୟାର ୫୯.୭୪ ପ୍ରତିଶତ ରହିଥିଲା, ଯାହା ୨୦୧୧-୧୨ ମସିହା ବେଳକୁ ହ୍ରାସ ପାଇ ପହଞ୍ଚି ପାରିଥିଲା ୧୧.୩ ପ୍ରତିଶତରେ। ନୀତି ଆୟୋଗ ଅନୁଯାୟୀ, କେରଳ ଏବେ ଭାରତର ସବୁଠାରୁ କମ୍ ଦାରିଦ୍ର୍ୟଗ୍ରସ୍ତ ରାଜ୍ୟ। ୨୦୧୫-୧୬ ମସିହାରେ ବହୁମୁଖୀ ଦାରିଦ୍ର୍ୟ ସୂଚକାଙ୍କ (ଏମପିଆଇ)୦.୭୦ ପ୍ରତିଶତ ଥିଲା ବେଳେ, ଏହା ୨୦୧୯-୨୧ ମସିହା ବେଳକୁ ୦.୫୫ ପ୍ରତିଶତକୁ ଖସି ଆସିଥିଲା। ଏଭଳି ଆକର୍ଷଣୀୟ ସଫଳତା ସତ୍ତ୍ୱେ, ରାଜ୍ୟରେ ଏବେ ବି ଅତି-ଦାରିଦ୍ର୍ୟ ଅବସ୍ଥାରେ କିଛି ଲୋକ ଅଳ୍ପ କିଛି ଅଞ୍ଚଳରେ ରହି ଯାଇଥିବାର ଦେଖିବାକୁ ମିଳୁଛି। ଏହାର କାରଣଗୁଡ଼ିକୁ ଅନୁଧ୍ୟାନ କରି ଯେଉଁଭଳି ସହାୟତା ଆବଶ୍ୟକ ଥିଲା, ତାହା ହୁଏତ ଦିଆଯାଇ ନଥିବାରୁ ସେମାନେ ଆଜି ବି ଗରିବ ହୋଇ ରହି ଯାଇଛନ୍ତି।

ଏମପିଆଇ ଢାଞ୍ଚା ଅନୁସରଣ କରି ଏକ ପ୍ରକ୍ରିୟା ମାଧ୍ୟମରେ ଅତିଦାରିଦ୍ର୍ୟ ମଧ୍ୟରେ କାଳାତିପାତ କରୁଥିବା ଲୋକଙ୍କଠାରୁ ତଥ୍ୟ ସଂଗ୍ରହ କରି ସେମାନଙ୍କ ଦୁରବସ୍ଥାର କାରଣଗୁଡ଼ିକୁ ଚିହ୍ନଟ କରାଯାଇଥିଲା। କିଛି ଲୋକଙ୍କ ଖରାପ ସ୍ୱାସ୍ଥ୍ୟ ଅବସ୍ଥା, ଶାରୀରିକ ଅକ୍ଷମତା, ବାର୍ଦ୍ଧକ୍ୟ, ନିଜର ଅଧିକାର ସାବ୍ୟସ୍ତ କରିବାରେ ଅସାମର୍ଥ୍ୟ ସମେତ ଖାଦ୍ୟ, ଜମି, ଆଶ୍ରୟସ୍ଥଳ, ନିଯୁକ୍ତି, ଆନୁସଙ୍ଗିକ ସୁବିଧା ସୁଯୋଗ ଏବଂ ଶିଶୁଙ୍କ ମଧ୍ୟରେ ଗୁରୁତର କୁପୋଷଣକୁ ସଙ୍କଟର କାରଣ ଭାବରେ ବିବେଚନା କରାଯାଇଥିଲା। ଅତୀତ କାଳରୁ ମତ୍ସ୍ୟଜୀବୀଙ୍କ ସମେତ ସମାଜର ତଳସ୍ତରରେ ରହିଆସିଥିବା ସାମାଜିକ ଦୃଷ୍ଟିରୁ ଅବହେଳିତ ଆଦିବାସୀ ଓ ଅନୁସୂଚିତ ଜାତି ଏବଂ ଏଡ୍ସ ପ୍ରଭାବିତ ବ୍ୟକ୍ତି, ଅନାଥ, ସହରାଞ୍ଚଳ ଗରିବ ଲୋକଙ୍କ ବାସ୍ତବତାକୁ ମଧ୍ୟ ଚିହ୍ନଟ କରାଯାଇଥିଲା। ଏଭଳି ଚିହ୍ନଟ କାର୍ଯ୍ୟକୁ ସୂଚାରୁ ରୂପେ ସମ୍ପନ୍ନ କରିଥିଲେ ସ୍ଥାନୀୟ ନିର୍ବାଚିତ ଶାସକଙ୍କ ନେତୃତ୍ୱରେ କୁଡୁମ୍ବଶ୍ରୀର ସ୍ୱେଚ୍ଛାସେବକ, ଜନପ୍ରତିନିଧି, ଅଧିକାରୀ ଏବଂ ବାସିନ୍ଦାଙ୍କ ଏକ ଦଳ। ସେମାନେ ଘର ଘର ଯାଇ ସର୍ଭେ କରିଥିଲେ ଏବଂ ସେମାନଙ୍କ ତଥ୍ୟ ଆଧାରରେ ଗରିବ ପରିବାରଗୁଡ଼ିକୁ ଚୟନ କରାଯାଇଥିଲା। ଚୟନ ପ୍ରକ୍ରିୟା ମାଧ୍ୟମରେ ୧,୧୮,୩୦୯ ଗରିବ ପରିବାରକୁ ଯାଞ୍ଚ କରାଯାଇଥିଲା। ସେଥିମଧ୍ୟରୁ ସ୍ଥାନୀୟ ପ୍ରଶାସନ ସୁପାରିଶ କରିଥିବା ତାଲିକା ଅନୁସାରେ ୮୭,୧୫୮ ପରିବାରକୁ ସଂକ୍ଷିପ୍ତ ତାଲିକାଭୁକ୍ତ କରାଯାଇଥିଲା। ପରବର୍ତ୍ତୀ ସମୟରେ, ଏକ ମୋବାଇଲ୍ ଆପ୍ଲିକେସନ୍ ବ୍ୟବହାର କରି ସେମାନଙ୍କର ସାକ୍ଷାତକାର ନିଆଯାଇଥିଲା। ସେମାନଙ୍କ ମଧ୍ୟରୁ ଯେଉଁ ପ୍ରାଥମିକ ତାଲିକା ପ୍ରସ୍ତୁତ କରାଯାଇଥିଲା, ସେଥିରେ ରହିଥିଲେ ମାତ୍ର ୭୩,୭୪୭ ପରିବାର। ଅଯୋଗ୍ୟ ପରିବାରକୁ ବାଦ ଦେବା ପୂର୍ବରୁ ଗ୍ରାମସଭାଗୁଡ଼ିକ ଏହି ପ୍ରାଥମିକତା ତାଲିକାକୁ ଆହୁରି ଯାଞ୍ଚ କରିଥିଲେ, ଯାହାର ପରିଣାମ ସ୍ୱରୂପ ୬୪,୦୦୬ ଅତି-ଗରିବ ପରିବାରର ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇଥିଲା।

ଇପିଇପି ବା ଅତି-ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମର ସବୁଠାରୁ ଅଭିନବ ବୈଶିଷ୍ଟ୍ୟ ଥିଲା ଯେ, ପ୍ରତ୍ୟେକ ଚିହ୍ନଟ ପରିବାର ପାଇଁ ସ୍ୱତନ୍ତ୍ରଭାବେ ତୃଣମୂଳ ସ୍ତରୀୟ କ୍ଷୁଦ୍ର ରଣନୀତି (ମାଇକ୍ରୋ-ପ୍ଲାନ୍) ସୃଷ୍ଟି କରାଯାଇଥିଲା। ଆମେ ଯେଭଳି ଗୋଟିଏ ପ୍ରକାର ଯୋଜନା କରି 'ବୋପା ରାଣ ଡିଙ୍କି ଗିଳ' ନ୍ୟାୟରେ ସମସ୍ତଙ୍କ କଲ୍ୟାଣ ପାଇଁ ଗୋଟିଏ ଯୋଜନା ମଡେଲ କରୁ, ସେଥିରୁ ସେମାନେ ଦୂରେଇ ରହିଥିଲେ। ଏହି କାର୍ଯ୍ୟକ୍ରମର ତିନୋଟି ଭିନ୍ନ ପର୍ଯ୍ୟାୟ ଥିଲା: ତୁରନ୍ତ ଯତ୍ନ ଯୋଜନା, ମଧ୍ୟବର୍ତ୍ତୀ ଯୋଜନା ଏବଂ ଦୀର୍ଘକାଳୀନ ଯୋଜନା।

ତୁରନ୍ତ ଯତ୍ନ ଯୋଜନା ମାଧ୍ୟମରେ ଖାଦ୍ୟ, ଚିକିତ୍ସା ଯତ୍ନ ଏବଂ ସାମାଜିକ ସୁରକ୍ଷା ଅଧିକାର ଭଳି ଜରୁରୀ ଆବଶ୍ୟକତା ଥିଲାବେଳେ ମଧ୍ୟବର୍ତ୍ତୀ ଯୋଜନା ମାଧ୍ୟମରେ ଜୀବନଧାରଣର ସ୍ଥିତି ଉନ୍ନତ କରିବା ଏବଂ ଅସ୍ଥାୟୀ ବାସସ୍ଥାନ ଭଳି ଆତ୍ମନିର୍ଭରଶୀଳତା ସୁନିଶ୍ଚିତ କରିବା ପାଇଁ ପରିବର୍ତ୍ତନଶୀଳ ସହାୟତା ପ୍ରଦାନ କରିବା ଉପରେ ଧ୍ୟାନ ଦେଇଥିଲା। ଦୀର୍ଘକାଳୀନ ଯୋଜନାଗୁଡ଼ିକ ଜୀବିକା ପ୍ରତିଷ୍ଠା କରିବା କିମ୍ବା ସ୍ଥାୟୀ ଆଶ୍ରୟ ସୁରକ୍ଷିତ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲା। ଉପଯୁକ୍ତ ସମୟରେ ଲୋକଙ୍କ ପାଖରେ ସେବା ପହଞ୍ଚିବା ଏବଂ ସେବା ପ୍ରଦାନକାରୀଙ୍କ ଦାୟିତ୍ୱ ସୁନିଶ୍ଚିତ କରିବା ପାଇଁ ଏକ ପରିଚାଳନା ସୂଚନା ବ୍ୟବସ୍ଥା ମାଧ୍ୟମରେ ସମ୍ପୂର୍ଣ୍ଣ ପ୍ରକ୍ରିୟା ନିୟମିତ ତଦାରଖ କରାଯାଇଥିଲା। ବିକେନ୍ଦ୍ରୀକରଣ ଶାସନକୁ ଉପଯୋଗ କରି ଅତି-ଦାରିଦ୍ର୍ୟ ଦୂର କରିବା ପାଇଁ କେରଳ ଅତ୍ୟନ୍ତ ଯୁକ୍ତିଯୁକ୍ତ ଏବଂ ପ୍ରଭାବଶାଳୀ ପଥ ପ୍ରଦର୍ଶନ କରିସାରିଛି, ଯାହାକୁ କୁହା ଯାଉଛି କେରଳ ମଡେଲ୍। କେରଳ ମଡେଲ୍ ପ୍ରୟାସର ସଫଳତାକୁ ବଜାୟ ରଖିବା ପାଇଁ ନିରନ୍ତର ତଦାରଖ ଆବଶ୍ୟକ। ଏହା ନିଶ୍ଚିତ କରିବ ଯେ ଦରିଦ୍ର ପରିବାରଗୁଡ଼ିକ ପୁଣିଥରେ ଅତି-ଦାରିଦ୍ର୍ୟକୁ ଫେରିବେ ନାହିଁ। ଆନ୍ତଃବିଭାଗୀୟ ସମନ୍ୱୟ ବ୍ୟବସ୍ଥା ଦୁର୍ବଳ ହୋଇଗଲେ ଏଭଳି ପରିବାରଗୁଡ଼ିକ ସୁଫଳରୁ ବଞ୍ଚିତ ହେବାର ଆଶଙ୍କା ରହିଛି। କେରଳ ମଡେଲ୍ ପ୍ରୟାସର ସଫଳତାକୁ ବଜାୟ ରଖିବା ଏବଂ ଏହି ମଡେଲକୁ ଏକ ସ୍ଥାୟୀ ସମାଧାନ ଭାବେ କୀର୍ତ୍ତିମାନ ସ୍ଥାପନ ପାଇଁ ଉତ୍ସର୍ଗୀକୃତ ସଂସ୍ଥାଗତ ବ୍ୟବସ୍ଥାର ଆବଶ୍ୟକତା ରହିଛି। କେରଳ ସରକାର ସେହି ଦିଗରେ ସତର୍କତାର ସହିତ କାମ କରୁଛନ୍ତି।

ଓଡ଼ିଶାରେ କ୍ଷମତାସୀନ ନୂତନ 'ଲୋକଙ୍କ ସରକାର' ପୂର୍ବରୁ ଦୀର୍ଘ ୨୪ ବର୍ଷ ଧରି ଶାସନ କରିଆସିଥିବା ନବୀନ ସରକାରଙ୍କୁ ଆଦର୍ଶ ଭାବେ ଗ୍ରହଣ କରିବେ ନା କେରଳ ମଡେଲ୍ ଗ୍ରହଣ କରି ଅତି ଗରିବଙ୍କ ତ୍ରାଣକର୍ତ୍ତା ହେବେ ତାହା ସମୟ କହିବ।

ଫୋ- ୯୪୩୮୨୯୯୦୩୭

## ଚନ୍ଦ୍ରଶେଖର ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବ

# ୪୫ ହଜାର ନୂତନ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଜାରି ରହିଛି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ହର୍ଷିକା) : ଶିକ୍ଷକମାନେ କେବଳ ପାଠ ପଢ଼ାନ୍ତି ନୁହେଁ, ସେମାନେ ଛାତ୍ରଛାତ୍ରୀଙ୍କ ଚରିତ୍ର ଗଢ଼ନ୍ତି ଓ ସଠିକ୍ ଜୀବନମାର୍ଗ ଦେଖାନ୍ତି, ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୋଦାପଳସା ସ୍ଥିତ ଚନ୍ଦ୍ରଶେଖର ସରକାରୀ ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ୩ କୋଟି ଟଙ୍କା ଅନୁଦାନ ଘୋଷଣା କରିଥିଲେ। ଏହା ସହିତ ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ଏହି ବିଦ୍ୟାଳୟକୁ ୭ କୋଟି ଟଙ୍କା ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବିଦ୍ୟାଳୟର ଉନ୍ନତି ପାଇଁ ଆଗାମୀ ଦିନରେ ସମୁଦାୟ ୧୦ କୋଟି ଟଙ୍କା ଯୋଗାଇ ଦିଆଯିବ। ଏହି ଯୋଜନାରେ ବିଦ୍ୟାଳୟକୁ ୭ ଏକର ଜମି ଯୋଗାଇ ଦେବାପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ।

କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ନୂତନ ସରକାର ଗଠନ ପରେ ଶିକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବାକୁ ଅନେକ ଯୋଜନା ଓ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ଗତ ଦେଢ଼ ବର୍ଷରେ ପ୍ରାୟ ୨୦ ହଜାର ଶିକ୍ଷକ ନିଯୁକ୍ତି ହୋଇଥିବା ବେଳେ ଆଗାମୀଦିନରେ ଆହୁରି



୪୫ ହଜାର ନୂତନ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଜାରି ରହିଛି ଏଥିସହିତ ୧୩ ହଜାର ସ୍କିମାଟିକ୍ ଶିକ୍ଷକଙ୍କୁ ମଧ୍ୟ ନିୟମିତ କରାଯାଇଛି। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ୨୦୨୬-୨୭ ଆର୍ଥିକ ବର୍ଷରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପାଇଁ ୩୧,୯୯୭ କୋଟି ଟଙ୍କାରୁ ଅଧିକ ପ୍ରାବଧାନ ରଖାଯାଇଛି, ଯାହା ମୋଟ ବଜେଟର ୧୦.୩ ପ୍ରତିଶତ। ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ କରି ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ପାଇଁ ପଦକ୍ଷେପ ନିଆଯାଇଛି ଏବଂ ପ୍ରଥମ ପର୍ଯ୍ୟାୟରେ ୨,୨୦୦ ପଞ୍ଚାୟତରେ ଏହାର କାମ ଆରମ୍ଭ ହୋଇଛି। ସେହିପରି ପିଏମ୍ ଶ୍ରୀ ଯୋଜନାରେ ରାଜ୍ୟର ୮୦୦ ବିଦ୍ୟାଳୟକୁ ଉତ୍କର୍ଷ କେନ୍ଦ୍ରରେ ପରିଣତ କରାଯାଉଥିବା ସହ ନିପୁଣ ଓଡ଼ିଶା ମିସନ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମୌଳିକ ସ୍ୱାକ୍ଷରତା ଓ ସଂଖ୍ୟାଜ୍ଞାନ ବିକାଶ ଉପରେ ଜୋର ଦିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି କାର୍ଯ୍ୟକ୍ରମରେ ତେଲକୋଇ ବିଧାୟକ ଫକିର ମୋହନ ନାୟକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, କେନ୍ଦୁଝର ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷା ମମିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷକ ନିଳାମ୍ବର ମହାନ୍ତ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମାଜସେବୀ ଜଗନ୍ନାଥ ସିଂହ ଧନ୍ୟବାଦ ଜଣାଇଥିଲେ।




ଦିନେ ହିମୁ ପ୍ରଚୁର ମଦ ପିଇ ଘରକୁ ଆସିଲା। କିନ୍ତୁ ତା ସ୍ତ୍ରୀ ମୋନା ନ ଜାଣି ପାରିବ ସେଥିପାଇଁ ଘରକୁ ଫେରି ଆସି ସିଧା Laptop ଖୋଲି କାମ କରିବାକୁ ଲାଗି ପଡ଼ିଲା।

ମୋନା - କ'ଣ ? ଆଜି ପୁଣି ମଦ ପିଇକି ଆସିଛ !

ହିମୁ - ତୋ ରାଣ ମୁଁ ଆଜି ପିଇନି !

ମୋନା - ମଦୁଆ, ମଦ ପିଇନ ତ ଆଟାଚି ଖୋଲି କ'ଣ Type କରୁଛ ?

ସଂଗୃହୀତ : ଜ୍ୟୋତିରଞ୍ଜନ ମହାନ୍ତି

## ଭୁବନେଶ୍ୱରରୁ ଆତଙ୍କବାଦୀ ଗିରଫ

# ଲିଙ୍କ୍‌ରେ ଥିଲେ ପାକିସ୍ତାନ ସହ

ଭୁବନେଶ୍ୱର (ହର୍ଷିକା) : ରାଜଧାନୀରୁ ଜଣେ ଆତଙ୍କୀ ଗିରଫ । କ୍ୟାପିଟାଲ ଥାନା ଅଞ୍ଚଳରେ ୟୁନିଟ୍ ୬ ରେ ଜଣେ ଯୁବକଙ୍କୁ ଦିଲ୍ଲୀ ସ୍ପେଶାଲ ବ୍ରାଞ୍ଚ ଗିରଫ କରିଛି । ପାକିସ୍ତାନ ଲିଙ୍କ ସହିତ ଦେଶଦ୍ରୋହ ମାମଲରେ ତାକୁ ଉଠାଇଛି ଦିଲ୍ଲୀ ସ୍ପେଶାଲ ବ୍ରାଞ୍ଚ ଓ କିଛି ଦିନ ଧରି ସୋସିଆଲ ମିଡିଆ ମାଧ୍ୟମରେ ପାକିସ୍ତା ଲିଙ୍କ ଯୁବକ ଜଣକ ମିଳିବା ପରେ ଦିଲ୍ଲୀ ସେଶାଲ୍ ବ୍ରାଞ୍ଚ ରାତି ଅଧରେ ଯୁବକକୁ ଗିରଫ କରି ଭୁବନେଶ୍ୱର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର କରିବା ପରେ ଟ୍ରାନ୍‌ଜିଟ୍ ରିମାଣ୍ଡରେ ଦିଲ୍ଲୀ ନେଲା ପୋଲିସ । ସେତେବେଳେ ଏହି ଆତଙ୍କବାଦୀର ହାତ ଥାଇପାରେ ବୋଲି କୁହାଯାଉଛି। ତେବେ ଭୁବନେଶ୍ୱରରେ କିଛି ବଡ଼ ଧରଣର ଦୁର୍ଘଟଣା ନ ଘଟିଥାନ୍ତା ବୋଲି ମଧ କେହି ଏଡ଼ାଇ ପାରିବେନି। ଦିଲ୍ଲୀ ଲାଲ୍‌କିଲ୍ଲା ନିକଟରେ ବିସ୍ଫୋରଣ ଘଟଣାରେ ଉଠାଇ ନେଇଥିବା ସୂଚନା ମିଳିଛି । ଯୁବକ ଜଣକ ଘର କଟକରେ ହୋଇଥିବା ସୂଚନା । ଯୁବକ ଜଣକ କିଛି ମାସ ହେବ ୟୁନିଟ୍ ୬ ଅଞ୍ଚଳର ଏକ ବସ୍ତିରେ ଘରଭଡ଼ା ନେଇ ରହୁଥିଲା । ସେଠାରୁ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଦେଶଦ୍ରୋହମୂଳକ ଉତ୍ତେଜକ ସ୍ଲୋଗାନମାନ ପୋଷ୍ଟ କରୁଥିଲା । କିଛି ଦିନ ତଳେ ସୁନ୍ଦରପଦାରେ ମଧ ବିସ୍ଫୋରଣ ହୋଇଥିଲା। ସେହି ମାମଲାରେ ଘଓଇ ତଦନ୍ତ ପ୍ରକ୍ରିୟା ଚାଲୁ ରହିଛି। ଏହା ବାବଦରେ ଯୁବକ ପାଖକୁ ବିଭିନ୍ନ ସୂତ୍ରରୁ ଟଙ୍କା ଆସୁଥିଲା। ଏହି ଯୁବକ ଜଣକ କେଉଁ ଉଦ୍ଦେଶ୍ୟରେ ପାକିସ୍ଥାନ ର ବିଭିନ୍ନ ସଙ୍ଗଠନ ସହିତ ଜଡିତ ଥିଲେ ତାକୁ ନେଇ ତଦନ୍ତ କରିଛି ସ୍ପେଶାଲ ବ୍ରାଞ୍ଚ ।

## ପ୍ରଥମ ପୃଷ୍ଠାରୁ...

**ସସ୍ମିତଙ୍କ :** କିନ୍ତୁ ଏ ନେଇ ବିଜେଡ଼ି କିମ୍ବା ସସ୍ମିତଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ। ୨୦୨୨ ମସିହାରୁ ସସ୍ମିତ ବିଜେଡିର ସଂସଦୀୟ ଦଳ ନେତା ରହିଥିବା ବେଳେ ଏବେ ରାଜ୍ୟସଭାରେ କିଏ ଦଳର ନୂଆ ନେତା ହେବେ, ସେ ନେଇ ଜୋରଦାର ଚର୍ଚ୍ଚା ସୃଷ୍ଟି ହୋଇଛି।

**ପରଲୋକରେ :** ହେଲେ ମଲ୍ଟିପୁଲ ଅର୍ଗାନ ଫେଲିୟର(ଏକାଧିକ ଅଙ୍ଗ ଅଚଳ) ହେବା ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଭାଜପା ନେତା ଆଶିଷ ଶେଲାର ତାଙ୍କ ପରଲୋକ ସମ୍ପର୍କରେ ସୂଚନା ଦେଇଛନ୍ତି। ଏହି ଖବର ସାରା ଦେଶର ସଙ୍ଗୀତପ୍ରେମୀଙ୍କୁ ଗଭୀର ମର୍ମାହତ କରିଛି। ଆଶା ଭୋସଲେ ପ୍ରାୟ ୮ ଦଶନ୍ଧି ଧରି ଭାରତୀୟ ଚଳଚ୍ଚିତ୍ର ଜଗତକୁ ନିଜର ସୁମଧୁର ସଙ୍ଗୀତରେ ସମୃଦ୍ଧ କରିଥିଲେ। ହିନ୍ଦୀ ସମେତ ଅନେକ ଆଞ୍ଚଳିକ ଭାଷାରେ ହଜାର ହଜାର ଗୀତ ଗାଇ ସେ ବିଶ୍ୱ ଦରବାରରେ ପ୍ରଶଂସିତ ହୋଇଥିଲେ। ସେ ନିଜ କ୍ୟାରିୟର ମଧ୍ୟରେ ଅନେକ ପୁରସ୍କାର ଓ ସମ୍ମାନରେ ସମ୍ମାନିତ ହୋଇଥିଲେ। ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତା ପ୍ରକଟ କରିଥିଲେ। ଆଶା ଭୋସଲେ ଭଉଣୀ ଲତା ମଙ୍ଗେଶକରଙ୍କ ପଥ ଅନୁସରଣ କରି ସଙ୍ଗୀତ ଦୁନିଆକୁ ଆସିଥିଲେ ଏବଂ ପ୍ରଚୁର ଖ୍ୟାତି ଅର୍ଜନ କରିଥିଲେ। ମାତ୍ର ୧୦ ବର୍ଷ ବୟସରେ ସେ ନିଜର ପ୍ରଥମ ଗୀତ ରେକର୍ଡ କରିଥିଲେ ଯାହା ଏକ ମରାଠୀ ଗୀତ ଥିଲା। ଏହାପରେ ସେ କେବେ ପଛକୁ ଫେରି ଚାହିଁ ନ ଥିଲେ ଏବଂ ନିଜର ୮୨ ବର୍ଷର କ୍ୟାରିୟରରେ ପ୍ରାୟ ୧୨,୦୦୦ ଗୀତ ଗାଇଥିଲେ। କଳା ଜଗତରେ ତାଙ୍କର ଅବିସ୍ମରଣୀୟ ଅବଦାନ ପାଇଁ ତାଙ୍କୁ ପଦ୍ମ ବିଭୂଷଣ ସମ୍ମାନରେ ମଧ ସମ୍ମାନିତ କରାଯାଇଥିଲା। ରିପୋର୍ଟ ଅନୁଯାୟୀ, ଆଜି ଅପରାହ୍ନ ୪ଟା ସମୟରେ ମୁମ୍ବାଇର ଦାଦର ସ୍ଥିତ ଶିବାଜୀ ପାର୍କ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ। ତାଙ୍କ ମୃତ୍ୟୁରେ ସାରା ଦେଶର ବିଶିଷ୍ଟ ବ୍ୟକ୍ତି ଓ କଳାକାରମାନେ ଗଭୀର ଶୋକବ୍ୟକ୍ତ କରୁଛନ୍ତି।

**ଇସଲାମାବାଦ :** ତେଣୁ, ଆମେ କୌଣସି ଚୁକ୍ତିରେ ପହଞ୍ଚି ନପାରି ଆମେରିକାକୁ ଫେରିଯାଉଛୁ । ସେମାନେ ଆମର ସର୍ତ୍ତାବଳୀ ଗ୍ରହଣ କରିବାକୁ ମନା କରିଛନ୍ତି । ଆମେ ୨୧ ଘଣ୍ଟା ଧରି ଏହି କାର୍ଯ୍ୟରେ ଅଛୁ ଏବଂ ଇରାନମାନଙ୍କ ସହିତ ଅନେକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛୁ । ଖରାପ ଖବର ହେଉଛି ଯେ ଆମେ କୌଣସି ଚୁକ୍ତିରେ ପହଞ୍ଚି ନାହୁଁ।'

ଇରାନର ମତ- ଇରାନର ମତ ସମ୍ପୂର୍ଣ୍ଣ ଭିନ୍ନ ଥିଲା । ଇରାନର ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଇସମାଇଲ ବାକାଇ କହିଛନ୍ତି ଯେ, ଆଲୋଚନାର ସଫଳତା ଅନ୍ୟ ପକ୍ଷ କେତେ ଆନ୍ତରିକତା ଏବଂ ସନ୍ତୁଳନ ଦେଖାଉଛି ତାହା ଉପରେ ନିର୍ଭର କରେ । ସେ କହିଛନ୍ତି ଯେ, ଗତ ୨୪ ଘଣ୍ଟା ମଧ୍ୟରେ, ହୋର୍ମୁଜ୍ ପ୍ରଣାଳୀ, ପରମାଣୁ କାର୍ଯ୍ୟକ୍ରମ, ପ୍ରତିବନ୍ଧକ ଉଠାଇବା, ଯୁଦ୍ଧ କ୍ଷତିପୂରଣ ଏବଂ ସମଗ୍ର ଅଞ୍ଚଳରେ ଶତ୍ରୁତା ସମାପ୍ତ କରିବା ଭଳି ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି । ସେ ଆମେରିକା ଉପରେ ଅତ୍ୟଧିକ ଏବଂ ଅବୈଧ ଦାବି କରୁଥିବା ଅଭିଯୋଗ କରିଛନ୍ତି ।

ଏବେ କ'ଣ ହେବ ? ଇରାନ ଏବଂ ଆମେରିକା ମଧ୍ୟରେ ଆଲୋଚନା ବିଫଳ ହେବା ଫଳରେ ସମଗ୍ର ବିଶ୍ୱ ପାଇଁ ଶକ୍ତିର ଉତ୍ସ ଭାବରେ ବିବେଚିତ ମଧ୍ୟପ୍ରାଚ୍ୟର ଭବିଷ୍ୟତ ବିଷୟରେ ଅନେକ ପ୍ରଶ୍ନ ଉଠିଛି । ହୋର୍ମୁଜ୍ ପ୍ରଣାଳୀକୁ ପୁନଃ ଖୋଲିବା ପାଇଁ ଇରାନ ପକ୍ଷରୁ କୌଣସି ଦୃଢ଼ ପ୍ରତିଶ୍ରୁତି ନ ମିଳିବାରୁ, ବିଶ୍ୱବ୍ୟାପୀ ତୈଳ ଏବଂ ଗ୍ୟାସ ଯୋଗାଣ ଅବରୋଧ ଜାରି ରହିବ । ଇସଲାମାବାଦ ଗସ୍ତ ସମୟରେ, ଆମେରିକାର ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ ପରବର୍ତ୍ତୀ ସମୟରେ କ'ଣ ହେବ ତାହା ସ୍ପଷ୍ଟ କରିନାହାନ୍ତି । ସେ ଇଙ୍ଗିତ ଦେଇଥିଲେ ଯେ ଇରାନ ଏବେ ବି ଫେରି ଆସି ଆମେରିକାର ଶେଷ ଏବଂ ସର୍ବୋତ୍ତମ ପ୍ରସ୍ତାବକୁ ଗ୍ରହଣ କରିପାରିବ, କିନ୍ତୁ ମତଭେଦ ସମାଧାନ ପାଇଁ ଭବିଷ୍ୟତ ଆଲୋଚନା ବିଷୟରେ ସେ କୌଣସି ବିବରଣୀ ଦେଇନାହାନ୍ତି । ଯଦି ଦୁଇ ଦେଶ ଜିଦରେ ଅଟଳ ରୁହନ୍ତି, ତେବେ ମଧ୍ୟପ୍ରାଚ୍ୟରେ ପୁଣି ଥରେ ଯୁଦ୍ଧ ବଢ଼ିବାର ସମ୍ଭାବନା ଅଛି । ସମଗ୍ର ବିଶ୍ୱ ଶକ୍ତି ସଙ୍କଟର ସମ୍ମୁଖୀନ ହୋଇପାରେ ।

**ଓଡ଼ିଶାକୁ :** ହୋଇଥିବା କ୍ୟାନସର୍ ହସ୍ପିଟାଲକୁ ପୁରସ୍କୃତ କରାଯାଇଥିଲା । ମୁଖ୍ୟ ନିର୍ମାଣ ଯନ୍ତ୍ରୀ ମନୋଜ ମହାନନ୍ଦ ପୁରସ୍କାର ଗ୍ରହଣ କରିଥିଲେ । ସେହିପରି ରାଜ୍ୟ ଜଳସମ୍ପଦ ବିଭାଗର ୫ ଗୋଟି ପ୍ରକଳ୍ପ ଯଥା ଗଙ୍ଗାଧର ମେହେର ପ୍ରକଳ୍ପ, ପୁରୁଣାଗଡ଼ ମେଗା ଲିଫ୍ଟ, ଭଞ୍ଜନଗର ଡ୍ୟାମ୍, ମହାବରିଡା ଆନିକଟ, ଲୋୟର ସୁକତେଲକୁ ପୁରସ୍କୃତ କରାଯାଇଥିଲା । ସର୍ବୋଚ୍ଚ ଯନ୍ତ୍ରୀ ଶ୍ରୀ ଲିଙ୍ଗରାଜ ଗୌଡ଼ ପୁରସ୍କାର ଗ୍ରହଣ କରିଥିଲେ । ରାଜ୍ୟ କ୍ରୀଡ଼ା ବିଭାଗର ଅଧିକାରୀ ଧିରେଦ କୁମାର ପଟ୍ଟନାୟକ କଳିଙ୍ଗ ଷ୍ଟାଡିୟମ୍ସ୍ଥିତ ଦୁଇଟି ଭବନ ଯଥା ସଟଲ୍ ଏବଂ ଆକ୍ୱାଟିକ୍ ଭବନ ପାଇଁ ପୁରସ୍କାର ଗ୍ରହଣ କରିଥିଲେ । ରାଜ୍ୟ ପୁଲିସ୍ ଗୃହ ନିର୍ମାଣ ନିଗମର ମୁଖ୍ୟଯନ୍ତ୍ରୀ ଇଂ ନର୍ମଦା ବେହେରା, ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଶ୍ରୀକାନ୍ତ ସାମଲ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀସ୍ଥିତ ଅତ୍ୟାଧୁନିକ ହଷ୍ଟେଲ ଭବନ ପାଇଁ ପୁରସ୍କାର ଗ୍ରହଣ କରିଥିଲେ । ଏତଦ୍ୱ୍ୟତୀତ ସମ୍ବଲପୁରସ୍ଥିତ ଆଇ.ଆଇ.ଏମ୍ କ୍ୟାମ୍ପସ ପାଇଁ ଏନ୍‌ବିସିସିର ଉଚ୍ଚାଧିକାରୀ ଚିନ୍ମୟ ଘୋଷ, ଏମସ୍ ଭୁବନେଶ୍ୱର ପାଇଁ ନିର୍ଦ୍ଦେଶକ ଡା. ବିଶ୍ୱାସଙ୍କୁ ପୁରସ୍କୃତ କରାଯାଇଥିଲା । ରିଜର୍ଭ ବ୍ୟାଙ୍କର ଭୁବନେଶ୍ୱରସ୍ଥିତ ନୂତନ ଡାଟା ସେଣ୍ଟର, କୋରାପୁଟସ୍ଥିତ ଜାତୀୟ ରାଜପଥ ପ୍ରକଳ୍ପ ପାଇଁ ପୁରସ୍କାର ଦିଆଯାଇଥିଲା ଏହି ଅବସରରେ ପୂର୍ତ୍ତ ବିଭାଗର ପୂର୍ବତନ ସର୍ବୋଚ୍ଚ ଯନ୍ତ୍ରୀ ମନୋରଞ୍ଜନ ମିଶ୍ରଙ୍କ ଦ୍ୱାରା ଲିନ୍ ନିର୍ମାଣ କୌଶଳ ଉପରେ ଲିଖିତ ପୁସ୍ତକକୁ ଜୁରୀ ମଣ୍ଡଳୀ ଉନ୍ମୋଚନ କରିଥିଲେ । ନିର୍ମାଣ କ୍ଷେତ୍ର ପାଇଁ ଅବଦାନ ସକାଶେ ଖ୍ୟାତିସମ୍ପନ୍ନ ଇଂଜିନିୟର ଅଶୋକ ବାସା ଏବଂ ସ୍ଥପତି ତାରାପ୍ରସାଦ ଧଳଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ଓଡ଼ିଶାର ପୁରସ୍କୃତ ପ୍ରକଳ୍ପମାନଙ୍କୁ ପ୍ରଦର୍ଶିତ କରାଯାଇଥିଲା।

# 'ସିଜିମାଳି' ଖଣ୍ଡଯୁଦ୍ଧ ଘଟଣା

ଭୁବନେଶ୍ୱର, (ହର୍ଷିକା) : ସିଜିମାଳି ପାହାଡ଼ରେ ହୋଇଥିବା ଖଣ୍ଡ ଯୁଦ୍ଧ ଘଟଣାରେ କଂଗ୍ରେସ ରାୟଗଡ଼ା ଜିଲ୍ଲାପାଳଙ୍କୁ ଭେଟିଥିବା ବେଳେ ରାଷ୍ଟ୍ରପତିଙ୍କ ସହାୟତା ଲୋଡ଼ିଛି ବିଜେଡି। ଏହି ଘଟଣାରେ ଗତକାଲି ପ୍ରଦେଶ କଂଗ୍ରେସ କମିଟି ଅନୁଧାନ କରିବାପରେ ଅଧକ୍ଷ ତଥା ସାଂସଦ ସପ୍ତଗିରି ଶଙ୍କର ଉଲାକାଙ୍କ ଅଧକ୍ଷତାରେ ଆଜି ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଏବଂ ଏସପି ସ୍ୱାତୀ ଏସ କୁମାରଙ୍କୁ ସାକ୍ଷାତ କରି ୪ଟି ପ୍ରମୁଖ ଦାବି ଉଲ୍ଲେଖ କରିବା ସହିତ ବେନିୟମ ଘଟଣା ଗୁଡିକ ଉପରେ ନିନ୍ଦା କରି ଦୁଇ ଫର୍ଦ୍ଦର ଚିଠା ପ୍ରଦାନ କରିଛନ୍ତି।

କୋରାପୁଟ ସାଂସଦ ଉଲାକାଙ୍କ ନେତୃତ୍ୱରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ଦ୍ୱାରା ଗଠିତ ତଥ୍ୟ ଅନୁସନ୍ଧାନକାରୀ ଦଳ ସିଜିମାଲି ଅଞ୍ଚଳର କଣ୍ଟାମାଳ, ସାଗବାରୀ ଏବଂ ଅନ୍ୟାନ୍ୟ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଥିଲେ। ଏନେଇ ଜିଲ୍ଲାପାଳ ଏବଂ ଏସପିଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି। ଏଥିରେ ଉଲ୍ଲେଖ ରହିଛି ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ ଦଳ ଆମର ଆଦିବାସୀଙ୍କ ସହିତ ଦୃଢ଼ ଭାବରେ ଠିଆ ହୋଇଛି । ସମ୍ବିଧାନ ଏବଂ ପ୍ରାସଙ୍ଗିକ ଆଇନ ସମ୍ମତି ବିନା ଆଗକୁ ବଢ଼ିବାକୁ ଦେବୁ ନାହିଁ। ଜିଲ୍ଲା ପ୍ରଶାସନ ଦ୍ୱାରା ବେନିୟମ ଭାବେ ହୋଇଥିବା କାର୍ଯ୍ୟ ନିନ୍ଦା କରିବା ସହ ପ୍ରମୁଖ ୪ଟି ଦାବି ଉଲ୍ଲେଖ କରିଛନ୍ତି। ଯାହା ନିୟମଗିରି ଗ୍ରାମସଭା ପ୍ରକ୍ରିୟା ପରି, ନ୍ୟାୟିକ ତଦାରଖରେ ଏକ ନିରପେକ୍ଷ ଓ ସ୍ୱଚ୍ଛ ଗ୍ରାମସଭା ପ୍ରକ୍ରିୟା ସିଜିମାଳିରେ କରାଯିବା ଉଚିତ ବୋଲି ଶ୍ରୀ ଉଲାକା କହିଛନ୍ତି। ପ୍ରକଳ୍ପ କାର୍ଯ୍ୟ ପୂର୍ବରୁ ସମସ୍ତ ବିଚାରାଧୀନ ସାମୁଦାୟିକ ଓ ବ୍ୟକ୍ତିଗତ ଜଙ୍ଗଲ ଅଧିକାରକୁ ତୁରନ୍ତ ସ୍ୱୀକୃତି ତଥା ସମାଧାନ କରାଯିବା ଏବଂ ନିରୀହ ଗ୍ରାମବାସୀଙ୍କ ବିରୁଦ୍ଧରେ ଥିବା ସମସ୍ତ ମିଥ୍ୟା ମାମଲା ପ୍ରତ୍ୟାହାର କରାଯିବା ଉଚିତ ବୋଲି କମିଟି ଜିଲ୍ଲାପାଳଙ୍କୁ ଅବଗତ କରିଥିଲା । ଏହି ଆଲୋଚନା ଏବଂ ଦାବିପତ୍ର ଦେବା ସମୟରେ ବିରୋଧୀ ଦଳ ନେତା ତଥା ବିଧାୟକ ରାମଚନ୍ଦ୍ର କାଡାମ୍,ରାୟଗଡା ବିଧାୟକ କାଡ୍ରାକା ଆପାଲାସ୍ୱାମୀ, ବିଷମକଟକ ବିଧାୟକ ନୀଳମାଧବ ହିକକା, ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ରାଜ୍ୟ କଂଗ୍ରେସ ସମ୍ପାଦକ ଦୁର୍ଗା ପ୍ରସାଦ ପଣ୍ଡା, ବରିଷ୍ଠ ନେତା ଶଙ୍କର୍ଷଣ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ।

ରାୟଗଡା ଜିଲ୍ଲାର ସିଜିମାଳି ଅଞ୍ଚଳରେ ଆଦିବାସୀ ଭାଇ ଭଉଣୀମାନଙ୍କ ଉପରେ ପ୍ରଶାସନର ଯେଉଁ ବର୍ବରୋଚିତ କାଣ୍ଡ ଘଟଣାକୁ



## ବିଜେଡ଼ି ଲୋଡ଼ିଲା ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଜିଲ୍ଲାପାଳଙ୍କୁ ଭେଟିଲା କଂଗ୍ରେସ

ବିଜୁ ଜନତା ଦଳ ତୀବ୍ର ନିନ୍ଦା କରିଛି। ଏହି ଘଟଣା ସମ୍ପୂର୍ଣ୍ଣ ଅମାନବୀୟ ବୋଲି ବର୍ଣ୍ଣନା କରିବା ସହିତ ଆଦିବାସୀ ମାନଙ୍କୁ ଉଚିତ ନ୍ୟାୟ ପ୍ରଦାନ ପାଇଁ ଦେଶର ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡିଛି ବିଜେଡି। ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ରାୟଗଡା ଜିଲ୍ଲା ସଭାପତି ଜଗନ୍ନାଥ ସାରକା, କୋରାପୁଟ ଜିଲ୍ଲା ସଭାପତି ଝିନ୍ନ ହିକକା ଓ ଗଣମାଧ୍ୟମ ସଂଯୋଜକ ଡ଼ ପ୍ରିୟବ୍ରତ ମାଝୀ ସିଜିମାଳି ଅଞ୍ଚଳରେ ଆଦିବାସୀ ମାନଙ୍କ ଉପରେ ପ୍ରଶାସନ ଦ୍ୱାରା କରାଯାଇଥିବା ଅମାନବୀୟ ଓ ବର୍ବରୋଚିତ କାଣ୍ଡ ରାଜ୍ୟ ବିଜେପି ସରକାରଙ୍କ ଆଦିବାସୀ ବିରୋଧୀ ନୀତିକୁ ପ୍ରଦର୍ଷିତ କରୁଛି ବୋଲି ଅଭିଯୋଗ କରିଥିଲେ। ଜଗନ୍ନାଥ ସାରକା କହିଥିଲେ, ସିଜିମାଳିରେ ଆଦିବାସୀ ମାନଙ୍କ ଉପରେ ଘଟିଥିବା ଅତ୍ୟାଚାର ଓ ଜୁଲୁମ ବିଷୟରେ ଜାଣିବା ପରେ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ଘଟଣାସ୍ଥଳ ପରିଦର୍ଶନ କରି ଏଥିରେ ପ୍ରଭାବିତ ହୋଇଥିବା ଲୋକମାନଙ୍କ ସହିତ ଆଲୋଚନା କରିଥିଲେ। ସଭାପତିଙ୍କ ନିର୍ଦ୍ଦେଶକ୍ରମେ, ଦଳର ଏକ ପ୍ରତିନିଧି ମଣ୍ଡଳୀ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥାନୀୟ ବାସିନ୍ଦାଙ୍କ ଠାରୁ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ସ୍ଥାନୀୟ ବାସିନ୍ଦାମାନଙ୍କ କହିବା ଅନୁଯାୟୀ, ମାଇନ୍ସ କମ୍ପାନୀ ଦ୍ୱାରା ନିର୍ମିତ ହେଉଥିବା ରାସ୍ତାକୁ ନେଇ ସେମାନେ ପ୍ରତିବାଦ କରୁଥିଲେ। ପ୍ରଶାସନ ତରଫରୁ ସେମାନଙ୍କ ଉପରେ ଅତ୍ୟାଚାର ଓ ଜୁଲୁମ କରାଯାଇଥିଲା। ଆଦିବାସୀ ଭାଇ ଭଉଣୀ ମାନଙ୍କ ଉପରେ ହୋଇଥିବା ଅତ୍ୟାଚାର ଓ ଜୁଲୁମକୁ ଆମେ ତୀବ୍ର ନିନ୍ଦା କରୁଛୁ। ସ୍ଥାନୀୟ ଆଦିବାସୀଙ୍କ ସ୍ୱାର୍ଥକୁ ଅଣଦେଖା କରି ସେମାନଙ୍କ ଉପରେ ଅତ୍ୟାଚାର ଓ ଜୁଲୁମ କରି ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ହୋଇପାରିବ ନାହିଁ। ତେଣୁ ଆଦିବାସୀ ମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ନିୟମ ହିସାବରେ ଗ୍ରାମସଭା ଆୟୋଜନ କରି ଆବଶ୍ୟକୀୟ ଅନୁମୋଦନ ପ୍ରଦାନ କରାଯାଉ।

## ମଉଳିଲା ମେଟ୍ରୋ ପ୍ରକଳ୍ପ ଆଶା

# ପାଣିରେ ପଡ଼ିଲା କୋଟି କୋଟି ଟଙ୍କା

ଭୁବନେଶ୍ୱର, (ହର୍ଷିକା) : ମଉଳିଛି ଭୁବନେଶ୍ୱରରେ ମେଟ୍ରୋ ସ୍ୱପ୍ନ । ବିଜେଡି ସରକାର ଭୁବନେଶ୍ୱରବାସୀଙ୍କୁ ମେଟ୍ରୋ ରେଳ ସ୍ୱପ୍ନ ଦେଖାଇଥିବା ବେଳେ ଏବେ ଏହି ପ୍ରକଳ୍ପରେ ପୂର୍ଣ୍ଣଚ୍ଛେଦ ପଡ଼ିଛି । ରାଜ୍ୟ ସରକାର ମେଟ୍ରୋ ରେଳ ପ୍ରକଳ୍ପକୁ ସଂପୂର୍ଣ୍ଣ ବନ୍ଦ କରି ଦେଇଛନ୍ତି । ଏହା ଆଶାଜନକ ଲାଭ ଦେବନି, ଆଶାନୁରୂପ ଯାତ୍ରୀ ହେବେନି କହି ରାଜ୍ୟ କ୍ୟାବିନେଟ୍ ଏହି ନିଷ୍ପତ୍ତି ନେଇଛି । ଅପରପକ୍ଷେ ଏହି ପ୍ରକଳ୍ପ ନେଇ ଦିଲ୍ଲୀ ମେଟ୍ରୋ ରେଲ୍ ନିଗମ ସହ ହୋଇଥିବା ଚୁକ୍ତିକୁ ବାତିଲ୍ କରି ଦିଆଯାଇଛି । ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ଖର୍ଚ୍ଚ ହେଲା କୋଟି କୋଟି ଟଙ୍କା । ହେଲେ ସେ ପ୍ରକଳ୍ପକୁ ଭୁଲିଯାଇ ରାଜ୍ୟ ସରକାର କ୍ୟାବିନେଟ୍ ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଆର୍ଥିକ କ୍ଷେତ୍ର ଉପରେ ଗୁରୁତ୍ୱ ଦେଇଛନ୍ତି । ଅପରପକ୍ଷରେ ୨୦୨୫ ଡିସେମ୍ବର ପୂର୍ବରୁ ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ନେଇ ହୋଇଥିବା ୨୭୩.୫୧ କୋଟି ଟଙ୍କାର ଖର୍ଚ୍ଚକୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁର କରିଛନ୍ତି । ବିଜେଡି ସରକାର ଅମଳରେ ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ଶିଳାନ୍ୟାସ ହୋଇଥିଲା । ସେପଟେ ମେଟ୍ରୋ ପ୍ରକଳ୍ପ ବନ୍ଦ ନେଇ ରାଜଧାନୀବାସୀ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ମେଟ୍ରୋ ଟ୍ରେନ ଚଳାଚଳ କରିଥିଲେ ରାଜଧାନୀବାସୀ ଟ୍ରାଫିକ ଯନ୍ତ୍ରଣାରୁ କିଛି ପରିମାଣରେ ମୁକ୍ତି ପାଇଥାନ୍ତେ। ରାଜଧାନୀର ସବୁଠୁ ବ୍ୟସ୍ତବହୁଳ ଜୟଦେବ ବିହାର-ନନ୍ଦନକାନନ ରାସ୍ତା ଉପରୁ ଚାପ କମିଥାନ୍ତା । ଏହି ରାସ୍ତାରେ ବହୁ ବଡ଼ ବଡ଼ ଶିକ୍ଷାନୁଷ୍ଠାନ ଥିବାରୁ ଛାତ୍ରଛାତ୍ରୀଙ୍କ ସମୟ ବଞ୍ଚିଥାନ୍ତା। ସହର ଭିତରେ ଘଟୁଥିବା ଦୁର୍ଘଟଣା ଅନେକାଂଶରେ ହ୍ରାସ ପାଇଥାନ୍ତା। ତେଣୁ ରାଜ୍ୟ ସରକାର ଏଦିଗରେ ପୁନର୍ବିଚାର କଲେ ରାଜଧାନୀବାସୀ ଉପକୃତ ହୁଏନ୍ତେ । ମେଟ୍ରୋ ପ୍ରକଳ୍ପ ବନ୍ଦ ହେବା ପରେ ଗୋଟିଏ ପଟେ ଏହାକୁ ନେଇ ରାଜନୀତି ହେଉଥିବା ବେଳେ ଅନ୍ୟପଟେ କଟକ ବାସିନ୍ଦା ନିରାଶ ହୋଇଛନ୍ତି। ଯଦି ମେଟ୍ରୋ ପ୍ରକଳ୍ପ ହୋଇଥାନ୍ତା ତାହେଲେ ଅନ୍ୟ ରାଜ୍ୟ ଭଳି ଓଡ଼ିଶାରେ ମଧ ମେଟ୍ରୋରେ ଯାତାୟାତ କରିଥାନ୍ତେ । ବର୍ତ୍ତମାନ ମେଟ୍ରୋ ପ୍ରକଳ୍ପ ବନ୍ଦ କରିବା ଦ୍ୱାରା କଟକବାସୀଙ୍କ ଆଶା ଭାଙ୍ଗିଗଲା । ସରକାର ମେଟ୍ରୋ ପ୍ରକଳ୍ପ ବନ୍ଦ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କଟକ ସହର ବାସିନ୍ଦା କହିଛନ୍ତି । ମେଟ୍ରୋ ପ୍ରକଳ୍ପ ହୋଇଥିଲେ ଭୁବନେଶ୍ୱର-କଟକ ମଧ୍ୟରେ ଯାତାୟାତରେ କୌଣସି ଅସୁବିଧା ହୋଇ ନଥାନ୍ତା। ଏଭଳି ପ୍ରକଳ୍ପ ଆରମ୍ଭ କରି ବନ୍ଦ କରିବା ଠିକ୍ ନୁହେଁ ବୋଲି କହିଛନ୍ତି କଟକ ବାସିନ୍ଦା । ଓଡ଼ିଶା ପାଇଁ ସ୍ୱାଭିମାନର କଥା ଥିଲା । ଓଡ଼ିଶାରେ ପ୍ରଥମ ମେଟ୍ରୋ ହୋଇଥାନ୍ତା । ରାଜ୍ୟର ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟରେ ଏହା ସହାୟକ ହୋଇଥାନ୍ତା। ଭୁବନେଶ୍ୱର, କଟକ, ପୁରୀ ସହରରେ ଟ୍ରାଫିକ ସମସ୍ୟାର ସମାଧାନ ହୋଇଥାନ୍ତା । ସେହିପରି ଆଧୁନିକରଣ ଓ ସମୟାନୁବର୍ତ୍ତୀରେ ମେଟ୍ରୋ ରେଳର ଆବଶ୍ୟକତା ରହିଛି। ସରକାର ଚାହିଁଲେ ମେଟ୍ରୋ ପ୍ରକଳ୍ପ ପୁଣି ଥରେ ଆଗେଇବ। ପୂର୍ବ ସରକାର ଏହି ପ୍ରକଳ୍ପ ଆରମ୍ଭ କରିଥିବା ବେଳେ ବର୍ତ୍ତମାନର ସରକାର ଏହାକୁ ବନ୍ଦ ନକରି ବରଂ ପୁରୀ ପର୍ଯ୍ୟନ୍ତ ସମ୍ପ୍ରସାରିତ କଲେ ଉଭୟ ଭୁବନେଶ୍ୱର-କଟକ ଓ ପୁରୀ ବାସୀ ଉପକୃତ ହେବା ସହ ବାହାରୁ ଆସୁଥିବା ପର୍ଯ୍ୟଟକ ଆକୃଷ୍ଟ ହୁଅନ୍ତେ। ମେଟ୍ରୋ ପ୍ରକଳ୍ପ ପାଇଁ ୨୭୩ କୋଟି ଖର୍ଚ୍ଚ ହେଲା। ହେଲେ ପ୍ରକଳ୍ପ ଅଧାରୁ ବନ୍ଦ ହୋଇଗଲା। ରାଜ୍ୟ ରାଜକୋଷରୁ ସାଧାରଣ ଜନତାଙ୍କ ଟିକସ ଅର୍ଥ ପାଣିରେ ପଡ଼ିଲା। ସରକାର ଏ ଦିଗରେ ଗୁରୁତ୍ୱର ସହ ଚିନ୍ତା କରିବା ଆବଶ୍ୟକ।

# ରାଜ୍ୟରେ ଏଲ୍‌ପିଜି ଗ୍ୟାସ୍ କଳାବଜାରୀ

## ୩୪୩୫ ସିଲିଣ୍ଡର ଜବତ



ଭୁବନେଶ୍ୱର, (ହର୍ଷିକା) : ରାଜ୍ୟରେ ଏଲପିଜି ଗ୍ୟାସ ଯୋଗାଣ ସ୍ୱାଭାବିକ ରହିଛି । ମାତ୍ର ବିଭିନ୍ନ କାରଣ ଦର୍ଶାଇ କିଛି କଳାବଜାରୀ ଓ ଅସାଧୁ ବ୍ୟକ୍ତି ବେଆଇନ ଭାବରେ ଗ୍ୟାସ ସିଲିଣ୍ଡର ମହଜୁଦ ରଖୁଥିବା ଅଭିଯୋଗ ପରେ ସରକାରଙ୍କ ପକ୍ଷରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏ ଦିଗରେ କାର୍ଯ୍ୟନୁଷ୍ଠାନ ସ୍ୱରୂପ ଆଜି ପର୍ଯ୍ୟନ୍ତ ରାଜ୍ୟର ୩୦ଟି ଯାକ ଜିଲ୍ଲାର ୧୯୧୫ଟି ସ୍ଥାନରେ ଯାଞ୍ଚ କରାଯାଇଛି । ସେଥିମଧ୍ୟରୁ ୭୦୨ଟି ଗ୍ୟାସ ଏଜେନ୍ସି ଓ ୧୨୧୩ଟି ଅନ୍ୟ ସ୍ଥାନ ରହିଛି । ଏହି ସବୁ ସ୍ଥାନରୁ ୩୪୩୫ ସିଲିଣ୍ଡର ଜବତ କରାଯାଇଛି । ଏତଦବ୍ୟତୀତ ଅତ୍ୟାବଶ୍ୟକୀୟ ସାମଗ୍ରୀ ଅଧିନିୟମ ଅନୁଯାୟୀ ୩୨୩ ମାମଲା ରୁଜୁ କରାଯିବା ସହ ୨୩ଟି ଏଫଆଇଆର ଦାଖଲ କରାଯାଇଛି। ଏପରିକି କଳାବଜାରୀ ଓ ବେଆଇନ୍ ସିଲିଣ୍ଡର ଗଛିତ ରଖିଥିବା ଅଭିଯୋଗରେ ୫ ଜଣଙ୍କୁ ଗିରଫ କରାଯାଇଛି । ରନ୍ଧନ ଗ୍ୟାସ୍‌ର କଳାବଜାରୀ ବନ୍ଦ କରିବାକୁ ଯୋଗାଣ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଛି। ବିଭିନ୍ନ ଜିଲ୍ଲାରେ ଯୋଗାଣ ବିଭାଗ ଅଧିକାରୀ ମାନେ ଟିମ ମାନ ଗଠନ କରି ଏ ସମ୍ପର୍କିତ ଖବର ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ ଯାଞ୍ଚ କରୁଛନ୍ତି । ଏହି ଟିମ ଗୁଡିକ ଦୈନିକ ଭିତ୍ତିରେ ବିଭାଗୀୟ ଅଧିକାରୀଙ୍କୁ ତଥ୍ୟ ପ୍ରଦାନ କରୁଛନ୍ତି । ପ୍ରତ୍ୟେକ ଜିଲ୍ଲାର ଯୋଗାଣ ଅଧିକାରୀ ମାନେ ସମ୍ପୃକ୍ତ ଜିଲ୍ଲାପାଳ ମାନଙ୍କ ତତ୍ତ୍ୱବଧାନରେ ଯାଞ୍ଚ ପ୍ରକ୍ରିୟାକୁ କଡାକଡି କରୁଛନ୍ତି ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ରାଧାକୃଷ୍ଣଜୀଉଙ୍କ ପ୍ରଥମ ଜନ୍ମବାର୍ଷିକୀ ପୂଜା ଅନୁଷ୍ଠିତ





**ଆଠଗଡ଼ (ହଓଖ) :** ଆଠଗଡ଼ ବ୍ଲକ ଘଣ୍ଟିଖାଲ ପଂଚାୟତ ରାଧାଶ୍ୟାମ ପୁରରେ ଅବସ୍ଥିତ ରାଧାକୃଷ୍ଣଜୀଉ ଙ୍କ ପବିତ୍ର ମନ୍ଦିରର ପ୍ରାଙ୍ଗଣରେ ପ୍ରଥମ ବାର୍ଷିକ ପ୍ରତିଷ୍ଠା ଉପଲକ୍ଷେ ଆରମ୍ଭ ହୋଇଛି ଭବ୍ୟ ଧାର୍ମିକ ସମାରୋହ। ସକାଳୁ ସକାଳୁ ମଙ୍ଗଳ ଧ୍ୱନି ଓ ଘଣ୍ଟା ନାଦ ସହିତ ମନ୍ଦିର ପରିସର ଉତ୍ସହବ ମୁଖରିତ ହୋଇଯାଇଥିଲା। ବେଦମନ୍ତ୍ର ଉଚ୍ଚାରଣ ଓ ପୂଜାର ଧ୍ୱନିରେ ସମଗ୍ର ଅଞ୍ଚଳ ଭକ୍ତିମୟ ପରିବେଶରେ ଭରିଯାଇଛି।

ଗାଁର ଛୋଟ ଠୁ ବଡ଼— ସମସ୍ତେ ଏହି ପବିତ୍ର ଅବସରରେ ସାମିଲ ହୋଇ ଭକ୍ତିର ସାଗରରେ ବୁଡ଼ିଯାଇଛନ୍ତି। ପ୍ରଥମେ କଳଶ ଯାତ୍ରା ଉତ୍ସବର ମୁଖ୍ୟ ଆକର୍ଷଣ। ଏହି ଭବ୍ୟ କଳଶ ଯାତ୍ରାରେ ଶତାଧିକ ମହିଳା ମୁଣ୍ଡରେ କଳଶ ବୋହି ଭକ୍ତିଭାବରେ ଶୋଭାଯାତ୍ରାରେ ଭାଗ ନେଇଥିଲେ। ଢୋଲ, ସଂକୀର୍ତନର, ଘଣ୍ଟ ଘଣ୍ଟା ଧ୍ୱନିରେ ଗାଁର ରାସ୍ତା ଠାରୁ ଆରମ୍ଭ କରି ଗ୍ରାମର ପରିବେଶ ଗୁଡିକ ମନ୍ଦିରମୟ ହୋଇଯାଇଥିଲା।



ପଣ୍ଡିତମାନଙ୍କ ଦ୍ୱାରା ବେଦମନ୍ତ୍ର ଉଚ୍ଚାରଣ ସହିତ ଯଜ୍ଞ ଓ ହୋମ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ପବିତ୍ର ଯଜ୍ଞରେ ଅଞ୍ଚଳର ସୁଖ, ଶାନ୍ତି ଓ ସମୃଦ୍ଧି ପାଇଁ ପ୍ରାର୍ଥନା କରାଯାଇଥିଲା। ଧୂପ, ଦୀପ ଓ ଅଗ୍ନିର ପବିତ୍ର ସୁଗନ୍ଧରେ ପରିସର ଅଧିକ ଆଧାତ୍ମିକ ହୋଇଯାଇଥିଲା। ମହା ଆଳତି ଓ ଦର୍ଶନ, ସନ୍ଧ୍ୟାବେଳେ ହୋଇଥିଲା।

ଶତାଧିକ ଭକ୍ତ ଦୀପ ଜଳାଇ ଏହି ଆଳତି ଭାଗ ନେଇଥିଲେ। ଭକ୍ତମାନେ ମନ୍ଦିରରେ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରୁଥିବା ଦୃଶ୍ୟ ବହୁତ ଆକର୍ଷଣୀୟ ଥିଲା। ପ୍ରସାଦ ବିତରଣ ଓ ଭଜନ କାଯ୍ୟକ୍ରମ ହୋଇଥିଲା। ପୂଜା ଶେଷରେ ଭକ୍ତମାନଙ୍କୁ ମହାପ୍ରସାଦ ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଯୁବକ ଓ ଗାଁବାସୀମାନେ ମିଳିତ ଭାବେ ଏହାକୁ ସଫଳ କରିଥିଲେ। ଉଦ୍ୟାପାନୀ ଦିନ ରାତିରେ ଭଜନ, କୀର୍ତନ ଓ ସଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା।

ସ୍ଥାନୀୟ କଳାକାରମାନେ ନିଜ ଦକ୍ଷତା ପ୍ରଦର୍ଶନ କରି ଦର୍ଶକମାନଙ୍କୁ ମନୋରଞ୍ଜନ କରିଥିଲେ। ଏହି ପ୍ରଥମ ବାର୍ଷିକ ପ୍ରତିଷ୍ଠା ଉତ୍ସବରେ ଶତାଧିକ ଭକ୍ତ ଓ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ସମସ୍ତଙ୍କ ମୁହଁରେ ଦେଖିବାକୁ ମିଳିଥିଲା ଖୁସି ଓ ଭକ୍ତିର ଉତ୍ସାହ। ଏହିପରି ଭାବରେ ଥମନ୍ଦିରର ନାମଧ ମନ୍ଦିରର ପ୍ରଥମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଭକ୍ତି ଓ ଉତ୍ସାହର ସହିତ ଆୟୋଜିତ ହେଉଛି।



## ଅଙ୍ଗନୱାଡି କର୍ମୀଙ୍କ ଦବଙ୍ଗଗିରି

**ବାଲିଆପାଳ (ହଓଖ) :** ବାଲିଆପାଳ ବ୍ଲକ ବିଷ୍ଣୁପୁର ପଞ୍ଚାୟତ ରସଲପୁର ଗାଁର ଅଙ୍ଗନୱାର୍ଡି କର୍ମୀ ରଶ୍ମୀତା ପାତ୍ର ଛୋଟ ଛୋଟ ପିଲା ମାନଙ୍କୁ ଅଣ୍ଡା ଓ ଛତୁଆ ଦୀର୍ଘ ଦଶଦିନରୁ ଅଧିକ ଦିନ ହେବ ଦେଉ ନାହାଁନ୍ତି । ଅଭିଭାବକମାନେ ଅଭିଯୋଗ କଲେ ଦେଖାଉଛନ୍ତି ଦବଙ୍ଗ ଗିରି। ବୁଧବାର ଅଭିଭାବକ ଓ ୱାର୍ଡ ସଭ୍ୟା ସନ୍ଧ୍ୟା ରାଣୀ ପାତ୍ର ଆଉ ଗୋଟିଏ ଅଭିଯୋଗ ଆଣିଛନ୍ତି ଯେ ଯେଉଁ ଦିନ ସେମାନଙ୍କ ପିଲା ଅଙ୍ଗନୱାର୍ଡି କେନ୍ଦ୍ର ଯାଇ ନାହାଁନ୍ତି ସେଦିନ ମଧ୍ୟ ଅଙ୍ଗନୱାର୍ଡି କର୍ମୀ ଜଣକ ସେହିମାନଙ୍କ ନାମରେ ଖାଦ୍ୟ ଉଠାଇ ଛନ୍ତି । କର୍ମୀ ରଶ୍ମୀତା ନିଜର ସୁରକ୍ଷା ପାଇଁ ଯୋଜନାବଦ୍ଧ ଭାବେ ନିଜ ବାପା, ଜେଜେବାପା ଓ ମାଙ୍କୁ ଡକାଇ ଆଣି ଅଭିଯୋଗ କରୁଥିବା ୱାର୍ଡ ମେମ୍ବର ଓ ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କୁ ଅଶୀଳ ଭାଷାରେ ଗାଳି ଗୁଲଜ କରାଇବା ସହିତ ଆକ୍ରମଣ ଉଦ୍ୟମ କରିଥିଲେ। ତେବେ ଅତି ଦୁର୍ଭାଗ୍ୟର କଥା ଯେ ଛୋଟ ଛୋଟ କୋମଳମତୀ ପିଲାମାନଙ୍କ ଅଣ୍ଡା ଛତୁଆ ଖାଇ ଯାଇଥିବା ଅଙ୍ଗନୱାର୍ଡି କର୍ମୀଙ୍କ ସେମାନେ ମଧ ଖବର ପ୍ରସାରଣ କରିବା ପାଇଁ ଯାଇଥିବା ସାମ୍ବାଦିକ ମାନଙ୍କୁ ମଧ ବିଭିନ୍ନ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏଇ ସଂପର୍କରେ ଗ୍ରାମର ଛାତ୍ର ଅଭିଭାବକ ବାଲିଆପାଳ ସିଡ଼ିପିଓ ଙ୍କ ଠାରେ ଅଭିଯୋଗ କରିଛନ୍ତି। ମାତ୍ର ସିଡ଼ିପିଓ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି। କର୍ମୀ ରଶ୍ମିତା ପାତ୍ର କୌଣସି ଅଭିଯୋଗର ସତ୍ୟତା ନାହିଁ। ଏହା ଉଦ୍ଦେଶ୍ୟ ମୂଳକ ବୋଲି କହିଛନ୍ତି।

● ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖଲିଆପାଲିର

## ଶିକ୍ଷା ସଚେତନତା ରଥକୁ ଭବ୍ୟ ସ୍ୱାଗତ

**ସୋନପୁର (ହଓଖ) :** ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖଲିଆପାଲି ଠାରେ ଶିକ୍ଷା ସଚେତନତା ରଥକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ଲୋକନାଥ ଦାଶଙ୍କ ଉପସ୍ଥିତିରେ ଭବ୍ୟ ସ୍ୱାଗତ କରାଯାଇଥିଲା। କରିଥିଲେ। ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ତଥା ଅତିଥି ମାନେ ରଥ ସହିତ ନଗର ପରିକ୍ରମା କରିଥିଲେ। ବିଦ୍ୟାଳୟର ଛାତ୍ରୀ ମାନଙ୍କ ଦ୍ୱାରା ଏକ ସୁନ୍ଦର ନାଚ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର



ଏହି ଅବସରରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ପଣ୍ଡା ସମେତ ପାଞ୍ଚ ଜଣ ସି ଆର୍ ସି ସି ଯଥା ଶ୍ରୀ ଉମାକାନ୍ତ ମିଶ୍ର, ଶ୍ରୀ ବ୍ରତାନନ୍ଦ ଭୋଇ, ଶ୍ରୀ ହରିହର ସା, ଶ୍ରୀମତୀ ରଶ୍ମିତା ସାହୁ ଓ ଶ୍ରୀ ରଞ୍ଜନ ବୁଡେକ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ଲୋକନାଥ ଦାଶ ସମସ୍ତ ଅତିଥି ମାନଙ୍କୁ ଓ ଶିକ୍ଷା ସଚେତନତା ରଥକୁ ବିଦ୍ୟାଳୟ ଗେଟ୍ ସମ୍ମୁଖରେ ସ୍ୱାଗତ ଜଣାଇବା ପରେ ରଥକୁ ପୁଷ୍ପମାଲ୍ୟ ଅର୍ପଣ କରି ପୂଜାର୍ଚ୍ଚନା ପ୍ରଧାନ ଶିକ୍ଷକ ଶ୍ରୀ ଲୋକନାଥ ଦାଶ ସମସ୍ତ ଅତିଥି ମାନଙ୍କୁ ଆତିଥ୍ୟସେବା ପ୍ରଦାନ ପୂର୍ବକ ସମ୍ମାନେ ସମସ୍ତଙ୍କୁ ବିଦାୟ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ଶ୍ରୀ ଶ୍ୟାମସୁନ୍ଦର ପାତ୍ର, ଶ୍ରୀ ପ୍ରଭାତ କୁମାର ବେହେରା, ଶ୍ରୀ ଖତୁ ସୁନା, ଶ୍ରୀ ନିର୍ମଳ ପୋଡ଼, ଶ୍ରୀମତୀ ବିଶ୍ୱ ବିଭୂଷିତା ପଣ୍ଡା, ଶ୍ରୀମତୀ ଲିପିନାରାଣୀ ପ୍ରଧାନ ଓ ଶିଶୁ ସେବିକା ରଜନୀ ଷାଣ୍ଡେ ସହଯୋଗ କରିଥିଲେ।

ଘରୋଇ ଗ୍ୟାସର କଳାବଜାରୀ

## ଘରୁ ୧୩ଟି ଗ୍ୟାସ୍ ସିଲିଣ୍ଡର ଜବତ

**କେନ୍ଦ୍ରାପଡ଼ା (ହଓଖ) :** କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ଓ ଅତିରିକ୍ତ ତହସିଲଦାରଙ୍କ ମିଳିତରେ ଗଠିତ ସାତ ଜଣିଆ ଟିମ୍ ଦ୍ୱାରା ଆଜି ଅପରାହ୍ନରେ କେନ୍ଦ୍ରାପଡ଼ା ଟାଉନ୍ ସ୍ଥିତ ୦୭ନଂ ୱାର୍ଡର ମିରପାଟଣା ଠାରେ ଏକ ଗ୍ୟାସ ଦୋକାନରେ ଚଢ଼ାଉ କରାଯାଇଥିଲା। ଦୋକାନୀ ଜଣକ ନିଜ ଘରେ ମହଜୁଦ କରି ରଖିଥିବା ୧୬ଟି ଗ୍ୟାସ ଭର୍ତି ଟାଙ୍କି ଦେଖିବାକୁ ମିଳିଥିଲା। ମୀରପାଟଣା ସ୍ଥିତ ସତ୍ୟରଞ୍ଜନ ଦାସ ନାମକ ଜଣେ ବ୍ୟକ୍ତି ତାଙ୍କ ଘରେ ମହଜୁଦ ରଖି ଦୋକାନରେ ବିକ୍ରି କରୁଥିବା ୧୩ଟି ଘରୋଇ ଗ୍ୟାସ ସିଲିଣ୍ଡରକୁ ଜବତ କରିଛି ଯୋଗାଣ ବିଭାଗ। ୧୬ଟି ଗ୍ୟାସ ଭର୍ତି ଟାଙ୍କିରୁ ୩ଟି ଟାଙ୍କିର କଞ୍ଜ୍ୟୁମର ବହି ଦେଖାଇବାରୁ ୦୩ଟି ଟାଙ୍କି ଛାଡ଼ି ବାକି ୧୩ଟି ଗ୍ୟାସ ଭର୍ତି ସିଲିଣ୍ଡର ଜବ୍ତ କରିଛି ଯୋଗାଣ ବିଭାଗ। ଅତିରିକ୍ତ ସିଏସଓ ପ୍ରିତମ ଦାସ ଗଣମାଧ୍ୟମକୁ ଦେଇଥିବା ପ୍ରତିକ୍ରିୟାରେ ୧୩ଟି ଗ୍ୟାସ୍ ଟାଙ୍କିକୁ ଜବତ୍ କରିଥିବା କହିଥିବା ବେଳେ ରିପୋର୍ଟରେ ୧ ୨ଟି ଟାଙ୍କି ଦର୍ଶାଇବା କହିବା ଅନୁସାରେ ତାଳମେଳ ରହୁନାହିଁ।ଘରୋଇ ଉପଭୋକ୍ତା ମାନେ ଗ୍ୟାସ ପାଇଁ ବୁକିଂ କରି ଓଟିପି ପାଇଥିଲେ ମଧ୍ୟ ଗ୍ୟାସ ଏଜେନ୍ସି ମାନେ ତାଙ୍କ ଘରେ ଗ୍ୟାସ ପହଞ୍ଚାଉନଥିବା ସମସ୍ୟା ଉପରେ ଗ୍ୟାସ ଉପଭୋକ୍ତାମାନେ ଚଢ଼ଉ କରିଥିବା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିବା ଦେଖିବାକୁ ମିଳିଥିଲା। ଆଜିର ଏହି ଚଢାଉରେ କେନ୍ଦ୍ରାପଡ଼ା ଜିଲ୍ଲା ଯୋଗାଣ ବିଭାଗର ଦୁଇ ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ପ୍ରିତମ ଦାସ, ପ୍ରଦୀପ ଦାସ,ଏସିଏସ୍ଓ ପୁନମ୍ ଜେନା, ଦେବର୍ଶୀ ମାର୍ଥା,ଶିବ ପ୍ରସାଦ ମହାନ୍ତି, ଯୋଗାଣ ନିରୀକ୍ଷକ ପି ସୋମ୍ୟଦୀପ୍ତ ଓ କେନ୍ଦ୍ରାପଡ଼ା ତହସିଲ୍ ର ଅତିରିକ୍ତ ତହସିଲଦାର ନିରଞ୍ଜନ ଗୁରୁ ଯୋଗ ଦେଇଥିଲେ।ଘରୋଇ ଗ୍ୟାସର କଳାବଜାରୀ ଉପରେ କିଛି କିଛି ଯାଗାରେ ଯୋଗାଣ ବିଭାଗର



ଚଢ଼ାଉ ନିଶ୍ଚୟ ଏହା ଏକ ଆବଶ୍ୟକ ପଦକ୍ଷେପ। କିନ୍ତୁ ପ୍ରଶ୍ନ ଉଠୁଛି ଏଥିରେ କଣ ପୂରା ସମସ୍ୟାର ସମାଧାନ ହେବ ? ଆଜିର ଏହି ଚଢ଼ାଉରେ ଦୋକାନୀ ଜଣକ ଏତେ ମାତ୍ରାରେ ଘରୋଇ ଗ୍ୟାସ୍ ଭର୍ତି ସିଲିଣ୍ଡର କେଉଁଠୁ ଆଣିଲେ ଏବଂ ତାଙ୍କୁ କିଏ ଦେଲେ ସେ ଉପରେ ତଦନ୍ତ କରାଯାଇ ଦେଇଥିବା ଏଜେନ୍ସୀ ଉପରେ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ରହିଛି।ଖାଲି ଏତିକି ନୁହେଁ ଯେଉଁଠାରେ ରେଷ୍ଟୁରାଣ୍ଟ, ହୋଟେଲ, ଜଳଖିଆ ଦୋକାନ,ଚା ଦୋକାନ ଓ ଛୋଟ ବଡ଼ ଦୋକାନ ଗୁଡ଼ିକ ଘରୋଇ ଗ୍ୟାସ ବ୍ୟବହାର କରୁଛନ୍ତି, ସେଠାରେ ଏହି ଘରୋଇ ଗ୍ୟାସ ଆସୁଛି କେଉଁଠୁ ? ଯଦି ଗ୍ୟାସ ଏଜେନ୍ସିରେ ଅନିୟମିତତା ନଥାନ୍ତା, ତେବେ ଏଭଳି ଦୁରୁପଯୋଗ ସମ୍ଭବ କି ଯାହା ସାଧାରଣ ଲୋକଙ୍କ ମନରେ ଏବେ ଏହା ଏକ ବଡ଼ ସନ୍ଦେହ ଉଠୁଛି। ଏବେ କେବଳ ଛୋଟ ବ୍ୟବସାୟୀଙ୍କୁ ଲକ୍ଷ୍ୟ କରି ଚଢ଼ାଉ କରାଯାଉଛି କି ? ଗ୍ୟାସ ଏଜେନ୍ସି ଗୁଡ଼ିକ କାହା ସୁରକ୍ଷା ତଳେ ରହିଛନ୍ତି, ଯାହାକି ସେମାନଙ୍କ ଉପରେ କାହିଁକି ଚଢ଼ାଉ କରାଯାଉନାହିଁ ?ଯଦି ସତରେ କଳାବଜାରୀକୁ ରୋକିବାକୁ ଏହି ଅଭିଯାନ ହେଉଛି, ତେବେ କେବଳ ହୋଟେଲ, ଛୋଟ ଦୋକାନ କି ଗ୍ୟାସ ଦୋକାନରେ ଚଢ଼ାଉ ପର୍ଯ୍ୟାପ୍ତ ନୁହେଁ। ଗ୍ୟାସ ବଣ୍ଟନ ବ୍ୟବସ୍ଥାର ଏଜେନ୍ସି ଉପରେ କଡ଼ା ନଜର ଓ ସଠିକ୍ ତଦନ୍ତ ହେବା ନିହାତି ଆବଶ୍ୟକ କ୍ଷ ନଚେତ୍ ଏହି ଅଭିଯାନ କେବଳ ଦେଖା ନାଟକ ହୋଇ ରହିଯିବ । ସମସ୍ୟାର ମୂଳକୁ ଧରିବାକୁ ହେଲେ ଗ୍ୟାସ୍ ଏଜେନ୍ସିକୁ ଚଢ଼ାଉ କରାଯାଉ ନହେଲେ କଳାବଜାରୀ ଏକ ରୋଗରେ ପରିଣତ ହେବ।

ରୁମାପାହାଡି ଗ୍ରାମରେ ପିଇବା ପାଣି ସମସ୍ୟା ସୁଧରୁନି

## ସରକାରୀ ତୃଷ୍ଣା କେବେ ମେଣ୍ଟିବ ?

**ରାଇରଙ୍ଗପୁର (ହଓଖ) :** ଏମିତି ଏକ ଗାଁ ରହିଛି , ଯେଉଁଠି ପିଇବା ପାଣି ମନ୍ଦିଏ ପାଇବା ପାଇଁ ଲୋକେ ବହୁ ଦିନରୁ ସଂଘର୍ଷ କରିଆସୁଛନ୍ତି । ଏହିପରି ଭୟାନକ ଚିତ୍ର ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାରେ ଦେଖିବାକୁ ମିଳିଛି । ଜାମଦା ବ୍ଲକ ଜାମଦା ଗ୍ରାମପଞ୍ଚାୟତ ଅନ୍ତର୍ଗତ କଇଁପୁର ଗ୍ରାମ ନିକଟବର୍ତ୍ତୀ ରୁମାପାହାଡି ଗ୍ରାମରେ ଥିବା ଏକମାତ୍ର ନଳକୂପ ଉପରେ ତିନୋଟି ଗାଁ ମାଝୀ ସାହି, ଚଟାଣି ସାହି ଓ ରୁମାପାହାଡିର ପାଖାପାଖି ୩୫୦ରୁ ଅଧିକ ଲୋକ ନିର୍ଭର କରନ୍ତି । ପିଇବା ପାଣି ମୁନ୍ଦିଏ ପାଇବା ପାଇଁ ଖରାବର୍ଷା ଶୀତକାକର କାହିଁ ତିନି ବର୍ଷରୁ ଅଧିକ ହେବ ସଂଘର୍ଷ କରିଆସୁଛନ୍ତି । ବହୁ ବାଦବିବାଦ ପରେ ଏଠାରେ ଲୋକମାନଙ୍କୁ ଉତ୍କୃଷ୍ଟ ମାନର ପାନୀୟ ଜଳ ଯୋଗାଇବା ପାଇଁ ସରକାରଙ୍କ ତରଫରୁ ବୋରିଂ ଖୋଳାଯାଇଛି। କିନ୍ତୁ ଏହା ସଂପୂର୍ଣ୍ଣ ହୋଇସାରିଥିଲେ ସୁଦ୍ଧା ବିଭାଗୀୟ କର୍ତ୍ତୃପକ୍ଷଙ୍କ ତରଫରୁ ପାନୀୟ ଜଳ ସେବା ଲୋକମାନଙ୍କୁ ଯୋଗାଇ ଦିଆଯାଇପାରିନାହିଁ । ସମସ୍ୟା ବହୁ



କଷ୍ଟଦାୟକ ହେବାରୁ, ସେମାନେ ନିଜନିଜର ଗରା, ବାଲଟି, ଡେକଚି, ଡ୍ରମ୍ କୁ ରାସ୍ତାରେ ଥୋଇ ପ୍ରତିବାଦ କରିଥିଲେ । ପିଇବା ପାଣି ପାଇବା ପାଇଁ ଆଉ କେତେ ବର୍ଷ ଅପେକ୍ଷା କରିବାକୁ ପଡିବ ବୋଲି ମହିଳାମାନେ ବିଭାଗୀୟ କର୍ତ୍ତୃପକ୍ଷ ନିକଟରେ ନିବେଦନ କରିଛନ୍ତି । ଏ ସଂପର୍କରେ ଜାମଦା ପଞ୍ଚାୟତ ସରପଞ୍ଚ ମାଳତୀ କିସ୍କୁ କହିଥିଲେ ଯେ, ସେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛନ୍ତି । ଏହାକୁ ଯଥାଶୀଘ୍ର ସମାଧାନ କରିବେ ବୋଲି ଅଧିକାରୀ ପ୍ରତିଶୃତି ଦେଇଛନ୍ତି । ୱାର୍ଡମେମ୍ବର ରାକ୍ଷୀ ମୁଣ୍ଡା ଲୋକମାନଙ୍କ ଦୁଃଖ ଦେଖି ଗଭୀର କ୍ଷୋଭ ପ୍ରକାଶ କରିବା ସହ ସରକାରଙ୍କ ନିକଟରେ ତୁରନ୍ତ ପିଇବା ପାଣି ସମସ୍ୟା ଦୁରିଭୂତ କରିବା ପାଇଁ ଜୋର ଦେଇ କହିଥିଲେ । ଉକ୍ତ ବିରାଟ ଗଣ ଆନ୍ଦୋଳନରେ ଶିବାନୀ ତାମୁଡିଆ, ଦାଂଗି ଟୁଡୁ, ସୁମିତ୍ରା ସୋରେନ, ଭଟମଣି ସର୍ଦ୍ଦାର, ବାସନ୍ତୀ ମୁଣ୍ଡା, ଦୁଲାରୀ ମାଝୀ, ଚମ୍ପା ମାଝୀ, ମମତା ପୂର୍ତ୍ତୀ,ସାମତା ମୁଣ୍ଡା, ହାରି ସୋରେନ, ଠାକୁର ସୋରେନ, ମାଝିଆ ଟୁଡୁ, ଗେଡା ସର୍ଦ୍ଦାର, ମଙ୍ଗଳ ତାମୁଡିଆ, ଲଖନ ପୂର୍ତ୍ତୀ, ସୁନୀଲ ମୁଣ୍ଡା, ବିଧୁ ସିଂକୁ, ସଫଳ ତାମୁଡିଆ, ସୁକୁରାମ ମୁଣ୍ଡା ସମେତ ବହୁ ଗ୍ରାମବାସୀ ଉପସ୍ଥିତ ରହିଥିଲେ। ପ୍ରଶ୍ନ ଉଠୁଛି ସରକାରୀ ତୃଷ୍ଣା କେବେ ମେଣ୍ଟିବ, ଆଉ ଗାଁ ଲୋକେ ପାଣି ପାଇବେ। ପାଣି ବିନା ଗାଁ ଲୋକେ ଗଭୀର ଅଶାନ୍ତି ପ୍ରକଟ କରି ପ୍ରଶାସନକୁ ଗୁହାର ଲଗାଇ ଚାଲିଛନ୍ତି।

## ବିପଦସଙ୍କୁଳ ଅବସ୍ଥାରେ ଭାଲୁମୁଣ୍ଡା ଛକ ମଝିରେ ଥିବା ଟ୍ରାନ୍ସଫର୍ମର



**ପରଜଙ୍ଗ (ହଓଖ) :** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଅନ୍ତର୍ଗତ ଭାଲୁମୁଣ୍ଡା ଛକ ମଝିରେ ମୁକୁଳା ହୋଇ ରହିଛି ବିଦ୍ୟୁତ ଟ୍ରାନ୍ସଫର୍ମର। ବିଦ୍ୟୁତ ବିଭାଗକୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉନାହିଁ । ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ଏଥିପ୍ରତି ଅଣଦେଖା କରି ସାଧାରଣ ଲୋକଙ୍କ ଜୀବନକୁ ବାଜିରେ ଲଗାଇବା ଭଳି ବିପଦ ସୃଷ୍ଟି କରୁଛି। ଦୀର୍ଘ ଦିନ ଧରି ଏହି ଟ୍ରାନ୍ସଫର୍ମରଟି ଛକର ମଧ୍ୟବର୍ତ୍ତୀ ଅଞ୍ଚଳରେ ଏବଂ ପୂର୍ତ୍ତ ବିଭାଗ ରାସ୍ତା ଠାରୁ ଦଶ ରୁ ବାର ଫୁଟ ମଧ୍ୟରେ ରହିଛି। ଏହି ଛକଟି ସଦା ସର୍ବଦା ଜନଗହଳି ପୁର୍ଣ୍ଣ ବ୍ୟବସାୟୀକ ଅଞ୍ଚଳ ।ଏହି ଟ୍ରାନ୍ସଫର୍ମର ନିକଟରେ ଦିନକୁ ଦିନ ବିପଦ ବଢ଼ିବାରେ ଲାଗିଛି। ଯଦି ଶୀଘ୍ର ଏହାର ମରାମତି କରାନଯାଏ ତେବେ ଯେକୌଣସି ମୁହୂର୍ତ୍ତରେ ଏକ ବଡ଼ ଧରଣର ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ପ୍ରତି ମଙ୍ଗଳବାର ଦିନ ସାପ୍ତାହିକ ପରିବା ହାଟ ପାଇଁ ଅଧିକ ଜନଗହଳି ହୋଇ ଟ୍ରାନ୍ସଫର୍ମର ନିକଟରେ ମୋଟର ସାଇକେଲ ଆଦି ରଖିଥାନ୍ତି। ତାଛଡା ବିଭାଗୀୟ କର୍ମଚାରୀ ମାନେ ସେହି ପୂର୍ତ୍ତ ବିଭାଗ ରାସ୍ତା ଦେଇ ଯିବା ଆସିବା କରୁଥିଲେ ମଧ ଖାମଖିଆଲି ମନୋଭାବ ପ୍ରଦର୍ଶନ କରୁଛନ୍ତି। ସାଧାରଣ ଲୋକଙ୍କ ଜୀବନ କୁ ବିପଦ ଡାକି ଆଣୁଛି। ସେହି ନିକଟରେ ଗାଈ ଗୋରୁ ଅବାଧରେ ପ୍ରବେଶ କରିଛନ୍ତି। ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ଛକରେ ଦୋକାନ କରିଥିବା ବ୍ୟବସାୟୀ ମାନେ ଭୟରେ ଥିବା ଅସନ୍ତୋଷ ବ୍ୟକ୍ତ କରି ଟ୍ରାନ୍ସଫର୍ମର ବିପଦମୁକ୍ତ ବାଡ ନିର୍ମାଣ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି।

## ବେଆଇନ ଖଣି ବ୍ଲାଷ୍ଟିଂକୁ ବିରୋଧ, ମହିଳାଙ୍କ ରାସ୍ତାରୋକ

**ନୟାଗଡ଼ (ହଓଖ) :** ରଣପୁର ତହସିଲ ଲୋଧାଛୁଆ ଆର ଆଇ ସର୍କଲରେ ଦୀର୍ଘ ଦିନ ଧରି ହୋଇଆସୁଛି ବେଆଇନ ଖଣି ଖନନ। ବାରମ୍ବାର ଅଭିଯୋଗ ପରେବି ଶୁଣୁନଥିଲା ପ୍ରଶାସନ। ଏଣୁ ବାଧ ହୋଇ ରାସ୍ତା ଅବରୋଧ କରିଛନ୍ତି ଗ୍ରାମର ଶତାଧିକା ମହିଳା। ବ୍ଲାଷ୍ଟିଂ ଯୋଗୁ ଲୋକଙ୍କ ଘର ଫାଟୁ ଥିବା ସହିତ ପଥର ଖଣ୍ଡ ଆସି ଲୋକଙ୍କ ଉପରେ ପଡି ଲୋକେ ଆହତ ହେବାର ଅଭିଯୋଗ କରିଛନ୍ତି ଗ୍ରାମ ବାସୀ। କୋଇଲିମା ଗାଁ, ସୁନାଖଳା, ରଣପୁର ରାସ୍ତା



ଅବରୋଧ କରିଛନ୍ତି ଲୋକେ। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଲୋକଙ୍କୁ ବୁଝା ସୁଝା ଭିତରେ ସମ୍ପୂର୍ଣ୍ଣ ଖଣି ବନ୍ଦ କରିବା ଲାଗି ଜିଦ ଧରି ବସିଛନ୍ତି ଗ୍ରାମବାସୀ। ଯାହାଫଳରେ ଚାପ ଓ ଉତ୍ତେଜନା ଲାଗି ରହିଥିବା ବେଳେ, ପୋଲିସ ଓ ମାଇନିଙ୍ଗ ଅଫିସର ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଛନ୍ତି। ହେଲେ ପ୍ରଶାସନ ଯଦି କିଛି କାରବାଇ ନ କରନ୍ତି, ତେବେ ଏ ବିରୋଧ ଜାରି ରହିବ ବୋଲି ସୂତ୍ରରୁ ପ୍ରକାଶ ।

ନାବାଳିକାଙ୍କୁ ଦୁଷ୍କର୍ମ ଓ ହତ୍ୟା।

## ଅଭିଯୁକ୍ତକୁ ଫାଶୀ ଦଣ୍ଡାଦେଶ

**ଅନୁଗୋଳ (ହଓଖ) :** ଅନୁଗୋଳ ଜିଲ୍ଲାରେ ଘଟିଥିବା ଜଣେ ୪ ବର୍ଷର ନାବାଳିକାଙ୍କୁ ଦୁଷ୍କର୍ମ ଓ ହତ୍ୟା କରିବା ଭଳି ସମ୍ବେଦନଶୀଳ ମାମଲାର ଚୁଡାନ୍ତ ରାୟ ପ୍ରକାଶ ପାଇଛି। ଅନୁଗୋଳ ଅତିରିକ୍ତ ଜିଲ୍ଲା ଜଜ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଅଭିଯୁକ୍ତ ବାବୁଲା ଜେନାକୁ ଦୋଷୀ ସାବ୍ୟସ୍ତ କରି ଫାଶୀ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଦଫା ୧୩୭(୨), ୧୦୩(୧), ୬୫(୨) ଏବଂ ୨୩୮(କ) ସହିତ ପକ୍ସୋ ଆକ୍ଟର ଧାରା ୬ ଅନୁଯାୟୀ ଅଭିଯୁକ୍ତକୁ ଦଣ୍ଡିତ କରାଯାଇଛି। ମାତ୍ର ଏକ ବର୍ଷ ମଧ୍ୟରେ ଏହି ମାମଲାର ବିଚାର ପ୍ରକ୍ରିୟା ସମାପ୍ତ କରାଯାଇ ଅଭିଯୁକ୍ତକୁ ଦଣ୍ଡିତ କରାଯିବା ଘଟଣା ପୋଲିସର ଦକ୍ଷତା ଓ ତ୍ୱରିତ ନ୍ୟାୟ ପ୍ରଦାନର ଏକ ଜ୍ୱଳନ୍ତ ଉଦାହରଣ ସୃଷ୍ଟି କରିଛି।

## ମଙ୍ଗଳବାରକୁ କାହିଁକି ହନୁମାନଙ୍କ ଦିନ କୁହାଯାଏ ?

# ଜାଣନ୍ତୁ କଣ କରିବା ଉଚିତ୍ ?

ହିନ୍ଦୁ ଧର୍ମରେ, ପ୍ରତ୍ୟେକ ଦିନ କୌଣସି ନା କୌଣସି ଦେବାଦେବୀଙ୍କୁ ସମର୍ପିତ । ମଙ୍ଗଳବାର ଦିନ ପ୍ରଭୁ ଶ୍ରୀରାମଙ୍କ ପରମ ଭକ୍ତ ପ୍ରଭୁ ହନୁମାନଙ୍କୁ ସମର୍ପିତ । ଏହି ଦିନ ପ୍ରଭୁ ହନୁମାନଙ୍କୁ ରୀତିନୀତି ସହିତ ପୂଜା କରାଯାଏ ଏବଂ ଉପବାସ ପାଳନ କରାଯାଏ । ବିଶ୍ୱାସ କରାଯାଏ ଯେ, ଏହି ଦିନ ପୂଜା ଏବଂ ଉପବାସ ବଜରଙ୍ଗବାଲୀଙ୍କୁ ପ୍ରସନ୍ନ କରେ, ଯିଏ ଜୀବନରୁ ସମସ୍ତ କଷ୍ଟ ଦୂର କରନ୍ତି । ତାଙ୍କ ଆଶୀର୍ବାଦରେ ସମସ୍ତ ଭୟ ଦୂର ହୁଏ । ହନୁମାନଙ୍କ ଆଶୀର୍ବାଦରେ ଜୀବନ ସମୃଦ୍ଧ ହୁଏ । ମଙ୍ଗଳବାର ଦିନ ପୂଜା ଏବଂ ଉପବାସ କରିବା ଦ୍ୱାରା ଅନେକ ଲାଭ ମିଳିଥାଏ, କିନ୍ତୁ ଆପଣ କ'ଣ ଜାଣନ୍ତି ଯେ, ଏହି ଦିନଟି ହନୁମାନଙ୍କ ପାଇଁ କାହିଁକି ଉତ୍ସର୍ଗୀକୃତ ? ଯଦି ନୁହେଁ, ତେବେ ଆସନ୍ତୁ ଏହା ବିଷୟରେ ଅଧିକ ଜାଣିବା । ଏହା ସହିତ, ଆସନ୍ତୁ ଜାଣିବା ଯେ ଏହି ଦିନ ଉପବାସ ରଖିବା ସମୟରେ କ'ଣ ସତର୍କତା ଅବଲମ୍ବନ କରିବା ଉଚିତ୍ । ପୌରାଣିକ ବିଶ୍ୱାସ ଅନୁସାରେ, ବଜରଙ୍ଗବଲୀ ମଙ୍ଗଳବାର ଦିନ ଜନ୍ମ ହୋଇଥିଲେ । ଏହି କାରଣରୁ ମଙ୍ଗଳବାର ଦିନ



ତାଙ୍କର ପୂଜା ଏବଂ ଉପବାସ ପାଇଁ ସମର୍ପିତ । ଏହି ଦିନ ପୂଜା ଏବଂ ଉପବାସ କରିବା ଦ୍ୱାରା ହନୁମାନ ସମସ୍ତ ପ୍ରକାରର ଦୁଃଖକୁ ନାଶ କରନ୍ତି । ମଙ୍ଗଳ ଗ୍ରହକୁ ମଧ୍ୟ ହନୁମାନଙ୍କ ସହିତ ଜଡିତ ବୋଲି ବିଶ୍ୱାସ କରାଯାଏ, ତେଣୁ ମଙ୍ଗଳବାର ଦିନ ପୂଜା ଏବଂ ଉପବାସ ପାଳନ କରାଯାଏ । ମଙ୍ଗଳବାର ଉପବାସ ସମୟରେ ଏହି କଥା ମନେ ରଖନ୍ତୁ- ଯଦି ଆପଣ ମଙ୍ଗଳବାର ଦିନ ଉପବାସ କରୁଛନ୍ତି, ତେବେ ପବିତ୍ରତାକୁ ସର୍ବାଗ୍ରେ ରଖନ୍ତୁ । ପ୍ରାର୍ଥନା ସମୟରେ ଆପଣଙ୍କ ମନକୁ ବିଚଳିତ ହେବାକୁ ଦିଅନ୍ତୁ ନାହିଁ । ଏହି ଉପବାସ ସମୟରେ ଲୁଣ ଖାଇବାରୁ ଦୂରେଇ ରୁହନ୍ତୁ । ଯଦି ଆପଣ ମିଠା ଦାନ କରୁଛନ୍ତି, ତେବେ ନିଜେ ସେଗୁଡ଼ିକୁ ଖାଆନ୍ତୁ ନାହିଁ । ମଙ୍ଗଳବାର ଦିନ କଳା କିମ୍ବା ଧଳା ପୋଷାକ ପିନ୍ଧି ପ୍ରଭୁ ହନୁମାନଙ୍କୁ ପୂଜା କରନ୍ତୁ ନାହିଁ । ଏହି ଦିନ ଲାଲ ପୋଷାକ ପିନ୍ଧନ୍ତୁ । ଉପବାସ ସମୟରେ ଦିନକୁ କେବଳ ଗୋଟିଏ ସାତ୍ତ୍ୱିକ ଭୋଜନ ଖାଆନ୍ତୁ ।

## ଘରେ ଲଗାନ୍ତୁ ଏହି ୫ଟି ଫଟୋ, ସଠିକ୍ ଦିଗରେ ଲଗାଇଲେ ହୋଇଯିବେ ମାଲାମାଲ୍

ବାସ୍ତୁ ଶାସ୍ତ୍ର ଅନୁସାରେ ଘରର କାନ୍ଥରେ ଲଗାଯାଇଥିବା ଫଟୋଗୁଡିକୁ ବହୁତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ । ଏହି ଫଟୋଗୁଡିକ କେବଳ ଘରର ସେ ?ନ୍ଦର୍ଯ୍ୟ ବଢାଇନଥାଏ ବରଂ ସକରାତ୍ମକ ଶକ୍ତିର ପ୍ରଭାବ ମଧ୍ୟ ପଡେ । ଯାହା ସୁଖ, ସମୃଦ୍ଧି,ଧନ ଏବଂ ଶାନ୍ତି ଆଣିଥାଏ । ଜଳପ୍ରପାତ, ୭ଟି ଘୋଡା, ମୟୂର, ଏକ ପର୍ବତ ଏବଂ ଗଣେଶଙ୍କ ଫଟୋ ଏକ ନିର୍ଦ୍ଦିଷ୍ଟ ଦିଗ ଏବଂ ସ୍ଥାନରେ ଲଗାଇବା ଦ୍ୱାରା ବିଶେଷ ଲାଭ ମିଳିଥାଏ ବୋଲି ବାସ୍ତୁ ଶାସ୍ତ୍ରରେ ବିଶ୍ୱାସ କରାଯାଏ । ତେବେ ଆସନ୍ତୁ ଏହି ୫ଟି ଫଟୋର ବାସ୍ତୁ ନୀତି, ସଠିକ୍ ଦିଗ ଏବଂ ଲାଭ ବିଷୟରେ ଜାଣିବା ।

ଜଳପ୍ରପାତ : ଝରଣା କିମ୍ବା ପ୍ରବାହିତ ପାଣିର ଫଟୋକୁ ସକରାତ୍ମକ ଶକ୍ତି ଏବଂ ଘରକୁ ଧନ ଆଗମନର ପ୍ରତୀକ ଭାବେ ବିବେଚନା କରାଯାଏ । ଏହି ଫଟୋକୁ ଉତ୍ତର କିମ୍ବା ପୂର୍ବ ଦିଗ କାନ୍ଥରେ ଲଗାଇଲେ ଘର ପାଇଁ ଖୁବ୍ ଭଲ ହୋଇଥାଏ । ଏହାକୁ ଉତ୍ତର ଦିଗରେ ଲଗାଇବା ଦ୍ୱାରା ଟଙ୍କା ବଢିଥାଏ ଏବଂ ସମସ୍ତ ଆର୍ଥିକ ସମସ୍ୟା ଦୂର ହୋଇଯାଇଥାଏ । ଏହାକୁ ପୂର୍ବ ଦିଗରେ ଲଗାଇବା ଦ୍ୱାରା ସ୍ୱାସ୍ଥ୍ୟ ଏବଂ ନୂଆ ଆରମ୍ଭର ସମ୍ଭାବନା ସୃଷ୍ଟି କରେ । ଏଥିସହିତ ଏହାକୁ ଘରର ମୁଖ୍ୟ ଦ୍ୱାରର ଉତ୍ତର କାନ୍ଥରେ ରଖନ୍ତୁ । ମନେ ରଖନ୍ତୁ ଏହି ଫଟୋକୁ ବାହାର ଆଡକୁ ନ ରଖି ଘର ଆଡକୁ ହେବା ଉଚିତ୍ । ଯାହା ଶାନ୍ତି, ଧନକୁ ବଢାଇଥାଏ ।

୭ଟି ଘୋଡ଼ା : ସାତଟି ଘୋଡ଼ାର ଫଟୋ ସଫଳତା, ଗତି ଏବଂ ଶକ୍ତିର ପ୍ରତୀକ । ୭ଟି ଘୋଡ଼ା ସୂର୍ଯ୍ୟଙ୍କ ଶକ୍ତିକୁ ପ୍ରତିଧ୍ୱନିତ କରେ ଏବଂ ଘରକୁ ସମୃଦ୍ଧି ଆଣେ । ତେଣୁ ଏହାକୁ ଉତ୍ତର କିମ୍ବା ପୂର୍ବ ଦିଗରେ ଲଗାଇବା ଦ୍ୱାରା ଶୁଭ ଫଳ ମିଳିଥାଏ । ଉତ୍ତର ଦିଗରେ ଲଗାଇଲେ କ୍ୟାରିଅରରେ ଉନ୍ନତି ଆଣିବା ସହିତ ଆର୍ଥିକ ଲାଭ ମିଳିଥାଏ । ଏହି ଫଟୋକୁ ବାହାର ଆଡକୁ ନୁହେଁ ଘର ଆଡକୁ ମୁହଁ କରିବା ଉଚିତ୍ । ଏହା ସହିତ ଏହି ଫଟୋ ଲଗାଇଲେ ଚାକିରି, ବ୍ୟବସାୟରେ ସଫଳତା ମିଳିବା ସହିତ କାମ ଶୀଘ୍ର ସମାପ୍ତ କରିବାରେ ସାହାଯ୍ୟ କରେ ।



ମୟୂର : ବାସ୍ତୁ ଅନୁସାରେ ମୟୂରକୁ ସୌନ୍ଦର୍ଯ୍ୟ, ସମୃଦ୍ଧି ଏବଂ ଦେବୀ ଲକ୍ଷ୍ମୀଙ୍କର ପ୍ରତୀକ ବୋଲି ମାନାଯାଏ । ମୟୂର ଫଟୋ ଲଗାଇଲେ ଘରେ ସକରାତ୍ମକତା ଏବଂ ସୌଭାଗ୍ୟ ଆଣେ । ଏହାକୁ ଦକ୍ଷିଣ କିମ୍ବା ଦକ୍ଷିଣ-ପୂର୍ବ ଦିଗରେ ରଖିବା ଭଲ ବୋଲି ବିଶ୍ୱାସ କରାଯାଏ । ମୟୂରର ମୁହଁ ଘର ଆଡକୁ ହେବା ଉଚିତ୍ । ଯଦି ମୟୂରର ଲାଞ୍ଜ ବିସ୍ତାରିତ ଏବଂ ରଙ୍ଗୀନ ହୋଇଥାଏ ତେବେ ଏହା ବିଶେଷ ଲାଭ ପ୍ରଦାନ କରେ । ଏହି ଫଟୋ ଲଗାଇଲେ ଦେବୀ ଲକ୍ଷ୍ମୀଙ୍କ ଆଶୀର୍ବାଦ ମିଳିଥାଏ । ଘରେ କଳି କମାଇଥାଏ ଏବଂ ପାରିବାରିକ ସୁଖ ବଢାଇଥାଏ ।

ପାହାଡ଼ କିମ୍ବା ପର୍ବତ : ପାହାଡ଼ର ଫଟୋ ସ୍ଥିରତା, ଶକ୍ତି ଏବଂ ସୁରକ୍ଷାକୁ ବୁଝାଏ । ବାସ୍ତୁ ଅନୁସାରେ ଏହାର ଫଟୋକୁ ଉତ୍ତର କିମ୍ବା ପୂର୍ବ ଦିଗରେ ରଖିବା ଦ୍ୱାରା ଘରର ମୂଳଦୁଆକୁ ମଜବୁତ କରେ । ଏଥିସହିତ ଏହି ଫଟୋକୁ ଘରର ଉତ୍ତର ଦିଗରେ ଲଗୋଇଲେ ଆର୍ଥିକ ସ୍ଥିରତା ଏବଂ ଧନ ସଞ୍ଚୟ ହୋଇଥାଏ । ଏହାକୁ ପୂର୍ବ ଦିଗରେ ଲଗାଇବା ଦ୍ୱାରା ସ୍ୱାସ୍ଥ୍ୟ ଏବଂ ନୂଆ ଆରମ୍ଭର ସମ୍ଭାବନାକୁ ବଢାଇଥାଏ । ଯଦି ଏହି ଫଟୋ ସବୁଜ ରଙ୍ଗର ଏବଂ ସୂର୍ଯ୍ୟୋଦୟ ସହିତ ହୋଇଥାଏ ତେବେ ଏହା ଘର ପାଇଁ ଅତ୍ୟନ୍ତ ଶୁଭ ହୋଇଥାଏ । ଆର୍ଥିକ ଉତ୍ଥାନ-ପତନକୁ ମଧ୍ୟ ହ୍ରାସ କରିଥାଏ ।

ଗଣେଶଙ୍କ ଫଟୋ : ଗଣେଶଙ୍କୁ ବିଘ୍ନନାଶକ ବୋଲି କୁହାଯାଏ । ତାଙ୍କ ଫଟୋ ଲାଗିବା ଦ୍ୱାରା ଘରେ ସୁଖ, ସମୃଦ୍ଧି ଏବଂ ଜ୍ଞାନ ବଢାଇଥାଏ । ଏହାକୁ ଉତ୍ତର-ପୂର୍ବ କିମ୍ବା ପୂର୍ବ ଦିଗରେ ଲଗାଇବା ଭଲ । ଏହି ଫଟୋର ମୁହଁ ଘର ଆଡକୁ ହେବା ଉଚିତ୍ । ଲଡୁ ଗୋପାଳ କିମ୍ବା ବାଳ ଗଣେଶଙ୍କ ଫଟୋ ବିଶେଷ ଫଳପ୍ରଦ । ଯାହା ଘରର ବାଧା ବିଘ୍ନ ଦୂର କରେ ।

ବାସ୍ତୁ ଅନୁସାରେ ଏହି ୫ଟି ଫଟୋକୁ ସଠିକ୍ ଦିଗରେ ଲଗାଇଲେ ଆପଣଙ୍କ ଘରେ ସକରାତ୍ମକ ଶକ୍ତି ଆସିଥାଏ । ଅନେକ ସମସ୍ୟାର ସମାଧାନ କରିବ । କିନ୍ତୁ ଏହି ଫଟୋଗୁଡିକୁ ଘରେ ଲଗାଇବା ପୂର୍ବରୁ ଥରେ ବାସ୍ତୁ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ।

# ପ୍ରତିଦିନ ହାଇ ହିଲ୍ ପିନ୍ଧୁଛନ୍ତି କି ?

## ଜାଣନ୍ତୁ ଏହା ଆପଣଙ୍କ ସ୍ୱାସ୍ଥ୍ୟକୁ କିପରି କ୍ଷତି ପହଞ୍ଚାଏ

ସୁନ୍ଦର ଦେଖାଯିବା ପାଇଁ କିଏ ବା ନଚାହେଁ । ସୁନ୍ଦର ଦେଖାଯିବା ପାଇଁ ଲୋକମାନେ ବହୁତ୍ କିଛି କାର୍ଯ୍ୟ କରିଥାନ୍ତି । ଖାଲି ସୁନ୍ଦର ନୁହେଁ, ଅଧିକ ଷ୍ଟାଇଲିସ୍ ଦେଖାଯିବା ପାଇଁ ସବୁ ଝିଅଙ୍କର ସ୍ୱପ୍ନ ଥାଏ । ପ୍ରଥମେତଃ ଝିଅମାନେ ଷ୍ଟାଇଲ୍ ଡ୍ରେସ୍, ଷ୍ଟାଇଲ ହିଲ୍ ଇତ୍ୟାଦି ପିନ୍ଧିଥାନ୍ତି, ଯାହା ଦ୍ୱାରା ସେ ଅଧିକ ସୁନ୍ଦର ଦେଖାଯାଇଥାନ୍ତି । ଯେକୌଣସି ପାର୍ଟି, ଅଫିସ୍ କିମ୍ବା ବିଶେଷ ଅବସରରେ ହିଲ୍ ପିନ୍ଧିବା ଦ୍ୱାରା ଆପଣଙ୍କ ଲୁକ୍ ଚମତ୍କାର ଏବଂ ଆପଣଙ୍କ ବ୍ୟକ୍ତିତ୍ୱ ଆକର୍ଷଣୀୟ ହୋଇଥାଏ । କିନ୍ତୁ ଆପଣ ଜାଣିଛନ୍ତି କି ହାଇ ହିଲ୍ସ ପିନ୍ଧିଲେ ଅନେକ ସମସ୍ୟା ମାଡିଆସେ ? ଯଦି ଜାଣିନାହାନ୍ତି, ତେବେ ଆସନ୍ତୁ ଜାଣିବା ଅଧିକ ସମୟ ହାଇ ହିଲ୍ସ ପିନ୍ଧିଲେ କ'ଣ ଅସୁବିଧା ହୋଇଥାଏ ।

ହେଲ୍ଥ ବିଶେଷଜ୍ଞଙ୍କ ମତରେ, ସମସ୍ୟା ହିଲ୍ ପିନ୍ଧିବାରେ ନୁହେଁ ବରଂ ଦୀର୍ଘ ସମୟ ଧରି ପିନ୍ଧିବାରେ ଅଛି । ଯେତେବେଳେ ଜଣେ ବ୍ୟକ୍ତି ହିଲ୍ ପିନ୍ଧିଥାଏ, ସେତେବେଳେ ଶରୀରର ସନ୍ତୁଳନ ବଦଳିଯାଏ । ଚାଲିବା ମଧ୍ୟ ସାଧାରଣଲୋକଙ୍କ ଠାରୁ ଭିନ୍ନ ହୋଇଥାଏ ଯାହା ଫଳରେ ଶରୀରର ଓଜନ ଆଣ୍ଠୁ ଉପରେ ପଡ଼ିଥାଏ । ହାଇ ହିଲ୍ସ ପିନ୍ଧି ଚାଲିଲେ ସମ୍ପୂର୍ଣ୍ଣ ପ୍ରଭାବ ଆଣ୍ଠୁ ଉପରେ ପଡିଥାଏ । ଯାହା ଦ୍ୱାରା ଆଣ୍ଠୁ ଯନ୍ତ୍ରଣା ଅଧିକ ହୋଇଥାଏ ଏବଂ ରାତି ସମୟରେ ଶୋଇବାରେ ଅସୁବିଧା ମଧ୍ୟ ହୋଇଥାଏ ।

ଏହା ବ୍ୟତୀତ, ଯଦି ଦୀର୍ଘ ସମୟ ଧରି ହାଇ ହିଲ୍ ପିନ୍ଧାଯାଏ, ତେବେ ଏହି ସମସ୍ୟା ଆହୁରି ଗୁରୁତର ହୋଇପାରେ । ଛୋଟ ଛୋଟ ସମସ୍ୟାରୁ ବଡ଼ ସମସ୍ୟାକୁ ଗତି କରିପାରେ । ପ୍ରତିଦିନ ହାଇ ହିଲ୍ ପିନ୍ଧିବା ଦ୍ୱାରା ପାଦ ଏବଂ ଗୋଡ଼ ଉପରେ ନିରନ୍ତର ଚାପ ପଡ଼େ । ଏହା ଗୋଡ଼ରେ ଫୁଲା ଏବଂ ଲଗାତାର ଯନ୍ତ୍ରଣା ସୃଷ୍ଟି କରେ ।



ହାଇ ହିଲ୍ ପିନ୍ଧିବା ଦ୍ୱାରା ଶରୀରର ସନ୍ତୁଳନ ବିଗିଡ଼ିପାରେ , ମେରୁଦଣ୍ଡ ଉପରେ ଚାପ ପଡ଼ିପାରେ । ଲଗାତାର ହିଲ୍ ପିନ୍ଧିବା ଦ୍ୱାରା ପିଠି ଯନ୍ତ୍ରଣା ଏବଂ କଟି ଯନ୍ତ୍ରଣା ବଢିପାରେ । ମେରୁଦଣ୍ଡର ପ୍ରାକୃତିକ ସ୍ଥିତି ପରିବର୍ତ୍ତନ କରିବା ଦ୍ୱାରା ହାଡ଼ ଯନ୍ତ୍ରଣା ହୋଇପାରେ । ଏହା ରକ୍ତ ସଞ୍ଚାଳନ ସମସ୍ୟାକୁ ବୃଦ୍ଧି କରେ । ଗୋଡରେ ଝିମ୍‌ଝିମ୍ ହେବା ସମସ୍ୟାକୁ ମଦ୍ୟ ବଢ଼ାଇଥାଏ ।

କିଛି ବ୍ୟକ୍ତି ଅଧିକ ବିପଦର ସମ୍ମୁଖୀନ ହୁଅନ୍ତି, ଯେଉଁମାନେ ଦୁର୍ବଳ ମାଂସପେଶୀ, ଅତ୍ୟଧିକ ଓଜନ କିମ୍ବା ପୂର୍ବରୁ ଆଣ୍ଠୁଗଣ୍ଠି ସମ୍ବନ୍ଧୀୟ ସମସ୍ୟାରେ ଅଛନ୍ତି ସେମାନେ ହାଇ ହିଲ୍ ପିନ୍ଧିବା ସମୟରେ ବିଶେଷ ସତର୍କତା ଅବଲମ୍ବନ କରିବା ଉଚିତ । ଏପରି ବ୍ୟକ୍ତିମାନଙ୍କଠାରେ ଅଧିକ ଚାପ ପଡିଥାଏ ଏବଂ ବହୁତ୍ କଷ୍ଟ ଅନୁଭବ କରିଥାନ୍ତି ।

ବିଶେଷଜ୍ଞମାନେ ପରାମର୍ଶ ଦିଅନ୍ତି ଯେ ଯଦି ହିଲ୍ ପିନ୍ଧିବା ଆବଶ୍ୟକ, ତେବେ କିଛି ସତର୍କତା ମନେ ରଖିବା ଉଚିତ । ଉଦାହରଣ ସ୍ୱରୂପ, କମ୍ ଉଚ୍ଚତା ହିଲ୍ ବାଛନ୍ତୁ । ବ୍ଲକ ହିଲ୍ କିମ୍ବା ୱେଜ୍, ଏହା ବହୁତ୍ ସୁରକ୍ଷିତ ପ୍ରଦାନ କରିଥାଏ ।

ଏହା ବ୍ୟତୀତ, ଦୁଇରୁ ଚାରି ଘଣ୍ଟାରୁ ଅଧିକ ସମୟ ପାଇଁ ଲଗାତାର ହିଲ୍ ପିନ୍ଧନ୍ତୁ ନାହିଁ । ମଝିରେ ଆରାମଦାୟକ ଚପଲ ପିନ୍ଧନ୍ତୁ ଏବଂ ଆପଣଙ୍କ ହିଲ୍ କାଢିବା ପରେ ପାଦ ଷ୍ଟ୍ରେଚ୍ କରନ୍ତୁ । ବିଶେଷଜ୍ଞମାନେ ଏହା ମଧ୍ୟ ପରାମର୍ଶ ଦିଅନ୍ତି ଯେ ହିଲ୍ସକୁ ସମ୍ପୂର୍ଣ୍ଣ ଭାବରେ ପରିତ୍ୟାଗ କରିବାର ଆବଶ୍ୟକତା ନାହିଁ, କିନ୍ତୁ ସେଗୁଡ଼ିକୁ ସଂଯମ ଏବଂ ସଠିକ୍ ଭାବରେ ବ୍ୟବହାର କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ହାଇ ହିଲ୍ ପିନ୍ଧିବା ନିଶ୍ଚିତ ଭାବରେ ଆପଣଙ୍କର ସୌନ୍ଦର୍ଯ୍ୟ ଏବଂ ଆତ୍ମବିଶ୍ୱାସକୁ ବୃଦ୍ଧି କରେ, କିନ୍ତୁ ବାରମ୍ବାର ବ୍ୟବହାର ଆପଣଙ୍କ ଶରୀର ପାଇଁ ବିପଦପୂର୍ଣ୍ଣ ହୋଇପାରେ । ଆପଣଙ୍କ ପାଦ, ଆଣ୍ଠୁ, କଟି ଏବଂ ମେରୁଦଣ୍ଡକୁ କ୍ଷତି ନ ପହଞ୍ଚାଇବା ପାଇଁ , ସୀମିତ ସମୟ ପାଇଁ ଏବଂ କେବଳ ବିଶେଷ ଅବସରରେ ସେଗୁଡ଼ିକୁ ପିନ୍ଧନ୍ତୁ । ଯାହା ଦ୍ୱାରା ଆପଣଙ୍କ କୌଣସୁ ଅସୁବିଧାରେ ସମ୍ମୁଖିନ ହେବେ ନାହିଁ ।

## ମିଠା ଖାଇଲେ କମିବ ସ୍ମରଣଶକ୍ତି




ଅନେକ ଲୋକ ଲୋଭର ବଶବର୍ତ୍ତୀ ହୋଇ ଅଧିକ ପରିମାଣରେ ମିଠା ଖାଇବାକୁ ପସନ୍ଦ କରିଥାଆନ୍ତି । ଏହାର ସ୍ୱାଦ ହୁଏତ ମିଠା ହୋଇପାରେ, ହେଲେ ଏହାର ପରିମାଣ ଅଧିକ ହେଲେ ତାହା ଆମ ସ୍ମରଣ ଶକ୍ତିକୁ ପ୍ରଭାବିତ କରିବାର ଯଥେଷ୍ଟ ଆଶଙ୍କା ରହିଛି । ଏଭଳି ସତର୍କ ସୂଚନା ଦେଇଛନ୍ତି କାଲିଫର୍ନିଆ ବିଶ୍ୱବିଦ୍ୟାଳୟ ପୁଷ୍ଟିବିଜ୍ଞାନୀମାନେ । 'ଅତ୍ୟଧିକ ମିଠା ଓ ସ୍ମରଣ ଶକ୍ତି' ବିଷୟକୁ ନେଇ ହୋଇଥିବା ସର୍ଭେରୁ ଏଭଳି ତଥ୍ୟ ମିଳିପାରିଛି । ଏହି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ସେମାନେ କିଛି ବ୍ୟକ୍ତିଙ୍କୁ ସର୍ଭେ ପରିସରଭୁକ୍ତ କରିଥିଲେ । ସେମାନଙ୍କୁ ଦୁଇଟି ଗ୍ରୁପରେ ବିଭକ୍ତ କରି ଗୋଟିଏ ଗ୍ରୁପରେ ଥିବା ବ୍ୟକ୍ତିଙ୍କୁ ସାଧାରଣ ଭାବରେ ମିଠା ଖାଇବାକୁ ଏବଂ ଅନ୍ୟ ଗ୍ରୁପ ବ୍ୟକ୍ତିମାନଙ୍କୁ ମନଇଚ୍ଛା ମିଠା ଖାଇବାକୁ ପରାମର୍ଶ ଦେଇଥିଲେ । ଅପରପକ୍ଷରେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଏହାର କି ପ୍ରକାର ପ୍ରଭାବ ସେମାନଙ୍କର ସ୍ମରଣ ଶକ୍ତି ଉପରେ ପଡୁଛି ତାହାକୁ ତନ୍ନତନ୍ନ କରି ଅନୁଧ୍ୟାନ ମଧ୍ୟ କରିଥିଲେ । ଯେଉଁମାନେ ଆବଶ୍ୟକତାଠାରୁ ଅଧିକ ମିଠା ଖାଉଥିଲେ ସେମାନଙ୍କ ମଧ୍ୟରୁ ପ୍ରାୟ ୫୦ ପ୍ରତିଶତ ବ୍ୟକ୍ତିଙ୍କ ସ୍ମରଣଶକ୍ତିରେ ତାରତମ୍ୟ ଦେଖିବାକୁ ମିଳିଥିଲା ।

## ଖରାଦିନେ ତ୍ୱଚାରେ ନ୍ୟାଚୁରାଲ୍ ଗ୍ଲୋ ପାଇଁ ନିଶ୍ଚୟ ଖାଆନ୍ତୁ

ଗ୍ରୀଷ୍ମ ଋତୁର ଆଗମନ ସହିତ ତାପମାତ୍ରା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଖରାଦିନେ ସାଧାରଣତଃ ତ୍ୱଚାରେ ଟ୍ୟାନିଂ ଭଳି ସମସ୍ୟା ଦେଖାଦେଇଥାଏ । ଆଉ ଏହି ଟ୍ୟାନିଂକୁ ଏଡାଇବା ଲାଗି ଲୋକମାନେ ବଜାରରୁ ବିଭିନ୍ନ ପ୍ରକାରର ମହଙ୍ଗା ସୌନ୍ଦର୍ଯ୍ୟ ଉପକରଣମାନ କିଣିଥାନ୍ତି । କିନ୍ତୁ ଆପଣମାନେ କ'ଣ ଜାଣନ୍ତି କି ଏମିତି କିଛି ଫଳ ଅଛି, ଯାହା ଆମର ପ୍ରାକୃତିକ ସୌନ୍ଦର୍ଯ୍ୟ ବଜାୟ ରଖିବାରେ ସାହାଯ୍ୟ କରେ ଆଜି, ଆମେ ଆପଣଙ୍କୁ ଏପରିକିଛି ଖରାଦିନିଆ ଫଳ ବିଷୟରେ କହିବୁ, ଯାହା ଆପଣଙ୍କ ତ୍ୱଚାକୁ ଏକ ପ୍ରାକୃତିକ ଚମକ ଦେବ ।



୧-ପଇଡ ପାଣି : ଏହା ଆମ ଶରୀରକୁ ହାଇଡ୍ରେଟ୍ ରଖିବା ସହ ଚର୍ମକୁ ଉଜ୍ଜ୍ୱଳ ଏବଂ କୋମଳ ରଖିବାରେ ସାହାଯ୍ୟ କରେ । ଗ୍ରୀଷ୍ମ ଋତୁରେ ପ୍ରତିଦିନ ଗୋଟିଏ ପଇଡ ପାଣି ପିଇବା ଦ୍ୱାରା ଆପଣଙ୍କ ପେଟ ଏବଂ ଚର୍ମ ଉଭୟ ସୁସ୍ଥ ରହିପାରିବ ।

୨-ତରଭୁଜ: ଏଥିରେ ଭିଟାମିନ୍ ସି, ଫାଇବର ଏବଂ ପାଣି ଭରପୁର ମାତ୍ରାରେ ରହିଥାଏ । ଭିଟାମିନ୍ ସି ଟ୍ୟାନିଂ ଦୂର କରିବାରେ ସାହାଯ୍ୟ କରେ । ଯଦି ଆପଣ ଗ୍ରୀଷ୍ମ ଋତୁରେ ଟ୍ୟାନିଂ ବିଷୟରେ ଚିନ୍ତିତ, ତେବେ ଆପଣଙ୍କ ଖାଦ୍ୟରେ ତରଭୁଜକୁ ସାମିଲ କରନ୍ତୁ । ତରଭୁଜ ଚମକଦାର ତ୍ୱଚା ସହ ଶରୀରର ତାପମାତ୍ରା ବଜାୟ ରଖେ ।

୩-କାକୁଡି- ଏହା କେବଳ ସାଲାଡର ଏକ ଅଂଶ ନୁହେଁ । ବରଂ ଏହା ପେଟ ଏବଂ ଚର୍ମ ଉଭୟ ପାଇଁ ବହୁତ୍ ଉପଯୋଗୀ । କାକୁଡି ପୁରା ଶରୀରକୁ ହାଇଡ୍ରେଟ୍ କରେ । ଏବଂ ଶୁଷ୍କତା ହ୍ରାସ କରିବାରେ ସାହାଯ୍ୟ କରେ ।

୪-ଖରାଦିନେ ଆମ୍ବ ମଧ୍ୟ ତ୍ୱଚା ପାଇଁ ଲାଭଦାୟକ । ଆମ୍ବରେ ଭିଟାମିନ୍ ସି ଏବଂ ଆଣ୍ଟିଅକ୍ସିଡାଣ୍ଟ ଥାଏ । ଯାହା ହଜିଯାଇଥିବା ଚମକ ଫେରାଇ ଆଣିବାରେ ସାହାଯ୍ୟ କରେ ।

୫-କମଳା-ଏହା ଭିଟାମିନ୍ ସି ରେ ଭରପୂର । ଏହା ଚୋପା ମଧ୍ୟ ଚର୍ମ ପାଇଁ ଲାଭଦାୟକ । କମଳା କେବଳ ମୁହଁକୁ ଗଭୀର ଭାବରେ ପୋଷଣ ଦିଏ ନାହିଁ ବରଂ କଳା ଦାଗକୁ ଦୂର କରିବାରେ ମଧ୍ୟ ସାହାଯ୍ୟ କରେ । ଫେସ୍ ପ୍ୟାକ୍ ରେ ମଧ୍ୟ କମଳା ଚୋପା ବ୍ୟବହାର କରାଯାଏ ।

## ଡବଲ ହେବ ଆଖି ପାୱାର, ଖାଇବାରେ ସାମିଲ କରନ୍ତୁ ଟମାଟୋ



ପ୍ରତ୍ୟେକ ପନିପରିବା ଆମ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଜରୁରୀ ହୋଇଥାଏ । ସବୁ ଋତୁ ଅନୁସାରେ ପନିପରିବା, ଫଳମୂଳ ଖାଇବାକୁ ପରାମର୍ଶ ଦିଆଯାଇଥାଏ । ପ୍ରତ୍ୟେକ ଖାଦ୍ୟରେ କିଛି ନା କିଛି ଲାଭକାରୀ ଗୁଣ ରହିଛି । ଯାହା ଆମର ଅନେକ ସ୍ୱାସ୍ଥ୍ୟଗତ ସମସ୍ୟାକୁ ଦୂର କରିବାରେ ସାହାଯ୍ୟ କରେ । ସେହି ସବୁ ମଧ୍ୟରୁ ଟମାଟୋ ହେଉଛି ଅନ୍ୟତମ ।

ଟମାଟୋକୁ ଆମେ ସାଧାରଣତଃ ବିଲାତି ବୋଲି କହିଥାଉ । ଯାହା ଶରୀର ପାଇଁ ଖୁବ୍ ଉପଯୋଗୀ ହୋଇଥାଏ । ଘରେ ଘରେ ଟମାଟୋର ବ୍ୟବହାର ଖୁବ୍ ମାତ୍ରାରେ ହୋଇଥାଏ । ଟମାଟୋ ଏମିତି ଏକ ପରିବା ଯାହା ସ୍ୱାଦକୁ ବଢାଇବା ସହ ସ୍ୱାସ୍ଥ୍ୟଗତ ସମସ୍ୟାରୁ ମୁକ୍ତି ଦେଇଥାଏ । ଟମାଟୋକୁ ସାଲାଡ୍, ସୁପ୍ ଏବଂ ଜୁସ୍ ତିଆରି କରି ଲୋକେ ଖାଇବା ପସନ୍ଦ କରିଥାଆନ୍ତି । କେବଳ କଞ୍ଚା ଟମାଟୋ ନୁହେଁ ବରଂ ଏହାର ଜୁସ୍ ମଧ୍ୟ ସ୍ୱାସ୍ଥ୍ୟ ହିତକର ହୋଇଥାଏ ।

ଟମାଟୋରେ ଭିଟାମିନ୍ ସି ଏବଂ କେ, ଆଣ୍ଟିଅକ୍ସିଡାଣ୍ଟ, ଫାଇବର ଏବଂ ପୋଟାସିୟମ୍ ଏବଂ ମ୍ୟାଗ୍ନେସିୟମ୍ ଭଳି ବିଭିନ୍ନ ପୋଷକ ତତ୍ତ୍ୱ ରହିଛି । ଯାହାକୁ ନିୟମିତ ଖାଇବା ଦ୍ୱାରା ଶରୀରକୁ ଅନେକ ଲାଭ ମିଳିଥାଏ । ଏହା ଚର୍ମ, କେଶ, ହାଡ଼ ଏବଂ ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରିଥାଏ । ଶୀତଦିନେ ଟମାଟୋ ରସ ପିଇବା ବିଶେଷ ଫଳପ୍ରଦ ହୋଇଥାଏ । ତେବେ ଆସନ୍ତୁ ଏହାର ଅନେକ ଲାଭକାରୀ ଗୁଣ ସମ୍ପର୍କରେ ଜାଣିବା ।

**ତ୍ୱଚା ପାଇଁ ଲାଭଦାୟକ :** ଟମାଟୋରେ ଭିଟାମିନ୍ ସି ଗୁଣ ଥିବାରୁ ଏହା ଚର୍ମ ପାଇଁ ଖୁବ୍ ଲାଭଦାୟକ ବୋଲି ବିବେଚନା କରାଯାଏ । ଯାହା ସୁସ୍ଥ ଚର୍ମ ବଜାୟ ରଖିବାରେ ସାହାଯ୍ୟ କରେ । ପିଗମେଣ୍ଟେସନ୍, ବ୍ରଣ, ମୁହଁରେ ଭାଙ୍ଗ ପଡିବା ଭଳି ସମସ୍ୟାକୁ ଏହା ଦୂର କରିଥାଏ ।

**ପାଚନ ପ୍ରକ୍ରିୟା ପାଇଁ ଲାଭଦାୟକ :** ଟମାଟୋ ଜୁସ୍ ପାଚନ ପ୍ରକ୍ରିୟାରେ ଉନ୍ନତି କରିଥାଏ । ଯାହା ଏସିଡିଟି ଏବଂ ବଦହଜମୀକୁ ସହଜରେ କମ୍ କରିଥାଏ । ଟମାଟୋରେ ଫାଇବର ଥିବାରୁ ଅନ୍ତନଳୀର ସ୍ୱାସ୍ଥ୍ୟ ବଜାୟ ରଖିବା ସହିତ କୋଷ୍ଠକାଠିନ୍ୟକୁ ଦୂର କରେ ।

**ଓଜନ ହ୍ରାସ କରେ :** ଟମାଟୋ ରସରେ କ୍ୟାଲୋରୀ କମ୍ ଏବଂ ଫାଇବର ଅଧିକ ଥାଏ । ଯାହା ଓଜନ ହ୍ରାସ କରିବାରେ ସହାୟକ କରେ । ଏହାର ଜୁସ୍ ପିଇବା ଦ୍ୱାରା ଭୋକକୁ ନିୟନ୍ତ୍ରଣରେ ରଖିଥାଏ । ଏହା ବ୍ୟତୀତ ଟମାଟୋ ମେଟାବୋଲିଜିମକୁ ବୃଦ୍ଧି କରି ଚର୍ବିକୁ ହ୍ରାସ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ ।

ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରେ : ଟମାଟୋରେ ଭିଟାମିନ୍ ସି ଭରପୁର ମାତ୍ରାରେ ଥାଏ । ଯାହା ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରି ରଖିଥାଏ । ଏଥିସହ ଶରୀରରୁ ଥଣ୍ଡା ସର୍ଦ୍ଦି ଏବଂ ଅନ୍ୟାନ୍ୟ ସଂକ୍ରମଣରୁ ରକ୍ଷା କରେ ।

**ହାର୍ଟ ପାଇଁ ଲାଭଦାୟକ :** ଟମାଟୋ ଜୁସ୍ ହାର୍ଟ ପାଇଁ ରାମବାଣ ଭଳି କାମ କରେ । ଏଥିରେ ଲାଇକୋପିନ୍, ପୋଟାସିୟମ୍ ଏବଂ ଫାଇବର ରହିଛି । ଯାହା ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ଏବଂ ହୃଦରୋଗର ଆଶଙ୍କା କମାଇବାରେ ସାହାଯ୍ୟ କରେ ।

**ଆଖିକୁ ସୁସ୍ଥ ରଖେ :** ଟମାଟୋରେ ଭିଟାମିନ୍ ଏ ଏବଂ ବିଟା-କାରୋଟିନ୍ ଥାଏ, ଯାହା ଆପଣଙ୍କ ଆଖି ପାଇଁ ଲାଭଦାୟକ । ଏହା ଆପଣଙ୍କ ଦୃଷ୍ଟିଶକ୍ତିକୁ ଉନ୍ନତ କରିଥାଏ । ଏହା ଡାଇବେଟିସ୍ ଲୋକଙ୍କ ପାଇଁ ମଧ୍ୟ ଖୁବ୍ ପ୍ରଭାବଶାଳୀ । ଏତିକି ନୁହେଁ କ୍ୟାନ୍ସର ଭଳି ମାରାତ୍ମକ ରୋଗରୁ ରକ୍ଷା କରେ । ତେଣୁ ଆପଣଙ୍କ ନିତିଦିନିଆ ଖାଇବାରେ ଟମାଟୋ କିମ୍ବା ଟମାଟୋ ଜୁସ୍ ସାମିଲ କରିବାକୁ ଚେଷ୍ଟା କରନ୍ତୁ ।

# ଦ୍ୱିତୀୟ ଖାରବେଳ !

**ବିଜୟାନନ୍ଦ ପଟ୍ଟନାୟକ କେବଳ ଜଣେ ଓଡିଆ ରାଜନୀତିଜ୍ଞ ନୁହନ୍ତି; ସେ ଥିଲେ କଳିଙ୍ଗ ବୀର ଦ୍ୱିତୀୟ ଖାରବେଳ ବିଜୁ ପଟ୍ଟନାୟକ !**

### ॥ ଇଂ ପ୍ରଫୁଲ୍ଲ କୁମାର ପଟ୍ଟନାୟକ ॥



ବିଜୁ ପଟ୍ଟନାୟକଙ୍କ ବ୍ୟକ୍ତିତ୍ୱ ଓ ତାଙ୍କ ପୁରୁଷାକାରକୁ ଆଧୁନିକ ଓଡ଼ିଶା ଇତିହାସର ପ୍ରସିଦ୍ଧ ନେତୃତ୍ୱବୃନ୍ଦଙ୍କ ମାନଦଣ୍ଡରେ ମାପିବାକୁ ବସିଲେ କୌଣସି ଜଣେ ହେଲେ ତାଙ୍କ ସମକକ୍ଷ ବୀର ଦୃଶ୍ୟମାନ ହୁଅନ୍ତି ନାହିଁ ଓ କାରଣ ସେ ବୀର ପୁରୁଷଙ୍କ ସ୍ଥାନ ସାଂପ୍ରତିକ ଓଡ଼ିଶାର ରାଜନୈତିକ ମାନଚିତ୍ରରେ ନୁହେଁ; ପ୍ରାଚୀନ ଐତିହାସିକ କଳିଙ୍ଗର ଆଗଙ୍ଗାଗୋଦାବରୀ ଚିହ୍ନିତ କଳିଙ୍ଗ ଦେଶର ମାନଚିତ୍ରରେ ହିଁ ତାଙ୍କ ସ୍ଥାନ ନିରୂପଣ କରାଯିବା ଉଚିତ !

ଓଡ଼ିଶା ପରିବର୍ତ୍ତେ କଳିଙ୍ଗ ନାମକରଣକୁ ସେ ଏଭଳି ବ୍ୟାପକ ଅର୍ଥରେ ପ୍ରଚାର ଓ ପ୍ରସାର କରିଯାଇଛନ୍ତି ଯାହା ତାଙ୍କର ନିଜସ୍ୱ ପରିଚୟକୁ ସ୍ଥାନ ଓ କାଳର ଏକ କ୍ଷୁଦ୍ର ପରିସୀମାରେ ଆବଦ୍ଧ କରି ପାରେନା ; ତାହାର ପରିସୀମା ବହୁ ବ୍ୟାପକ ଏବଂ ବହୁ ଅର୍ଥପୂର୍ଣ୍ଣ ଭୂଗୋଳ ଓ ଇତିହାସର ଆଲୋଚନା ଦାବି କରେ ।

୧୯୫୧ରେ ବିଜୁ ପଟ୍ଟନାୟକ ପ୍ରଥମେ ଏଇ କଳିଙ୍ଗ ନାମକୁ ଆନ୍ତର୍ଜାତିକ ସ୍ତରରେ ପରିଚିତ କରାଇବାର ପ୍ରଚେଷ୍ଟା କରିଥିଲେ ଓ ତାଙ୍କ ପୂର୍ବରୁ ଏଇ ନାମ କେବଳ ଏକ ସଂଗ୍ରହାଳୟର ନିର୍ଜୀବ ସାମଗ୍ରୀ ଭାବେ ଇତିହାସ ପୃଷ୍ଠା ମଣ୍ଡନ କରୁଥିଲା ଓ କିନ୍ତୁ ୧୯୫୧ ପରେ ଏଥିରେ ଜୀବନୀ ଶକ୍ତି ସଞ୍ଚାର ହେଲା ଓ ଏହା ସମ୍ଭବ ହୋଇ ପାରିଥିଲା କେବଳ ଜଣେ ବ୍ୟକ୍ତିର ଅନ୍ତର୍ନିହିତ ଭାବାବେଗ ବଳରେ ଓ ଏହାର ପ୍ରମାଣ ଖୋଜିବାକୁ ଇଚ୍ଛୁକ ଯେକେହି ବ୍ୟକ୍ତି ତାଙ୍କ ହାତ ପାହାନ୍ତାରେ ଥିବା ସ୍ମାର୍ଟଫୋନକୁ 'ଗୁଗୁଲ୍' ମାଧ୍ୟମରେ ପ୍ରଶ୍ନ କଲେ ଏହି ଉତ୍ତରଟି ତାଙ୍କୁ ତତ୍କ୍ଷଣାତ୍ ମିଳିଯିବ – "The UNESCO Kalinga Prize for Popularization of Science is an International distinction created by UNESCO in 1951 following a donation from Mr Bijoyanand Patnaik Founder and President of Kalinga Foundation Trust in India"

ଏଇ ଗୋଟିଏ ମାତ୍ର ଉଲ୍ଲେଖ ଯଥେଷ୍ଟ – ଏହାର ପ୍ରତିଷ୍ଠା ତାଙ୍କ ନିଜସ୍ୱ ବ୍ୟକ୍ତିତ୍ୱ ଓ ଏହାର ପୃଷ୍ଠଭୂମିରେ ଥିବା ତାଙ୍କର ଗଗନଛୁଆଁ ଅଭୀପ୍ସାର ପରିସର ଆକଳନ କରିବାକୁ । ୧୯୫୧ରେ ତାଙ୍କର ବୟସ ୩୫ବର୍ଷ ମାତ୍ର ସେତେବେଳେ ସେ ଥିଲେ ଓଡ଼ିଶା ବିଧାନସଭାର ଜଣେ ସାଧାରଣ ସଭ୍ୟ ସେତେବେଳେ ବିଧାନ ସଭାଗୃହ ସ୍ଥାନିତ ହୋଇଥିଲା କଟକର ରେଭେନ୍ସା କଲେଜର ଏକ ପାର୍ଶ୍ୱରେ ଅବସ୍ଥିତ ଗୋଟିଏ ବଡ ହଲ୍ ଭଳି କକ୍ଷରେ ଓ ସେ ସମୟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ ଶ୍ରୀ ନବକୃଷ୍ଣ ଚୌଧୁରୀ। ଉଲ୍ଲେଖନୀୟ ଯେ ଏହି ସମୟକୁ ମୁଁ ଥିଲି ରେଭେନ୍ସା କଲେଜର ଛାତ୍ର, ତୃତୀୟ ବାର୍ଷିକ (ବିଜ୍ଞାନ) ଶ୍ରେଣୀରା ମୋର ସୌଭାଗ୍ୟ ଯେ ମୋର ଛାତ୍ରାବସ୍ଥା ତଥା ଶିକ୍ଷା ବିଭାଗରେ ଦୀର୍ଘ ବର୍ଷ ଧରି ଅଧ୍ୟାପନା ଓ ପ୍ରଶାସନିକ ସେବା କାଳରେ ମୁଁ ଏହି ଐତିହାସିକ ପରୁଷଙ୍କ ନିକଟ ସମ୍ପର୍କରେ ଆସିଥିଲି ଏବଂ ଏହାଙ୍କ ସହିତ ବାରମ୍ବାର ମତ ବିନିମୟର ସୁଯୋଗ ଲାଭ କରିଥିଲି ।

୧୯୫୧, ଯେଉଁ ବର୍ଷ ୟୁନେସ୍କୋରେ କଳିଙ୍ଗ ପୁରସ୍କାର ପ୍ରତିଷ୍ଠା କରାଯାଇଥିଲା ସେଇ ସମୟରେ ଓଡ଼ିଶାର ରାଜନୈତିକ ବାତାବରଣ ଆଜିପରି ଏଭଳି କଳୁଷିତ ହୋଇନଥିଲା ଓ ସେତେବେଳେ ଓଡ଼ିଶା ବିଧାନସଭାରେ ସଭ୍ୟପଦ ଥିଲା ବହୁ ସମ୍ମାନଜନକ ଏଥିରେ ସଭ୍ୟ ହେବାକୁ ବହୁ ଉଚ୍ଚଶିକ୍ଷିତ ବ୍ୟକ୍ତି ଲାଳାୟିତ ହେଉଥିଲେ ଓ ଏହାର ପ୍ରମାଣ ୧୯୫୨-୫୭ ବିଧାନସଭାର ସଭ୍ୟ ତାଲିକାରେ ଅନେକ ପ୍ରସିଦ୍ଧ ବ୍ୟକ୍ତିବିଶେଷଙ୍କ ନାମ ଦେଖିବାକୁ ମିଳେ ଓ ସେମାନଙ୍କ ଭିତରେ ସର୍ବାଧିକ ଦୃଶ୍ୟମାନ ଥିଲେ- ଡକ୍ଟର ପ୍ରାଣକୃଷ୍ଣ ପରିଜା ।

ଜଣେ ବିଶିଷ୍ଟ ବୈଜ୍ଞାନିକ ଭାବେ ଡକ୍ଟର ପରିଜାଙ୍କ ଖ୍ୟାତି ବିଶ୍ୱସ୍ତରର ଓ ଓଡିଶା ବିଧାନ ସଭାର ସଭ୍ୟଭାବେ ୧୯୫୨ରୁ ୧୯୫୭ ପର୍ଯ୍ୟନ୍ତ ସେ ଓଡ଼ିଶାବାସୀଙ୍କ ସେବା କରିଥିଲେ । ତାଙ୍କ ପରି ଆହୁରି ଅନେକ ଜ୍ଞାନୀଗୁଣି ଧନୀମାନୀ ବ୍ୟକ୍ତିବିଶେଷ ସେଇ ବିଧାନସଭା ଗୃହର ସଭ୍ୟ ଆସନ ମଣ୍ଡନ କରୁଥିଲେ । କିନ୍ତୁ କାହିଁ? ସେବେଳର ଅନ୍ୟ କେହି ଜଣେ ହେଲେ ଜ୍ଞାନୀଗୁଣିଧନୀମାନୀଙ୍କ ମୁଣ୍ଡରେ ତ ପଶିନଥୁଲା, ତତ୍କାଳୀନ କଂଗ୍ରେସୀ ରାଜନୀତିରେ ଓଡ଼ିଶା ଭଳି ଏକ ଅବହେଳିତ ରାଜ୍ୟର ଯଥାର୍ଥ ପରିଚୟ ପାଇଁ ତା'ର ନାମ ଫଳକରେ ଓଡ଼ିଶା ନାମ ସାଙ୍ଗରେ 'କଳିଙ୍ଗ' ଭଳି ଏକ ଇତିହାସ ପ୍ରସିଦ୍ଧ ନାମକୁ ଏପରି ସମ୍ମାନଜନକ ପଦବୀ ଭାବେ ଯୋଡିଦେବାକୁ, ଯାହାଫଳରେ ଏଇ ଅବହେଳିତ ରାଜ୍ୟର ଅବାସୀଙ୍କ ପାଇଁ ଏକ ମର୍ଯ୍ୟାଦାବନ୍ତ ବିଶ୍ୱପରିଚୟ ମିଳିପାରିଥାନ୍ତା ଆନ୍ତର୍ଜାତିକ ସ୍ତରରେ ?

କିନ୍ତୁ ୩୫ ବର୍ଷର ଯୁବକ ବିଜୟାନନ୍ଦଙ୍କୁ ଘାରୁଥିଲା କିପରି ମଧୁବାବୁଙ୍କ ସମୟରେ କଲିକତା ରାଜରାସ୍ତାରେ ବିଚରା ଶ୍ରମଜୀବୀ ଓଡ଼ିଆ କୁଲିଙ୍କ ପ୍ରତି ସ୍ଥାନୀୟ ଅଧିବାସୀଙ୍କ ତୁଣ୍ଡରେ ଖେଳୁଥିବା ନିର୍ମମ ଗାଳି 'ଭାରବାହୀ ପଶୁ' ଉପାଧକ୍ଷ ଇତିହାସ ପୃଷ୍ଠାରୁ ଚିରକାଳ ପାଇଁ ପୋଛିଦେଇ ସେମାନଙ୍କୁ ସେମାନଙ୍କର ନାଯ୍ୟ ପରିଚୟ ସମ୍ମାନସୂଚକ ପଦ 'କଳିଙ୍ଗା ସାହସିକାଂ' ଦ୍ୱାରା ପୁନର୍ବାର ପରିଚିତ ଓ ପ୍ରତିଷ୍ଠିତ କରାଇବାକୁ ସେଇ ଥିଲା କାରଣ ଯାହା ପାଇଁ ସ୍ୱୋପାର୍ଜିତ ଧନରେ ସେ ୟୁନେସ୍କୋ ଭଳି ଏକ ବିଶ୍ୱସ୍ତରୀୟ ସାଂସ୍କୃତିକ ମର୍ଯ୍ୟାଦାବନ୍ତ ସଂସ୍ଥା ମାଧ୍ୟମରେ, ଓଡ଼ିଆଙ୍କ ମର୍ଯ୍ୟାଦାର ପୁନଃପ୍ରତିଷ୍ଠା ପାଇଁ, ସେଭଳି ଏକ ଉଚ୍ଚାଭିଳାଷୀ ଉଦ୍ୟମ କରିଥିଲେ - କଳିଙ୍ଗ ପୁରସ୍କାର ପାଇଁ ଏକ ଫାଉଣ୍ଡେସନ ପ୍ରତିଷ୍ଠା ମାଧ୍ୟମରେ ।

୧୯୫୧ର ବିଜୟାନନ୍ଦ, ପରବର୍ତ୍ତୀ ସମୟରେ ବିଜୁ ପଟ୍ଟନାୟକ ନାମରେ ପରିଚିତ ହୋଇ ୧୯୫୧ରୁ ୧୯୯୭ପର୍ଯ୍ୟନ୍ତ ଦୀର୍ଘ ୪୭ ବର୍ଷ ଧରି ରାଜନୈତିକ ଜୀବନର ସୁଦୀର୍ଘ ବନ୍ଧୁର ପଥ ଅତିକ୍ରମ କରିଥିଲେ ଓ ସେ ଭିତରେ ସେ ଦୁଇଥର ମୁଖ୍ୟମନ୍ତ୍ରୀ ହୋଇଥିଲେ। କିନ୍ତୁ ଏହା ତାଙ୍କର ଆତ୍ମସନ୍ତୋଷ ପାଇଁ ଯଥେଷ୍ଟ କାରଣ ହୋଇପାରି ନ ଥିଲା ଓ ତାଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ସେ ଓଡ଼ିଆବାସୀଙ୍କ ସୀମିତ ଆସ୍ପୃହାକୁ ଉଦ୍‌ଜୀବିତ କରାଇବା ଲକ୍ଷ୍ୟରେ ବହୁ ପ୍ରକାର ଯୋଜନାବଦ୍ଧ ଉଦ୍ୟମ ଜାରି ରଖିଥିଲେ ।

ସେ ଭିତରୁ ପ୍ରମୁଖ ଉଦ୍ୟମଟି ଥିଲା ପାରାଦୀପରେ ଏକ ଆଧୁନିକ ବନ୍ଦର ସ୍ଥାପନ। ସେଥିପାଇଁ ତାଙ୍କୁ କମ୍ ହଟହଟା ହେବାକୁ ପଡି ନ ଥୁଲା ଓ ତେବେ ପାରାଦୀପରେ ବନ୍ଦର ସ୍ଥାପନା ପଛରେ ତାଙ୍କର ଯାହାକିଛି ଉଦ୍ଦେଶ୍ୟ ଥାଉ ପଛେ ଗୋଟିଏ ପ୍ରେରଣା କିନ୍ତୁ ସୁସ୍ପଷ୍ଟ ହୋଇପଡେ- ତାହା ହେଉଛି ବିଶ୍ୱଦୃଷ୍ଟିରେ ଓଡ଼ିଆ ଜାତିର ଯଥାର୍ଥ ଟେକର ପ୍ରମାଣ ପାଇଁ ଆଜୀବନ ବ୍ୟାକୁଳତା ଓ ପ୍ରାଚୀନ କଳିଙ୍ଗର ଗୌରବାବହ ଇତିହାସରେ ନୌବାଣିଜ୍ୟ ଯେ କଳିଙ୍ଗର ଅନ୍ୟତମ ସମ୍ମାନଜନକ ପରିଚୟ ପତ୍ର ଏହା ସେ ଅଙ୍ଗେଅଙ୍ଗେ ଅନୁଭବ କରିପାରୁଥିଲେ ଓ ଏହି ବ୍ୟାକୁଳତା ବଶତଃ ସେ ଏକଦା ଏକ ବୋଇତ ବନ୍ଦାଣ ପର୍ବ ଉପଲକ୍ଷେ ଏକ ଅଭିନବ ଯୋଜନା କାର୍ଯ୍ୟକାରୀ କରାଇ ପ୍ରମାଣ କରିଥିଲେ ଯେ ଓଡ଼ିଆମାନେ ବାସ୍ତବରେ ଥିଲେ ଏକ ସାହସୀ ଜାତି ଯେଉଁମାନେ ସାମୁଦ୍ରିକ ଅଭିଯାନକୁ ଏକ ଲାଭକାରୀ ବ୍ୟବସାୟରେ ପରିଣତ କରି ହଜାର ହଜାର ବର୍ଷ ପ୍ରାଚ୍ୟ ଏସିଆର ପ୍ରାୟ ସମସ୍ତ ଦେଶ ସହିତ ବାଣିଜ୍ୟିକ ସମ୍ପର୍କ ସ୍ଥାପନ କରିଥିଲେ ।

ଆଉ, ଏ ଅଭିଯାନ ୧୪୯୨ରେ କଲମ୍ବସ ବା ୧୪୯୮ରେ ଭାସ୍କୋଡାଗାମାଙ୍କ ଭାରତକୁ ଜଳପଥ ଆବିଷ୍କାରର ବହୁବହୁ ଶତାବ୍ଦୀ ପୂର୍ବରୁ କଳିଙ୍ଗ ସାଧବମାନେ ସାଧ କରିସାରିଥିଲେ । ଏହାର ପ୍ରମାଣ ସେ ଏକ ପ୍ରାକ୍ଟିକାଲ ଡିମନଷ୍ଟ୍ରେସନ ଦ୍ୱାରା ସାରା ବିଶ୍ୱକୁ ଦର୍ଶାଇ ପାରିଥିଲେ । ୧୯୯୦ରୁ ୧୯୯୫ ମଧ୍ୟରେ ତାଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରେ ସେ ଥରେ ଏକ ବୋଇତ ବନ୍ଦାଣ ଉତ୍ସବ ମାଧ୍ୟମରେ ଏକ ଛୋଟ ପାଲଟଣା ବୋଇତକୁ ପାରାଦୀପ ବନ୍ଦରରୁ ସିଧା ପଠେଇ ଦେଇଥିଲେ ସୁଦୂର ଇଣ୍ଡୋନେସିଆର ବାଲିକୁ । ସେ ବୋଇତରେ ସବାର ହେଇଥିଲେ ଆଧୁନିକ ଓଡ଼ିଆ ନୌଚାଳକମାନେ ସେମାନଙ୍କ ଭିତରେ ପ୍ରମୁଖ ନୌଚାଳକ ଥିଲେ ଜଣେ ଓଡ଼ିଆ ଝିଅ ନିବେଦିତା ଆଚାର୍ଯ୍ୟ ।

ବିଜୁବାବୁଙ୍କ ଏସବୁ କାର୍ଯ୍ୟକଳାପ ଅନ୍ୟକୌଣସି ଓଡିଆ ମୁଖ୍ୟମନ୍ତ୍ରୀଙ୍କ ସମୟରେ ସମ୍ଭବ ହୋଇନଥାନ୍ତା ନିଶ୍ଚୟ କାରଣ ସେମାନେ ଥିଲେ ଓଡ଼ିଶା ରାଜନୀତିର ନିର୍ଦ୍ଦିଷ୍ଟ ପରିସର ଭିତରେ ଆବଦ୍ଧ ରାଜନୈତିକ ବ୍ୟକ୍ତିବିଶେଷ କିନ୍ତୁ କଳିଙ୍ଗ ପୁରସ୍କାର ସମ୍ପର୍କରେ ୟୁନେସ୍କୋ ଘୋଷଣା ପତ୍ରରେ ପ୍ରକାଶିତ ବିଜୟାନନ୍ଦ ପଟ୍ଟନାୟକ କେବଳ ଜଣେ ଓଡିଆ ରାଜନୀତିଜ୍ଞ ନୁହନ୍ତି ; ସେ ଥିଲେ କଳିଙ୍ଗ ବୀର ବିଜୁ ପଟ୍ଟନାୟକ !

କ୍ରମଶଃ...

## ଏକା ଏକା



**॥ ସୁଚିତ୍ରା ଜେନା ॥**

ଏକା ଏକା ଥିଲା ବେଳେ
ଜମା ଏକା ଲାଗେ ନାହିଁ,
କାହାର ଅଦେଖା ହାତ
ମୋ ଦେହକୁ ଯାଏ ଛୁଇଁ !

ସ୍ମୃତି ସବୁ ଉଙ୍କି ମାରେ
ଯେବେ ମୋ ମାନସ ପଟେ
ଶବ୍ଦ ଭୁଲେ ବାରମ୍ବାର
ହାରିଯାଏ ନିଜ ପାଖେ !!



ମନ ଆଜି ବି ଅସ୍ଥିର
ପ୍ରଶ୍ନ ଉଠେ ବାରମ୍ବାର
କିଏ ସେ ଅଦେଖା ବନ୍ଧୁ
ଲାଗେ ଏତେ ଆପଣାର !!

ସପନ ମୁଁ ଦେଖେ ପୁଣି
ଚେଇଁ ଚେଇଁ କି ଦିନରେ
ଶିହରଣ ଖେଳିଯାଏ
ଆକୁଳ ଏ ପରାଣରେ !!

ଭାଷା କିଛି ନାହିଁ ପାଖେ
ନିରବ ଏ ଦୁଇ ଆଖି
ଭାବିପାର ତୁମେ ମିଛ
ସ୍ମୃତି ଯାହା ମୋର ସାକ୍ଷୀ !!

କଟକ

## ବୁଢ଼ା ବରଗଛ

### ॥ ପବିତ୍ର ଭୂୟାଁ ॥

ବୁଢ଼ା ବରଗଛ ମେଲି ପତ୍ର ପୁଞ୍ଜ
ରହିଛି ଅନାଇଁ ସତେ
ଲହ ଲହ ଝୁଲ ନୟନ ମୋହର
ଖୋଲି ମୁଁ ଦେଖୁଛି କେତେ ।୦।
ମୋର ଗଛ ମୂଳେ ରହି ଛାଇ ତଳେ
ପଥ ଚାରି ଟିଏ ବସେ
ଖରା ଚାଲି ଗଲେ ମୋତେ ଭୁଲି ଯାଇ
ବାଟ ଧରି ନିଜେ ଖସେ ।୧।
ଯୁଗେ ଯୁଗେ ମୁହିଁ ରହିଛି ଅନାଇଁ
ବାଟରେ ହୋଇଛି ଠିଆ
ମୋତେ ନାହିଁ ଜଣା ପର କି ଆପଣା
ସାଥୀ ମୋ ବାଟୋଇ ନୂଆ ।୨।
କେତେ ସାଥୀ ଆସି ମୋର ପାଖେ ବସି
ଫେରନ୍ତି ମେଣ୍ଟାଇ କ୍ଳାନ୍ତ
ପକ୍ଷୀ ମାନେ ଆସି ମୋର ଡାଳେ ବସି
କରନ୍ତି ମୋତେ ସେ ମିତ ।୩।



ସ୍ୱାର୍ଥର ମଣିଷ ନିଜ ସ୍ୱାର୍ଥ ପାଇଁ
ମୋତେ ସେ ଆପଣା କରେ
ସ୍ୱାର୍ଥ ସରିଗଲେ ମୋତେ ବି ଭୁଲେ
ନିଜ ରାସ୍ତା ନିଜେ ଧରେ ।୪।
ଆପଣାର କରି ଯାଆନ୍ତି ପାଶୋରି
ଭୁଲି ମୋର ଗଛ ଛାଇ
ପକ୍ଷୀ ଭୁଲେ ନାହିଁ ନିଜର ନୀଡ଼କୁ
ସଂଜ ହେଲେ ଆସେ ଧାଇଁ ।୫।
ବାଟୋଇର ପାଇଁ ରହି ଅଛି ଚାହିଁ
ମୁହିଁ ବୁଢ଼ା ବରଗଛ
ନାହିଁ ସ୍ୱାର୍ଥ ମୋର ସବୁ ଆପଣାର
ଯୁଗେ ଯୁଗେ ମୁଁ ଯେ ସ୍ୱଛ ।୬।
॥ ଜୟ ଜଗନ୍ନାଥ ॥

## କାଳିଆ ସାଆନ୍ତ

### ॥ ଶ୍ରୀ ସଞ୍ଜୟ କୁମାର ଦାସ ॥



କାଲି ସପନରେ ଉଭା ମୋ କଳା ଠାକୁର
ମନ ବଳାଇଛି ଯିବି ଶିରି ମନ୍ଦିର
ଆହା କି ସୁନ୍ଦର ଶିରି ମନ୍ଦିର ତୋର
ମନ ପ୍ରାଣ ତରସେ ଥରକୁ ଥର ॥
ଓଡ଼ିଆର ମଉଡ଼ମଣି ଭାବର ଠାକୁର
ଗୁଣ୍ଡିଚା ରାଣୀର ତୁମେ ଗେଲ ବସର
ବାଟ ମଙ୍ଗଳାଙ୍କ ଆଶିଷ ନେଇ
ଜଗା ବଡ଼ାଦାଣ୍ଡେ ପହଞ୍ଚିବି ଯାଇ ॥
ବଡ଼ଦାଣ୍ଡେ ଚାଲେ ବଡ଼ ଗହଳି
ହରିବୋଲ ହୁଳହୁଳି ପଡୁଛି ଉଚ୍ଛୁଳି
ନନ୍ଦର ଲାଲା ଖୋଲିଛି ଚାରି ଦୁଆର
ଭକ୍ତର ମନୋଭାବ କରି ବିଚାର
ଲକ୍ଷ୍ମୀ ସାଆନ୍ତାଣୀଙ୍କୁ ବସାଇ ସିଂହ ଦୁଆର
ସେନେହର ଆଶୀଷ ଢ଼ାଳଇ କରି ନିଜର ॥
ବାଇଶି ପାହାଚ ଚଢ଼ି ଭକତ
ଭକତିରେ କହେ ରଖ ଜଗତର ନାଥ
ଭଉଣୀ ସୁଭଦ୍ରା ଭାଇକୁ ନେଇ
ରତନ ସିଂହାସନ ଶୋଭା ବଢ଼ାଇ
ଏଥର ମନ ଉଣା କରିଛି ଜଗା
ନ ବୁଝିଲେ ତୁଟିଯିବ ଭରସା ॥
ବିମଳା ମାଆଙ୍କୁ ସାକ୍ଷୀ ରଖିବି
ବଡ଼ ଠାକୁର ପାଶେ କଥା ରଖିବି
କହିବି ବଡ଼ ଠାକୁର ଜଗାକୁ ବୁଝାଅ
ବୁଝୁ ନାହିଁ ଯମା ଦୁଃଖ ଜଞ୍ଜାଳ
ବଡ଼ ଠାକୁର ଗାଳିକୁ ଥିବ ଯଦି ଡର
ଦୁଃଖ କଷ୍ଟ ବୁଝିବୁ କରି ନିଜର
ଭକତିର ଅର୍ଘ୍ୟ ସାଥିରେ ନେଇ
ମାଆ ଲକ୍ଷ୍ମୀ ମନ୍ଦିରେ ବସିବି ଯାଇ
ବଟ ଗଣେଶଙ୍କୁ ପ୍ରଣାମ କରି
ବଟ ବୃକ୍ଷେ ବାନ୍ଧିବି ଡୋରି
ନୀଳଚକ୍ରେ ନେତ କରି ଦରଶନ
ପ୍ରାର୍ଥନା କରିବି ବୀର ହନୁମାନ
ଆନନ୍ଦ ବଜାରେ ଯାଇ ବୁଲିବି
ମହାପ୍ରସାଦ ପାଇ ଧନ୍ୟ ମଣିବି
ବଞ୍ଚିଥିବା ଯାଏ କରିବୁନି ପର
ତୋ ପାଶେ ଡାକୁଥିବୁ କରି ନିଜର ॥

## ଅମୂଲ୍ୟ ଦାନ

### ॥ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ ॥



କେହି ରହିନାହିଁ ରହିବେ ନାହିଁଟି
ଏ ମାଟିର ଧରା ପରେ
ନିଜ ଅଭିନୟ ସରିଗଲା ପରେ
ଘଡ଼ିଏ କେ ରହିପାରେ ?(୧)
କପାଳ ଲିଖନ କେ କରିବ ଆନ
ଯାହା ଅଛି ଭୋଗିବାକୁ
କର୍ମ ଅନୁସାରେ ଫଳ ହିଁ ଫଳିବ
ଦୋଷ ଦିଅନି ଭାଗ୍ୟକୁ (୨)
ଧର୍ମ କରିବାକୁ ବୟସର ସୀମା
ନ ଥାଏ କିଛି ମହୀରେ
କର୍ତ୍ତବ୍ୟକୁ ଯିଏ ପ୍ରାଧାନ୍ୟ ଦିଅଇ
ବଡ଼ ଧାର୍ମିକ ସଂସାରେ(୩)
ଧନ ନୁହେଁ ବଡ଼ ସଂସାରରେ ଭାଇ
ଆଜି ଅଛି କାଲି ନାହିଁ
ଆଜି ଯେ ଅମିର କାଲି ସେ ଫକୀର
ବିଧିର ବିଧାନ ଏହି (୪)
ଗର୍ବ ଅହଙ୍କାର ମାନବର ଶତ୍ରୁ
ନାଶଇ କୀର୍ତ୍ତି ସମ୍ଭାର
ହିତାହିତ ଜ୍ଞାନ ଭୁଲଇ ମନୁଷ୍ୟ
ଭୋଗେ ଫଳ ସ୍ୱକର୍ମର (୫)
ଆତ୍ମବଡ଼ିମାକୁ ନିୟନ୍ତ୍ରଣ କଲେ
ସୁଫଳ ମିଳେ ସ୍ରଷ୍ଟାର
ଷଡରିପୁ ଜୟୀ ମାନବ ଲଭଇ
ଶୀର୍ଷସ୍ଥାନ ବିଭୁଙ୍କର (୬)
ଯିବାକୁ ତ ଅଛି ବହୁ ଦୂର ପଥ
ସ୍ୱପ୍ନ ଅସୁମାରୀ ମନେ
କଣ୍ଟକିତ ପଥ କୁସୁମିତ ହେବ
ବିଭୁ ପଦ ରଖ ଧ୍ୟାନେ (୭)
ମାନବ ଜୀବନ ନୁହଁଇ କେବଳ
ଭୋଗ ବିଳାସର ପାଇଁ
ଜଗତ କଲ୍ୟାଣେ ନିୟୋଜିତ ହେଲେ
ଜୀବନ ଧନ୍ୟ ହୁଅଇ (୮)
ବୃଥା ଭାବନାରେ ଫଳ ଫଳେ ନାହିଁ
ମନରୁ ବାହାର କର
କର୍ତ୍ତବ୍ୟ ପଥରେ ଅଗ୍ରସର ହୁଅ
ଜୀବନ ସୂତ୍ରକୁ ଧର(୯)
ହସିବ ଜୀବନ ହସିବ ଦୁନିଆ
ହସିବ ମାନବ ଜାତି
ରହିବନି କେବେ ଦୁଃଖ ଦୁର୍ବିପାକ
ରହିବନି ମନେ ଭୀତି (୧୦)
ସଂସାରର ଏହି ଗୁପ୍ତ ରହସ୍ୟକୁ
ଯିଏ ସେ ଯାଇଛି ବୁଝି
ସ୍ରଷ୍ଟାଙ୍କ ସୃଷ୍ଟିର ଅମୂଲ୍ୟ ଦାନକୁ
ପାରିବ ଟିକିଏ ଶୁଝି (୧୧)

ଶିକ୍ଷକ,ବିଡାନାସୀ,କଣ୍ଟ

# ଯମୁନାରେ ବୁଡ଼ିଗଲା ଡଙ୍ଗା ୧୦ ମୃତ

ମଥୁରା : ଯମୁନାରେ ଘଟିଛି ବଡ଼ ଅଘଟଣ। ପର୍ଯ୍ୟଟକଙ୍କୁ ନେଇ ଯାଉଥିବା ଗୋଟିଏ ଡଙ୍ଗା ଉତ୍ତର ପ୍ରଦେଶର ମଥୁରା ଜିଲ୍ଲାର ବୃନ୍ଦାବନ ସ୍ଥିତ କେସି ଘାଟ ନିକଟ ଯମୁନା ନଦୀରେ ବୁଡ଼ି ଯାଇଛି। ଏଥିଯୋଗୁ ଡଙ୍ଗାରେ ଥିବା ୧୦ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ନିଖୋଜ ହୋଇ ଯାଇଛନ୍ତି। ସେମାନଙ୍କୁ ଉଦ୍ଧାର ପାଇଁ ପ୍ରଶାସନ ପକ୍ଷରୁ ଉଦ୍ୟମ କରାଯାଉଛି। ମୃତକମାନେ ସମସ୍ତେ ପଞ୍ଜାବ ଅନ୍ତର୍ଗତ ଲୁଧିଆନାର ବୋଲି ପ୍ରାଥମିକ ରିପୋର୍ଟରୁ ସ୍ପଷ୍ଟ ହୋଇଛି।



ମିଳିଥିବା ସୂଚନା ଅନୁସାରେ, ଲୁଧିଆନାର ପ୍ରାୟ ୩୦ ଜଣ ପର୍ଯ୍ୟଟକ ଯମୁନାରେ ବୋଟିଂ କରିବାକୁ ଆସିଥିଲେ। ସେମାନେ ଗୋଟିଏ ଡଙ୍ଗାରେ ଯମୁନା ବୁଲିବାକୁ ନିଷ୍ପତ୍ତି ନେଇଥିଲେ। ଶୁକ୍ରବାର ମଧ୍ୟାହ୍ନରେ ୩୦ ଜଣ ଯାକ ପର୍ଯ୍ୟଟକ ଡଙ୍ଗାରେ ଯମୁନା ବୁଲିବାକୁ ବାହାରିଥିଲେ। ହେଲେ ଅପରାହ୍ନ ପ୍ରାୟ ୩ଟା ବେଳେ ଡଙ୍ଗାଟି ଯମୁନାରେ ବୁଲୁଥିବା ବେଳେ ହଠାତ୍ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ୧୦ ଜଣଙ୍କ ମୃତ୍ୟୁ ହୋଇଛି। ବାକି ୨୦ ଜଣଙ୍କ ମଧ୍ୟରୁ କିଛି ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇ ସାରିଛି। ବାକି ପର୍ଯ୍ୟଟକଙ୍କୁ ଉଦ୍ଧାର ପାଇଁ ଉଦ୍ୟମ ଚାଲିଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ପ୍ରତ୍ୟେକ୍ଷଦର୍ଶୀଙ୍କ କହିବା କଥା ଯେ ସବୁ କିଛି ଏତେ ଶୀଘ୍ର ଘଟିଥିଲା ଯେ ଡଙ୍ଗାରେ ଥିବା ଲୋକମାନେ ନିଜକୁ ବଞ୍ଚାଇବାକୁ କୌଣସି ସୁଯୋଗ ପାଇ ନଥିଲେ। ଡଙ୍ଗାଟି ଯମୁନା ନଦୀର ଗଭୀର ଜଳରାଶିରେ ଥିବା ବେଳେ ହଠାତ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଲୋକମାନେ ପାଣିରେ ବୁଡ଼ି ଯାଉଥିବା ବେଳେ ଚିତ୍କାର କରିବାକୁ ଲାଗିଥିଲେ। ଏହା ଦେଖି କିଛି ସ୍ଥାନୀୟ ଲୋକ ପାଣି ଭିତରକୁ ଯାଇଥିଲେ। ସେମାନେ କିଛି ଲୋକଙ୍କୁ ପାଣିରୁ ଉଦ୍ଧାର କରିବାକୁ ସକ୍ଷମ ହୋଇଛନ୍ତି। ଖବର ପାଇ ତୁରନ୍ତ ଅଗ୍ନିଶମ ବାହିନୀ ଓ ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚିଥିଲେ। ସେମାନେ ପ୍ରାୟ ୧୦ ଜଣଙ୍କ ମୃତଦେହ ପାଣିରୁ ବାହାର କରିଛନ୍ତି। ବାକି କିଛି ଜଣ ନିଖୋଜ ଥିବାରୁ ଏବେ ବି ସର୍ଚ୍ଚ ଅପରେସନ ଜାରି ରହିଚି।

● ହସଖୁସିରେ ନେଉଥିଲେ ସେଲଫି

# ବୁଡ଼ି ଗଲେ ୩ କିଶୋରୀ

ଜାମବୁଲାସା : ପୁଣି ବିପଦଜନକ ସେଲଫି ହୋଇଛି କାଳ। ବେଶ ହସଖୁସିରେ ୩ ଜଣ ସାଙ୍ଗ ଝରଣାରେ ମଜା କରୁଥିଲେ। ସେଲଫି ମଧ୍ୟ ଉଠାଉଥିଲେ। କିନ୍ତୁ ସେଲଫି ବେଳେ ଅସାବଧାନତା ବେଶ ମହଙ୍ଗା ପଡ଼ିଛି। ୩ ଜଣ ଯାକ କିଶୋରୀ ସେଲଫି ନେବା ବେଳେ ବୁଡ଼ି ଯାଇ ପ୍ରାଣ ହରାଇଛନ୍ତି। ଆନ୍ଧ୍ର ପ୍ରଦେଶର ଅଲ୍ଲୁରି ସୀତାରାମ ରାଜୁ ଜିଲ୍ଲାରେ ଏପରି ଦୁଃଖଦ ଘଟଣା ଘଟିଛି। ଗୁରୁବାର ଜିଲ୍ଲାର ଅନନ୍ତଗିରି ପାହାଡ଼ରେ ଘଟିଛି। ନିକଟସ୍ଥ ଜାମବୁବାଲସା ଗାଁର ୪ ଜଣ ଝିଅ ମୁଲାଗୁମ୍ମି ଝରଣାକୁ ବୁଲିବାକୁ ଯାଇଥିଲେ। ଏହି ଜଙ୍ଗଲିଆ ଅଞ୍ଚଳରେ ଥିବା ଝରଣା ନିକଟରେ ସେମାନେ ବୁଲାବୁଲି କରିବା ସହ ହସଖୁସିରେ ସମୟ କାଟିଥିଲେ। ହସଖୁସିରେ ସେମାନେ ବୁଲାବୁଲି କରୁଥିବା ବେଳେ ଗୋଟିଏ ସିଉଳି ଲଗା ପଥର ଉପରେ ପହଞ୍ଚି ସେଠାରେ ସେଲଫି ନେବାକୁ ଚେଷ୍ଟା କରିଥିଲେ। ହେଲେ ହଠାତ ସେମାନଙ୍କ ଗୋଡ଼ ପଥରରେ ଖସି ଯାଇଥିଲା। ୪ ଜଣ ଯାକ ସିଧା ପାଣିରେ ଖସି ପଡ଼ିଥିଲେ। ସେମାନଙ୍କ ମଧ୍ୟରୁ କାହାକୁ ପହଁରା ମଧ୍ୟ ଜଣା ନଥିଲା।

# ନାଟୋକୁ ଟ୍ରମ୍ପଙ୍କ କଟାକ୍ଷ



ୱାଶିଂଟନ : ୟୁରୋପୀୟ ସହଯୋଗୀଙ୍କୁ ଟ୍ରମ୍ପଙ୍କ ଚରମ ଚେତାବନୀ। ହର୍ମୁଜ ପ୍ରଣାଳୀର ସୁରକ୍ଷା ପାଇଁ ସାମରିକ ସହାୟତା ଦେବାକୁ କହିଛନ୍ତି ଟ୍ରମ୍ପ। ସେମାନେ ନିଜ ଯୁଦ୍ଧ ଜାହାଜ ପଠାଇବାକୁ ଦାବି କରିଛନ୍ତି। କିଛି ଦିନ ମଧ୍ୟରେ ହର୍ମୁଜ ନିକଟରେ ନୌସେନା ନିୟୋଜିତ କରିବା ପାଇଁ ନିର୍ଦ୍ଦିଷ୍ଟ ପ୍ରତିଶ୍ରୁତି ମାଗିଛନ୍ତି ଟ୍ରମ୍ପ। ନାଟୋ ମୁଖ୍ୟ ମାର୍କ ରୁଟ୍ଟେଙ୍କ ସହ ଆଲୋଚନା ପରେ ହର୍ମୁଜ ସୁରକ୍ଷା ପାଇଁ ମାଗିଛନ୍ତି ସାମରିକ ସମର୍ଥନ। ସହଯୋଗୀ ଦେଶମାନେ ସହାୟତା ନଦେଲେ ନାଟୋର ଭବିଷ୍ୟତ ବହୁତ ଖରାପ ହେବ ବୋଲି ଚେତାବନୀ ଦେଇଛନ୍ତି। ନାଟୋରୁ ଆମେରିକା ସୈନ୍ୟ ପ୍ରତ୍ୟାହାର କରିବ ବୋଲି ଧମକ ଦେଇଛନ୍ତି। କେବଳ ରାଜନୈତିକ ପ୍ରତିଶ୍ରୁତି ନୁହେଁ, ବରଂ ପ୍ରକୃତରେ ଯୁଦ୍ଧ ଜାହାଜ ଏବଂ ମାଇନ୍ ସ୍ୱିପର୍ ପଠାଇବାକୁ ହ୍ୱାଇଟ୍ ହାଉସ୍ ଜୋର ଦେଇଛି। ହର୍ମୁଜ ପ୍ରଣାଳୀ ବିଶ୍ୱର ପ୍ରାୟ ୨୦% ତୈଳ ଏବଂ ଗ୍ୟାସ୍ ପରିବହନ ହେଉଛି। ଅନ୍ୟପଟେ ଜର୍ମାନୀ ଏବଂ ଫ୍ରାନ୍ସ ଭଳି ଦେଶ ସାମରିକ ସହାୟତା ଦେବାକୁ ଦ୍ୱିଧା ପ୍ରକାଶ କରିଛନ୍ତି। ସେମାନଙ୍କ ଯୁକ୍ତି, ଆମେରିକା ଏବଂ ଇସ୍ରାଏଲ୍ କୌଣସି ପରାମର୍ଶ ନକରି ଇରାନ ସହ ଯୁଦ୍ଧ ଆରମ୍ଭ କରିଛନ୍ତି। ସେପଟେ ଷ୍ଟ୍ରେଟ୍ ଅଫ୍ ହର୍ମୁଜ ଦେଇ ପ୍ରତିଦିନ ୧୫ଟି ତୈଳ ଜାହାଜ ଛାଡ଼ିବ ବୋଲି କହିଛି ଇରାନ। ଯେଉଁ ଜାହାଜକୁ ଇରାନ ଅନୁମତି ଦେବ, କେବଳ ସେହି ଜାହଜା ଯାଇ ପାରିବ ବୋଲି କହିଛି ତେହେରାନ।


● ପରୀକ୍ଷା ଦେବାକୁ ସ୍କୁଲ ଯାଇଥିଲେ

# ମହୁମାଛି ଆକ୍ରମଣରେ ଚାଲିଗଲା ଜୀବନ

ଭୋପାଳ : ପରୀକ୍ଷା ଦେବାକୁ ଯାଉଥିବା ପିଲାମାନଙ୍କୁ ସ୍କୁଲ ପରିସରରେ ଗୋଟିଏ ଭୟଙ୍କର ସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଛି। ପରୀକ୍ଷା ଦେବାକୁ ଯାଇଥିବା ପିଲାଙ୍କ ଉପରେ ମହୁମାଛି କରିଛନ୍ତି ଆକ୍ରମଣ। ଏଥିରେ ଜଣେ ୯ ବର୍ଷୀୟ ଛାତ୍ରଙ୍କ ମୃତ୍ୟୁ ହୋଇଥିବା ବେଳେ ଆଉ କିଛି ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ମଧ୍ୟପ୍ରଦେଶର ଆଗ୍ରା ମାଲୱା ଜିଲ୍ଲାର ସୋୟାତକଳା ସ୍ଥିତ ସ୍ୱାମୀ ବିବେକାନନ୍ଦ ସ୍କୁଲରେ ପୂରା ଘଟଣା ଘଟିଛି। ଏଠାରେ ପରୀକ୍ଷା ଦେବାକୁ ପିଲାମାନେ ସକାଳୁ ଏକାଠି ହୋଇଥିଲେ। ପିଲାମାନେ ପରୀକ୍ଷା ହଲକୁ ଯିବାକୁ ଅପେକ୍ଷା କରିଥିବା ବେଳେ ହଠାତ୍ ସ୍କୁଲ ପରିସରରେ ଥିବା ଫେଣାରୁ ମହୁ ମାଛିମାନେ ଆକ୍ରମଣ ଆରମ୍ଭ କରି ଦେଇଥିଲେ। ହଜାର ହଜାର ମହୁ ମାଛିଙ୍କ ଆକ୍ରମଣ ମଧ୍ୟରେ ଫସି ଯାଇଥିଲେ ୪ର୍ଥ ଶ୍ରେଣୀର ରମଣ କାରଦା। ମହୁ ମାଛି ଗୁଡ଼ିକ ତାଙ୍କୁ ଆକ୍ରମଣ କରିବାରୁ ସେ ତଳେ ପଡ଼ି ଯାଇଥିଲେ। ତାଙ୍କ ସହ ଆହୁରି ୪ରୁ ୫ ଜଣ ପିଲା ବି ସମାନ ସ୍ଥିତର ସମ୍ମୁଖୀନ ହୋଇଥିଲେ। ଶିକ୍ଷକ ଓ ସ୍କୁଲ କର୍ମଚାରୀମାନେ ସମସ୍ତଙ୍କୁ ମହୁ ମାଛିଙ୍କ କବଳରୁ ଉଦ୍ଧାର କରି ତୁରନ୍ତ ସୋୟାତକଳାର ସରକାରୀ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସମସ୍ତେ ସେଠାରେ ଚିକିତ୍ସିତ ହେଉଥିବା ବେଳେ ରମଣଙ୍କ ଅବସ୍ଥା ବିଗିଡ଼ି ଯାଇଥିଲା। ତାଙ୍କୁ ରାଜସ୍ଥାନର ଝାଲୱାର ସ୍ଥିତ ଗୋଟିଏ ଅତ୍ୟାଧୁନିକ ହସ୍ପିଟାଲକୁ ପଠା ଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ସ୍କୁଲରେ ଦୀର୍ଘ ସମୟ ହେଲା ଏକାଧିକ ମହୁ ମାଛି ଫେଣା ରହିଛି। ଫେଣାରୁ ମହୁ ମାଛି ପୂର୍ବରୁ ମଧ୍ୟ ଅନେକ ଥର ଆକ୍ରମଣ କରିଥିଲେ। ତଥାପି ସ୍କୁଲ କର୍ତ୍ତୃପକ୍ଷ ସ୍କୁଲ ପରିସରରୁ ମହୁ ଫେଣା ହଟାଇବାକୁ ପଦକ୍ଷେପ ନେଇ ଥିବା ଅନେକ ଅଭିଯୋଗ କରିଛନ୍ତି। ପ୍ରଶାସନ ଘଟଣାକୁ ଗୁରୁତ୍ୱର ସହ ନେଇ ଘଟଣାର ତଦନ୍ତ ଆରମ୍ଭ କରିଛି। ଏଥିସହ କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ମଧ୍ୟ ଦେଇଛି। କିନ୍ତୁ ଏଯାଏ ସ୍କୁଲ ପକ୍ଷରୁ ଏ ସମ୍ପର୍କରେ କୌଣସି ପ୍ରତିକ୍ରିୟା ମିଳିନି।



# ୩ ରାଜ୍ୟର ମତଦାନ ଶେଷ



ରେକର୍ଡ ଭାଙ୍ଗିଲା ଆସାମର ଭୋଟିଂ ହାର

ନୂଆଦିଲ୍ଲୀ : ଆସାମ ଓ କେରଳ ସମେତ କେନ୍ଦ୍ର ଶାସିତ ପୁଡୁଚେରୀ ବିଧାନସଭା ଆସନ ପାଇଁ ଆଜି ମତଦାନ ଶେଷ ହୋଇଛି। ଗୁରୁବାର ଦିନ ତମାମ ସବୁ ସ୍ଥାନରେ ଲୋକମାନେ ବିପୁଳ ସଂଖ୍ୟାରେ ସାମିଲ ହୋଇ ଗଣତନ୍ତ୍ରର ମହାନ ପର୍ବରେ ନିଜକୁ ସାମିଲ କରିଛନ୍ତି। ଧାର୍ଯ୍ୟ ସମୟ ସନ୍ଧ୍ୟା ୫ଟା ପରେ ମଧ୍ୟ ଲୋକଙ୍କ ଲମ୍ବା ଲାଇନ ବୁଥ ବାହାରେ ଦେଖିବାକୁ ମିଳିଛି। ପୁଡୁଚେରୀରେ ସର୍ବାଧିକ ୮୬.୯୨% ଭୋଟିଂ ରେକର୍ଡ ହୋଇଥିବା ବେଳେ ଆସାମରେ ଭୋଟିଂ ହାର ସନ୍ଧ୍ୟା ୫ଟା ସୁଦ୍ଧା ୮୪.୪୨ ରହିଛି। ସେହିପରି କେରଳରେ ୭୫.୦୧% ଲୋକ ମତଦାନ କରିଛନ୍ତି। ଯେହେତୁ ବିଭିନ୍ନ ବୁଥରେ ଲମ୍ବା ଲାଇନ ରହିଛି, ତେଣୁ ଆଗକୁ ଭୋଟିଂ ହାର ବଢ଼ିବାର ସମ୍ଭାବନା ରହିଛି। ସନ୍ଧ୍ୟା ୫ଟା ସୁଦ୍ଧା ଆସାମରେ ୮୪.୪୨% ମତଦାନ ହେବା ଗୋଟିଏ ରେକର୍ଡ। ୨୦୨୧ରେ ଆସାମର ୧୨୬ ବିଧାନସଭା ଆସନରେ ଭୋଟିଂ ହାର ୮୨.୦୪% ରହିଥିଲା। କିନ୍ତୁ ଏଥର ଆସାମରେ ରେକର୍ଡ ସଂଖ୍ୟକ ମତଦାନ ହୋଇଛି। ଏହି ଭୋଟିଂ ହାର ଆହୁରି ୨ରୁ ୩% ବଢ଼ିବାର ସମ୍ଭାବନା ବି ରହିଛି। ଆସାମରେ ଏଥର ବଡ଼ ଲଢ଼େଇ ହେଉଛି। କ୍ଷମତାସୀନ ବିଜେପି ନେତୃତ୍ୱାଧୀନ ଏନଡିଏ କ୍ରମାଗତ ତୃତୀୟ ଥର ପାଇଁ ଶାସନ ଦଖଲ କରିବା ଲକ୍ଷ୍ୟରେ ରହିଥିବା ବେଳେ କଂଗ୍ରେସ ଦଶନ୍ଧି ପରେ ଶାସନକୁ ଫେରିବାକୁ ଉଦ୍ୟମ କରୁଛି। ରାଜ୍ୟର ଡାଲଗାଁଓରେ ସର୍ବାଧିକ ୯୪.୫୭% ଭୋଟିଂ ହୋଇଥିବା ବେଳେ ଆମ୍ରୀରେ ସର୍ବନିମ୍ନ ୭୦.୪୦% ମତଦାନ ରେକର୍ଡ କରାଯାଇଛି। ୧୨୬ ବିଧାନସଭା ଆସନରେ ମୋଟ ୭୨୨ ଜଣ ପ୍ରାର୍ଥୀ ନିଜର ଭାଗ୍ୟ ପରୀକ୍ଷା କରୁଛନ୍ତି। ୩୧,୪୯୦ ବୁଥରେ ଲୋକମାନେ ସକାଳ ୭ଟାରୁ ମତଦାନ ଆରମ୍ଭ କରିଥିବା ବେଳେ ଧାର୍ଯ୍ୟ ସମୟ ସନ୍ଧ୍ୟା ୫ଟା ପରେ ଭୋଟିଂ ଚାଲିଛି। କେରଳର ୧୪୦ ବିଧାନସଭା ଆସନ ପାଇଁ ମଧ୍ୟ ଆଜି ମତଦାନ ଶେଷ ହୋଇଛି। ଏଠାରେ ଭୋଟିଂ ଶେଷ ସମୟ ସନ୍ଧ୍ୟା ୬ଟା ଯାଏ ରହିଥିଲା। ତଥାପି ଲୋକମାନେ ବିଭିନ୍ନ ବୁଥରେ ଲମ୍ବା ଧାଡ଼ିରେ ରହିଥିବାରୁ ସେମାନଙ୍କୁ ଭୋଟ ଦେବାକୁ ଅନୁମତି ମିଳିଛି। ଏଠାରେ ସନ୍ଧ୍ୟା ୫ଟା ମଧ୍ୟରେ ଭୋଟିଂ ହାର ୭୫.୦୧% ରେକର୍ଡ କରାଯାଇଛି। ଏହା ୨୦୨୧ରେ ହୋଇଥିବା ୭୪.୦୬% ଭୋଟିଂ ହାର ଠାରୁ ସାମାନ୍ୟ ଅଧିକ। ପୁଡୁଚେରୀର ସମସ୍ତେ ୩୦ ବିଧାନସଭା ଆସନ ପାଇଁ ଲୋକମାନେ ଭୋଟ ଦେଇଛନ୍ତି। ଏଠାରେ ପ୍ରାୟ ୮୭% ଭୋଟିଂ ହୋଇଛି। ଏହି କେନ୍ଦ୍ର ଶାସିତ ଅଞ୍ଚଳରେ ଏନଡିଏ ଏବେ କ୍ଷମତାରେ ରହିଛି। ଆଜି ୨ ରାଜ୍ୟ ଓ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳରେ ମତଦାନ ଶେଷ ହୋଇଥିବା ବେଳେ ଆସନ୍ତା ୪ରେ ଭୋଟ ଗଣତି ସହ ଫଳାଫଳ ପ୍ରକାଶ ପାଇବ।

ମଧ୍ୟପ୍ରାଚ୍ୟ ମହାଯୁଦ୍ଧ

# ଅସ୍ତ୍ରବିରତିରେ ଦ୍ୱନ୍ଦ୍ୱ



ତେହରାନ : ଆମେରିକା, ଇସ୍ରାଏଲ ଓ ଇରାନ ମଧ୍ୟରେ ହୋଇଥିବା ଦୁଇ ସପ୍ତାହର ଅସ୍ଥାୟୀ ଅସ୍ତ୍ରବିରତି ବର୍ତ୍ତମାନ ସଂକଟ ମଧ୍ୟ ଦେଇ ଗତି କରୁଛି। ଇରାନ କହିଛି ଯେ ଏହି ଅସ୍ତ୍ରବିରତିରେ ଇରାନ ସହିତ ଲେବାନନ୍ ଏବଂ ସମସ୍ତ ପ୍ରତିରୋଧ ଶକ୍ତି ସାମିଲ ଅଛନ୍ତି। ଆଉ ଏପରିସ୍ଥିତିରେ ଇସ୍ରାଏଲ୍ ଯଦି ଲେବାନନ୍ ଉପରେ ଆକ୍ରମଣ ଜାରି ରଖେ, ତେବେ ଏହାର ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ ବୋଲି ଇରାନ ଚେତାବନୀ ଦେଇଛି। ଇରାନ ପାର୍ଲାମେଣ୍ଟ ବାଚସ୍ପତି ମହମ୍ମଦ ବାଘେର ଘାଲିବାଫ୍ ସୋସିଆଲ ମିଡିଆ ଏକ୍ସର ପୋଷ୍ଟରେ କହିଛନ୍ତି ଯେ ଯୁଦ୍ଧବିରତିରେ ଇରାନ ପାଇଁ ଲଢେଇ କରୁଥିବା ସମସ୍ତ ଶକ୍ତିକୁ ସାମିଲ କରାଯାଇଛି। ତେଣୁ ଲେବାନନ ଉପରେ ଇସ୍ରାଏଲ ଆକ୍ରମଣ କରିବା ଦ୍ୱାରା ଅସ୍ତ୍ରବିରତି ଚୁକ୍ତି ଉଲ୍ଲଙ୍ଘନ ହେବ। ଆଉ ଏହି ଚୁକ୍ତି ଉଲ୍ଲଙ୍ଘନର ଭୟଙ୍କର ପରିଣାମ ଭୋଗିବାକୁ ପଡିବ। ଲେବାନନ ଉପରେ ଇସ୍ରାଏଲ ଜୋରଦାର ଆକ୍ରମଣ ଚଳାଇଥିବାରୁ ଇରାନ ଏପରି କହିଛି। ମଙ୍ଗଳବାର ଅସ୍ତ୍ରବିରତି ହେବା ପରେ ବୁଧବାର ଲେବାନନ ଉପରେ ଇସ୍ରାଏଲ ବ୍ୟାପକ ଆକ୍ରମଣ କରିଥିଲା। ଏଥିରେ ୨୫୪ ଜଣଙ୍କର ମୃତ୍ୟୁ ହେବା ସହ ୮୦୦ ଆହତ ହୋଇଛନ୍ତି। ଅନ୍ୟପଟେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ କହିଛନ୍ତି ଯେ ତାଙ୍କ ଦେଶ ଲେବାନନ୍‌ର ହେଜବୋଲ୍ଲା ସଂଗଠନ ଉପରେ ଆକ୍ରମଣ ଜାରି ରଖିବ। ଲେବାନନ ପ୍ରସଙ୍ଗରେ ଇରାନ ଓ ଇସ୍ରାଏଲର ଏପରି ମନୋଭାବ ମଧ୍ୟପ୍ରାଚ୍ୟ ଯୁଦ୍ଧରେ ହୋଇଥିବା ଅସ୍ତ୍ରବିରତିକୁ ଅନିଶ୍ଚିତତା ମଧ୍ୟକୁ ନେଇ ଯାଇଛି। ତେବେ ନେତାନ୍ୟାହୁ ଲେବାନନ୍ ସହ ସ୍ୱତନ୍ତ୍ର ଓ ଅଲଗା ଅସ୍ତ୍ରବିରତି ଚୁକ୍ତି କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି। ଇରାନର ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ ଇସ୍ରାଏଲର ଆକ୍ରମଣକୁ ନେଇ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ବର୍ତ୍ତମାନର ସ୍ଥିତିରେ ଶାନ୍ତି ଆଲୋଚନା ଏକ ପ୍ରକାର 'ଅର୍ଥହୀନ' ହୋଇପଡ଼ିଛି। ପେଜେସ୍କିଆନ କହିଛନ୍ତି ଯେ ଲେବାନନ୍‌ରେ ଗୋଟିଏ ଦିନରେ ୨୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟାଇ ଇସ୍ରାଏଲ୍ ପ୍ରମାଣ କରିଛି ଯେ ସେ ଚୁକ୍ତି ମାନିବାକୁ ପ୍ରସ୍ତୁତ ନୁହେଁ। ସେ ଏହାକୁ ଇସ୍ରାଏଲର ପ୍ରତାରଣା ବୋଲି ଅଭିହିତ କରିଛନ୍ତି। ପେଜେସ୍କିଆନ ଚେତାବନୀ ଦେଇଛନ୍ତି ଯେ 'ଆମର ହାତ ଟ୍ରିଗର ଉପରେ ଅଛି।' ଇରାନ କେବେବି ନିଜର ଲେବାନନ୍ ଭାଇ ଓ ଭଉଣୀମାନଙ୍କୁ ଏକାକୀ ଛାଡ଼ିବ ନାହିଁ। ଅସ୍ତ୍ରବିରତି ପ୍ରସଙ୍ଗରେ ଶୁକ୍ରବାର ଠାରୁ ପାକିସ୍ତାନ ମଧ୍ୟସ୍ଥତାରେ ଇରାନ ଓ ଆମେରିକାର ପ୍ରତିନିଧି ଦଳ କଥାବାର୍ତ୍ତା ଆରମ୍ଭ କରିବାକୁ ଯାଉଛନ୍ତି। ଶାନ୍ତି କଥାବାର୍ତ୍ତା ପୂର୍ବରୁ ଅସ୍ଥାୟୀ ଅସ୍ତ୍ରବିରତିକୁ ନେଇ ଅନିଶ୍ଚିତତା ଦେଖାଯାଇଛି। ଲେବାନନ୍ ଏହି ଅସ୍ଥାୟୀ ଯୁଦ୍ଧବିରତିର ଅଂଶ କି ନୁହେଁ, ସେ ନେଇ ଦୁଇ ଦେଶ ମଧ୍ୟରେ ମତଭେଦ ଦେଖାଦେଇଛି। ଇରାନ ସୂଚନା ଦେଇଛି ଯେ ଯଦି ଇସ୍ରାଏଲ ଆକ୍ରମଣ ବନ୍ଦ ନକରେ, ତେବେ ଇରାନ ପକ୍ଷରୁ ସିଧାସଳଖ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ, ଯାହା ଚାଲିଥିବା ଅସ୍ଥାୟୀ ଶାନ୍ତି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ କରିଦେବ।

ଅନ୍ୟପଟେ ରୁଷ୍ କହିଛି ଯେ ଲେବାନନ ମଧ୍ୟ ମଧ୍ୟପ୍ରାଚ୍ୟ ଅସ୍ତ୍ରବିରତି ପରିସରଭୁକ୍ତ ହେବା ଉଚିତ୍। ତେଣୁ ଇସ୍ରାଏଲ ଏହାର ଆକ୍ରମଣ ବନ୍ଦ କରିବା ଦରକାର। ରୁଷ୍ ବୈଦେଶିକ ମନ୍ତ୍ରୀ ସର୍ଗେଇ ଲାଭରୋଭ ତାଙ୍କ ଇରାନ ପ୍ରତିପକ୍ଷ ଆବାସ ଆରାଘାଚିଙ୍କ ସହିତ କଥାବାର୍ତ୍ତା କାଳରେ ଏହା କହିଛନ୍ତି। ସେହିପରି ଜର୍ମାନ ଚାନସେଲର ଫ୍ରିଡ୍ରିକ୍ ମର୍ଜ୍ ମଧ୍ୟ ଲେବାନନ୍ ଉପରେ ଇସ୍ରାଏଲ୍‌ର ଆକ୍ରମଣକୁ ନେଇ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ଚାନସେଲର ମର୍ଜ୍ ଇସ୍ରାଏଲକୁ ଲେବାନନ୍ ଉପରେ ଚଳାଇଥିବା ସାମରିକ ଆକ୍ରମଣ ତୁରନ୍ତ ବନ୍ଦ କରିବାକୁ ଅନୁରୋଧ କରିଛନ୍ତି। ସେ କହିଛନ୍ତି ଯେ, ଇସ୍ରାଏଲର ଏହି କଠୋର ଆକ୍ରମଣ ଫଳରେ ଆମେରିକା ଏବଂ ଇରାନ ମଧ୍ୟରେ ହୋଇଥିବା ଅସ୍ଥାୟୀ ଯୁଦ୍ଧବିରତି ଓ ଶାନ୍ତି ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇପାରେ। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ମଧ୍ୟ ଲେବାନନ ଉପରେ ଇସ୍ରାଏଲର ଆକ୍ରମଣକୁ ନିନ୍ଦା କରିଛନ୍ତି। ସରିଫ କହିଛନ୍ତି ଯେ ଇସ୍ରାଏଲର ଆକ୍ରମଣ ଯୋଗୁଁ ଆଞ୍ଚଳିକ ଶାନ୍ତି ପ୍ରତିଷ୍ଠା ପାଇଁ ଚାଲିଥିବା ପ୍ରୟାସ ବିଫଳ ହେବ।

ଆମେରିକା ଉପ-ରାଷ୍ଟ୍ରପତି ଜେଡି ଭାନ୍ସ କହିଛନ୍ତି ଯେ ଇରାନ ଚୁକ୍ତିକୁ ଭୁଲ୍ ବୁଝିଛି। ଆମେରିକା କେବେବି ଲେବାନନ୍‌କୁ ଏହି ଯୁଦ୍ଧବିରତିରେ ସାମିଲ କରିବାକୁ ପ୍ରତିଶ୍ରୁତି ଦେଇନାହିଁ। ଇସ୍ରାଏଲର ଆକ୍ରମଣ ପରେ ଇରାନ ପୁଣିଥରେ ହର୍ମୁଜ ପ୍ରଣାଳୀକୁ ଅବରୋଧ କରିଛି, ଯାହାଫଳରେ ବିଶ୍ୱ ବଜାରରେ ତେଲ ଦର ବ୍ୟାପକ ଭାବେ ବୃଦ୍ଧି ପାଇଛି। ମଙ୍ଗଳବାର ମଧ୍ୟ ରାତ୍ରରୁ ଆମେରିକା, ଇସ୍ରାଏଲ ଓ ଇରାନ ମଧ୍ୟରେ ଦୁଇ ସପ୍ତାହର ଅସ୍ତ୍ରବିରତି କାର୍ଯ୍ୟକାରୀ ହୋଇଛି। ଉଭୟ ପକ୍ଷ ଅସ୍ତ୍ରବିରତିକୁ କାର୍ଯ୍ୟକାରୀ କରିବାକୁ ସମ୍ମତି ପ୍ରକାଶ କରିଛନ୍ତି। ଏହି ଅସ୍ତ୍ରବିରତି ପରେ ଇରାନ ହର୍ମୁଜ ପ୍ରଣାଳୀକୁ ଖୋଲିବାକୁ ସମ୍ମତି ପ୍ରକାଶ କରିଥିଲା।

▸▸ ଲେବାନନ୍ ଉପରେ ଇସ୍ରାଏଲ୍‌ର ଜୋର୍‌ସୋର୍ ଆକ୍ରମଣ ଜାରି
▸▸ ଇରାନର ଆକ୍ରମଣ ଧମକ

# ଆମେରିକାର ସବୁଠାରୁ ଦାମୀ ଡ୍ରୋନ୍ ନିଖୋଜ

ୱାଶିଂଟନ୍ : ହଜିଯାଇଛି ଆମେରିକାର ସବୁଠାରୁ ଦାମୀ ଡ୍ରୋନ। ଯୁଦ୍ଧ ବିରତି ପରେ ଆମେରିକୀୟ ଡ୍ରୋନଟି ହର୍ମୁଜ ପ୍ରଣାଳୀରେ ସ୍ଥିତି ପରଖୁ ଥିଲା। ହେଲେ ଯାଞ୍ଚ କରିବା ସମୟରେ ହଠାତ୍ ଡ୍ରୋନଟି ନିଖୋଜ ହୋଇ ଯାଇଛି। ହର୍ମୁଜର ଗଭୀର ଜଳରାଶିରେ ଏହା ହଜି ଯାଇଛି। ଏହାକୁ ଠାବ କରିବାକୁ ପ୍ରୟାସ ଚାଲିଥିଲେ ହେଁ ଏଯାଏ ମିଳିନି କୌଣସି ସଫଳତା। ଆମେରିକା ନୌସେନାର ସର୍ଭେଲାନ୍ସ ଡ୍ରୋନ ଏମକ୍ୟୁ-୪ସି ଟ୍ରାଇଟନ ହର୍ମୁଜ ଉପରେ ଉଡୁଥିବା ବେଳେ ହଠାତ ଏମର୍ଜେନ୍ସି ଆଲର୍ଟ ଜାରି କରିଥିଲା। ଏହାପରେ ଏହା ରାଡାରରୁ ଅନ୍ତର୍ଧାନ ହୋଇ ଯାଇଥିଲା। ସମ୍ଭବତଃ ଏହା ସମୁଦ୍ରରେ କ୍ରାଶ କରି ଯାଇଛି କିମ୍ବା ଏହାକୁ କେହି ଗୁଳି କରି ଖସାଇ ଦେଇଥିବା ଆଶଙ୍କା କରାଯାଉଛି। କାରଣ ଏହା ଆମେରିକାର ସବୁଠାରୁ ଦାମୀ ଡ୍ରୋନ ଭାବେ ପରିଚିତ। ରିପୋର୍ଟ ଅନୁସାରେ, ଡ୍ରୋନଟି ଗଲ୍ଫ ଓ ଷ୍ଟେଟ ଅଫ ହର୍ମୁଜ ଉପରେ ପ୍ରାୟ ୩ ଘଣ୍ଟା କାଳ ଉଡ଼ିଥିଲା। ସର୍ଭେଲାନ୍ସ ପରେ ଏହା ଇଟାଲୀର ସିଗୋନେଲ୍ଲା ସ୍ଥିତି ନୌସେନା ଏୟାର ଷ୍ଟେସନକୁ ଫେରିବା ପାଇଁ ପ୍ରସ୍ତୁତ ହେଉଥିଲା। କିନ୍ତୁ ହଠାତ୍ ଡ୍ରୋନଟି ଇରାନ ଆଡ଼କୁ ସାମାନ୍ୟ ଢଳିଥିଲା ଏହି ସମୟରେ ଡ୍ରୋନଟି ୭୭୦୦ କୋଡ ଅର୍ଥାତ ଏମର୍ଜେନ୍ସି ଆଲର୍ଟ ଜାରି କରିଥିଲା। ଶେଷରେ ଏହା ତଳକୁ ଖସିବାକୁ ଲାଗିଥିଲା। ଦ୍ରୁତଗତିରରେ ଏହା ତଳକୁ ଖସି ହଠାତ୍ ସମୁଦ୍ରରେ ନିଖୋଜ ହୋଇ ଯାଇଥିଲା।




# ୫ ବର୍ଷର ପୁଅକୁ ସ୍କୁଲରେ ଛୁରୀ ଭୁଷି ହତ୍ୟା



ପରିବାର ଆଣିଲା ଯୌନ ନିର୍ଯାତନା ଅଭିଯୋଗ

ନୂଆଦିଲ୍ଲୀ : ଜଣେ ମହିଳା ନିଜ ୫ ବର୍ଷର ପୁଅକୁ ବିହାରର ଗୋଟିଏ ସ୍କୁଲ ହଷ୍ଟେଲରେ ଛାଡ଼ିଥିଲେ। ୫ ଦିନ ପରେ ଅର୍ଥାତ ଏପ୍ରିଲ ୬ରେ ପିଲାଟିକୁ ମୃତ ଘୋଷଣା କରାଯାଇଥିଲା। ଏବେ ଅସହାୟ ମା' ତାଙ୍କ ପୁଅ ସହ କାହିଁକି ଏମିତି ଘଟିଲା ବୋଲି ପ୍ରଶ୍ନ କରୁଛନ୍ତି। ପୁଅର ଜୀବନ ଚାଲିଯିବାର ଉତ୍ତର ସେ ସମସ୍ତଙ୍କୁ ମାଗୁଛନ୍ତି। ସେ ପୁଅକୁ ଜେହାନାବାଦ ସ୍ଥିତ ଗୋଟିଏ ଗୁରୁକୁଳକୁ ପାଠ ପଢ଼ିବାକୁ ଛାଡ଼ିଥିଲେ। ଏବେ ସେ ଓ ତାଙ୍କ ସ୍ୱାମୀ ମିଳିତ ଭାବେ ପୁଅ ପାଇଁ ନ୍ୟାୟ ଭିକ୍ଷା କରୁଛନ୍ତି। କୁହାଯାଉଛି ଯେ ପିଲାଟି ଗୁରୁକୁଳରେ ଯୌନ ନିର୍ଯାତନାରେ ସମ୍ମୁଖୀନ ହୋଇଥିଲା। ଏହାପରେ ପିଲାଟିକୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ହତ୍ୟା କରାଯାଇଛି। ମୃତ ପିଲାଟିର ବାପା ଅଜୟ କୁମାର ଶର୍ମା କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି ଯେ ଏପ୍ରିଲ ୬ ତାରିଖ ଭୋର ୫.୨୦ରେ ତାଙ୍କ ପାଖକୁ ଗୁରୁକୁଳ ହଷ୍ଟେଲ ଓ ସ୍କୁଲର ପ୍ରିନ୍ସପାଲ ତଥା ନିର୍ଦ୍ଦେଶକ ତରୁଣ କୁମାରଙ୍କ ଫୋନ କରିଥିଲେ। ପୁଅ ଗୁରୁତର ଅସୁସ୍ଥ ହୋଇ ପଡ଼ିଥିବା ସେ ବାପା ଅଜୟ କୁମାରଙ୍କୁ ଜଣାଇଥିଲେ। ଅଜୟଙ୍କୁ କୁହାଯାଇଥିଲା ଯେ ତାଙ୍କ ପୁଅ ଆଶୁର ଅବସ୍ଥା ଭଲ ନଥିବାରୁ ତା'କୁ ଗୋଟିଏ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଖବର ପାଇ ଅଜୟ କୁମାର ୧୫ ମିନିଟ ମଧ୍ୟରେ ହସ୍ପିଟାଲରେ ପହଞ୍ଚିଥିଲେ। ହସ୍ପିଟାଲର ଆଇସିୟୁରେ ଆଶୁ ରହିଥିବା ବେଳେ ତାଙ୍କ ଦେହ ସାରା କଟା କ୍ଷତଚିହ୍ନ ସବୁ ରହିଥିଲା। ଏହାକୁ ଦେଖି ଅଜୟ କୁମାର ପୂରା ସ୍ତବ୍ଧ ହୋଇଯାଇଥିଲେ। ସେ କହିଛନ୍ତି, "ମୁଁ ଦେଖିବାକୁ ପାଇଥିଲି ଯେ ମୋ ପୁଅର ଗଳା କଟା ହୋଇଛି। ତା' ଗୁପ୍ତାଙ୍ଗ ଓ ବାମପଟ ତଳିପେଟରେ ଛୁରୀ ମାଡ଼ର ଚିହ୍ନ ରହିଛି। ଏହାବାଦ ତା' ଆଖି ପତାରେ ମଧ୍ୟ କଟା ଚିହ୍ନ ଦେଖିଥିଲି।" ଡାକ୍ତରଙ୍କ ପରାମର୍ଶକ୍ରମେ ଅଜୟ ପୁଅ ଆଶୁକୁ ପାଟନାର ଗୋଟିଏ ମଲ୍ଟି ସ୍ପେଶାଲିଟୀ ହସ୍ପିଟାଲକୁ ନେଇ ଯାଇଥିଲେ। କିନ୍ତୁ ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ଡାକ୍ତରଙ୍କ କହିବା କଥା ଯେ ପିଲାଟି ବାରମ୍ବାର ଯୌନ ଉତ୍ପୀଡ଼ନର ଶିକାର ହୋଇଥିଲା ଓ ତା'କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ ମଧ୍ୟ କରାଯାଇଛି। ପରିବାର ଲୋକ ଏହି ଘଟଣାରେ ଏକାଧିକ ବ୍ୟକ୍ତି ସାମିଲ ଥିବା ଅଭିଯୋଗ କରିଛନ୍ତି। ଆଶୁଙ୍କ ବଡ଼ ଭାଇ ରିଶୁ ମଧ୍ୟ ସମାନ ସ୍କୁଲରେ ପଢ଼ନ୍ତି ଓ ହଷ୍ଟେଲରେ ରୁହନ୍ତି। ତାଙ୍କ କହିବା କଥା ଯେ କୁମାର ଘଟଣା ଦିନ ରାତିରେ ଆଶୁକୁ ନିଜ ରୁମକୁ ଏକାଠି ଶୋଇବା ପାଇଁ ନେଇ ଯାଇଥିଲେ। ସେ ହିଁ ତା' ସହ ଏପରି କାଣ୍ଡ ଘଟାଇଛନ୍ତି ବୋଲି ସେ କହିଛନ୍ତି। ଅଜୟ ନିଜ ପୁଅର ମୃତଦେହ ଧରି ହଷ୍ଟେଲରେ ପହଞ୍ଚିଥିଲେ। ଏହାପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ପରିବାର ପକ୍ଷରୁ ରାସ୍ତା ରୋକ କରାଯାଇଥିଲା। ସେମାନେ ଦୋଷୀଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିବାକୁ ଦାବି କରିଛନ୍ତି। ଲୋକଙ୍କ ଆକ୍ରୋଶ ଯୋଗୁ ପୁଲିସ୍ ସ୍କୁଲର ପ୍ରିନ୍ସପାଲ ତରୁଣ କୁମାରଙ୍କୁ ଗିରଫ କରିଛି। ସ୍କୁଲର ଜଣେ ଶିକ୍ଷକ ଓ ୨ ଜଣ ମହିଳା କର୍ମଚାରୀଙ୍କୁ ପୁଲିସ୍ ନିଜ ହେପାଜତକୁ ନେଇ ଜେରା କରିଥିଲା। ହେଲେ ଜେରା ପରେ ସେମାନଙ୍କୁ ଛାଡ଼ି ଦିଆଯାଇଛି। ପୁଲିସ୍ ସ୍କୁଲର ସୁରକ୍ଷାକର୍ମୀଙ୍କୁ ମଧ୍ୟ ପଚାର ଉଚରା କରୁଛି।

# ଗଙ୍ଗାକୂଳରେ ମଦ ପିଇବା ବେଳେ ଧରିଲା ପୁଲିସ



ମୁମ୍ବାଇ : ପବିତ୍ର ଗଙ୍ଗା ନଦୀ କୂଳରେ ସ୍ୱାମୀଙ୍କ ସହ ବସି ମଦ ପିଉଥିବା ମହିଳାଙ୍କ ଉତ୍ପାତ ସାମ୍ନାକୁ ଆସିଛି। ଉତ୍ତରାଖଣ୍ଡର ଋଷିକେଶ ନିକଟ ଗଙ୍ଗା କୂଳରେ ମହିଳା ଜଣଙ୍କ ମଦ ପିଉଥିବା ବେଳେ ପୁଲିସ୍ ତାଙ୍କୁ ବାଧା ଦେଇଥିଲା। ବାସ୍ ଏହାକୁ ନେଇ ସେ ସ୍ଥାନୀୟ ପୁଲିସ୍ ସହ କରିଛନ୍ତି ଯୁକ୍ତିତର୍କ। ପୁଲିସ୍ ତାଙ୍କୁ ବୁଝାସୁଝା କରୁଥିବା ବେଳେ ମହିଳା ଜଣଙ୍କ ହାତରେ ମୋବାଇଲ ଧରି ନିଜର ଦାଦାଗିରି ଦେଖାଇଛନ୍ତି। ହରିୟାଣର ଏହି ମହିଳା ପର୍ଯ୍ୟଟକ ଉତ୍ପାତ କରୁଥିବାର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି। ମହିଳା ପର୍ଯ୍ୟଟକ ଜଣଙ୍କ ଗଙ୍ଗା କୂଳରେ ସର୍ବସାଧାରଣଙ୍କ ପାଇଁ ଉପଲବ୍ଧ ଥିବା ସ୍ଥାନରେ ମଦ ପିଉଥିଲେ। ଏଥିରେ ପୁଲିସ୍ ହସ୍ତକ୍ଷେପ କରିବା ସହ ସ୍ଥାନୀୟ ଅଞ୍ଚଳର କଟକଣା ସମ୍ପର୍କରେ ତାଙ୍କୁ ଜଣାଇଥିଲା। କିନ୍ତୁ ମଦ ନିଶାରେ ଚୂର ମହିଳା ଜଣଙ୍କ ପୁଲିସ୍ ଉପରେ ଚିତ୍କାର କରିଥିଲେ। ପୂରା ଘଟଣା ଏପ୍ରିଲ ୬ ତାରିଖରେ ପୁଲ ଛାଟି ଅଞ୍ଚଳରେ ଘଟିଛି। ପୁଲିସ୍ ସହ ଯୁକ୍ତିତର୍କ କରୁଥିବା ବେଳେ ମହିଳା ଜଣଙ୍କ କହିଛନ୍ତି ଯେ "ତୁମମାନଙ୍କର ପେଟପାଟଣା ଆମ ମାନଙ୍କ ପାଇଁ ଚାଲିଛି।" ପର୍ଯ୍ୟଟନ ଉପରେ ସ୍ଥାନୀୟ ଅର୍ଥନୀତି ନିର୍ଭର କରୁଥିବାରୁ ସେ ଏପରି କହିଛନ୍ତି। ସେ ନିଜ ଟଙ୍କାରେ ମଦ ପିଉଥିଲେ ଓ ଏଠାରେ ପର୍ଯ୍ୟଟକମାନଙ୍କୁ ଅଯଥାରେ ଟାର୍ଗେଟ କରାଯାଉଥିବା ମଧ୍ୟ ଅଭିଯୋଗ କରିଛନ୍ତି।








# ଅନ୍ନପୂର୍ଣ୍ଣା ଗ୍ରାମୀଣ ବଜାର ଓ ମିଲେଟ୍ କାଫେ ଉଦ୍‌ଘାଟିତ

**କଟକ (ହଓଖ) :** ଗ୍ରାମୀଣ ଶିଳ୍ପୀ, କୃଷକ ଓ ସମୁଦାୟ ଆଧାରିତ ସଂଗଠନ ମାନଙ୍କ ଉତ୍ପାଦକୁ ସହରୀୟ ବଜାର ସହିତ ସିଧାସଳଖ ଯୋଗାଯୋଗ କରାଇବା ଉଦ୍ଦେଶ୍ୟରେ ଆଜି ନେତାଜୀ ବସଷ୍ଟାଣ୍ଡ ପରିସରରେ ଓରମାସ ପକ୍ଷରୁ ନବ ନିର୍ମିତ ଅନ୍ନପୂର୍ଣ୍ଣା ଗ୍ରାମୀଣ ବଜାର ଉଦଘାଟିତ ହୋଇଛି। ଏହି ବଜାର ଗ୍ରାମୀଣ ଅର୍ଥନୀତିକୁ ଶକ୍ତିଶାଳୀ କରିବା ସହ ଶିଳ୍ପୀମାନଙ୍କୁ ନ୍ୟାୟସଙ୍ଗତ ମୂଲ୍ୟ ଓ ନିଶ୍ଚିତ ବଜାର ଯୋଗାଇବାରେ ଏକ ମାଇଲଷ୍ଟୋନ କରିବ । ଏଠାରେ ରାଜ୍ୟର ୨୨ଟି ଜିଲ୍ଲାରୁ ଆସିଥିବା ୭୨ ପ୍ରକାରର ହସ୍ତଶିଳ୍ପ, ହସ୍ତତନ୍ତ, ଖାଦ୍ୟ ପ୍ରସ୍ତୁତି ଓ ପାରମ୍ପରିକ ଉତ୍ପାଦ ସିଧାସଳଖ ଉପଲବ୍ଧ ହେଉଛି, ଯାହା ଗ୍ରାମରୁ ସହର ଧାରଣାକୁ ସାର୍ଥକ କରିଛି। ଏହି ଉଦଘାଟନୀ ଅବସରରେ କଟକ ଅତିଥି ଭାବେ ସାଂସଦ ଭର୍ତ୍ତୃହରି ମହତାବ, ଚୌଦ୍ୱାର-କଟକ ବିଧାୟକ, ସୌଭିକ ବିଶ୍ୱାଳ, ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କଟକ ମହାନଗର ନିଗର ନିଗମ ଆୟୁକ୍ତ , ସୁଶ୍ରୀ କିରଣଦୀପ ସହୋତାଙ୍କ ସମେତ ଓରମାସର ଯୁଗ୍ମ କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ରାଉତ ପ୍ରମୁଖ ଉପସ୍ଥିତ ରହି ଉଦଘାଟନ କରି ଏହି ପଦକ୍ଷେପକୁ ଗ୍ରାମୀଣ ଉଦ୍ୟମିତାର ଏକ ଶକ୍ତିଶାଳୀ ମଞ୍ଚ ହେବ ବୋଲି ଅତିଥି ମାନେ ମତପ୍ରକାଶ କରିଥିଲେ। ଏଥିସହିତ ସେହି ପରିସରରେ ମା' କାତାୟନୀ ମିଲେଟ କାଫେ ମଧ ଉଦଘାଟିତ ହୋଇଯାଇଛି। ମୁଖ୍ୟତଃ ଏହି ଷ୍ଟୋରରେ ମଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ମହଜୁଦ ରହିଛି । ସେଥିମଧ୍ୟରେ ମାଣ୍ଡିଆ ଚୁଡ଼ା, ବାଲି ଚୁଡ଼ା, ବାଜରା ଚୁଡ଼ା, ଜୁଆ ଚୁଡ଼ା ସହିତ ମାଣ୍ଡିଆ ଚକଲେଟ, ମାଣ୍ଡିଆ କେକ, ମାଣ୍ଡିଆ କୁକିସ ସହ ମିଲେଟ୍ ବାର, ପେଟିସ, ବର୍ଗର, ପିଜା, ସ୍ୟାଣ୍ଡୱିଚ, ଡ୍ରାୟ ଫୁଡ, ଚକୋ ଷ୍ଟଫଲ, ମଫେ ଏବଂ ଜୁଆଣି ଓ ଜିରା ଫ୍ଲେଭରର ଜୁସ ଆଦି ମହଜୁଦ ରହିଛି ବୋଲି ଷ୍ଟୋରର ପ୍ରୋପାଇଟର ବିନ୍ଦୁ ବାସିନୀ ବିଶ୍ୱାଳ କହିଛନ୍ତି ।

## ୨ କାର୍ ମୁହାଁମୁହିଁ ଧକ୍କା

# ୬ ଯାତ୍ରୀ ମୃତ

**ମାଲକାନଗିରି (ହଓଖ) :** ଛତିଶଗଡ଼ର କାଙ୍କେର ଜିଲ୍ଲାରେ ୩୦ ନଂ ଜାତୀୟ ରାଜପଥ ସ୍ଥିତ ନଥିଆ ନଓ୍ୱାଗାଓଁ ଠାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି।



ବିଳମ୍ବିତ ରାତିରେ ଦୁଇ କାର ମୁହାଁମୁହିଁ ଧକ୍କା ହେବା ପରେ ଘଟିଥିବା ଏହି ଦୁର୍ଘଟଣାରେ ୬ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ଏହାସହ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ଜିଲ୍ଲାର ପୁଲିସ ଅଧିକ୍ଷକ ନିଖିଲ ଅଶୋକ କୁମାର ଘଟଣାର ସତ୍ୟାସତ୍ୟ ପ୍ରକାଶ କରି କହିଛନ୍ତି ଯେ ଦୁର୍ଘଟଣାଟି ବିଳମ୍ବିତ ରାତି ପ୍ରାୟ ୧୧ଟାରେ ଘଟିଥିଲା। ଆହତମାନଙ୍କୁ କାଙ୍କେର ମେଡିକାଲରେ ଭର୍ତ୍ତି କରାଯାଇଛି। ମୁହାଁମୁହିଁ ଧକ୍କାରେ ସମ୍ପୃକ୍ତ ଉଭୟ କାର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି ଏବଂ ସେଗୁଡ଼ିକୁ ଜବତ କରାଯାଇଛି। ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବାୟୋ-ଆନାଲାଜର ମେସିନ୍ ଅଚଳ



## ● ରକ୍ତ ପରୀକ୍ଷା ପାଇଁ ରୋଗୀ ହନ୍ତସନ୍ତ
## ● ଆମ୍ ଆଦମୀ ପାର୍ଟିର ଚିକିତ୍ସାଳୟ ପରିଦର୍ଶନ ଓ ନିନ୍ଦା

**ଢେଙ୍କାନାଳ (ହଓଖ) :** ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବାୟୋ-ଆନାଲାଇଜର ମେସିନ ଅଚଳ ହୋଇପଡିଥିବା ବେଳେ ରକ୍ତ ପରୀକ୍ଷା ପାଇଁ ରୋଗୀ ହନ୍ତସନ୍ତ ହେଉଛନ୍ତି। ଆମ୍ ଆଦମୀ ପାର୍ଟିର କର୍ମକର୍ତ୍ତାମାନେ ଚିକିତ୍ସାଳୟ ପରିଦର୍ଶନ କରିଥିଲେ। ପ୍ରକାଶ ଥାଉକି କାମାକ୍ଷାନଗ ବ୍ଲକ ତୁମୁସିଙ୍ଗା ଗ୍ରାମର ଗୋଟିଏ ଚଉଦ ମାସର ଶିଶୁ ବିଷାକ୍ତ ପଦାର୍ଥ ଖାଇ ଗତ କାଲି ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଡାକ୍ତର ତାଙ୍କର ତିନୋଟି ପରୀକ୍ଷା (ସିବିସି, ଆରବିସି ଓ ସିଆରପି) କରିବା ପାଇଁ ପରାମର୍ଶ ଦେଇଥିଲେ। ରକ୍ତ ନମୁନା ଦେବା ପରେ ତାଙ୍କୁ ରିପୋର୍ଟ ମଧ୍ୟାହ୍ନ ବାରଟାରେ ମିଳିବ ବୋଲି ଟେକନିସିଆନ କହିଥିଲେ। ରୋଗୀଙ୍କ ସମ୍ପର୍କୀୟ ଦିନ ବାରଟାରେ ଯିବାରୁ ତାଙ୍କୁ ଅପରାହ୍ନ ତିନିଟାରେ ସମସ୍ତ ରିପୋର୍ଟ ମିଳିବ ବୋଲି କହିଥିଲେ। ଅପରାହ୍ନ ତିନିଟାରେ ଦୁଇଟି ରିପୋର୍ଟ ମିଳିଥିଲା ଆଉ ଗୋଟିଏ ରିପୋର୍ଟ ପାଇଁ ମେସିନ ଖରାପ ଅଛି, ଆସନ୍ତା କାଲି ରିପୋର୍ଟ ମିଳିବ ବୋଲି କହିଥିଲେ। ରୋଗୀଙ୍କ ସମ୍ପର୍କୀୟ ବ୍ୟସ୍ତ ହୋଇ କୋହଭରା କଣ୍ଠରେ ଆମ୍ ଆଦମୀ ପାର୍ଟି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ବେହେରାଙ୍କ ସହ ଯୋଗାଯୋଗ କରିଥିଲେ। ଯେହେତୁ ଶିଶୁଟି ବିଷାକ୍ତ ପଦାର୍ଥ ଖାଇ ଦେଇଥିଲା ଶିଶୁର ରକ୍ତ ପରୀକ୍ଷା ତୁରନ୍ତ ବାହାରେ କରାଇ ନେବାପାଇଁ ସେ ପରାମର୍ଶ ଦେଇଥିଲେ। ସୌଭାଗ୍ୟ ବଶତଃ ଶିଶୁର ସ୍ୱାସ୍ଥ୍ୟ ଭଲ ହୋଇଗଲା। ଯଦି ଗୁରୁତର ଅବସ୍ଥାରେ ପିଲାଟି ଥାନ୍ତା ଏବଂ କିଛି ଦୁଃଖଦ ଘଟଣା ଘଟିଥାନ୍ତା, ଏଥିପାଇଁ ଦାୟୀ କିଏ ହୋଇଥାନ୍ତା ? ଏସମ୍ପର୍କରେ ଆମ୍ ଆଦମୀ ପାର୍ଟିର ଏକ ଟିମ୍ ସଂସଦୀୟ କ୍ଷେତ୍ର ସଭାପତି ପଙ୍କଜ ନାୟକ, ଜିଲ୍ଲା ସଭାପତି ରମେଶ ଚନ୍ଦ୍ର ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ବେହେରା, ଜିଲ୍ଲା ସାଧାରଣ ସମ୍ପାଦକ ଅନିଲ ସାମଲ, ଗଁଦିଆ ବ୍ଲକ ଯୁବ ସଭାପତି ଅରବିନ୍ଦ ବେହେରା ପ୍ରମୁଖ ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଁଞ୍ଚି ଘଟଣାର ତଥ୍ୟ ସଂଗ୍ରହ କରିଥିଲେ। ସୂଚନା ଅନୁସାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଯେଉଁ ବାୟୋ-ଆନାଲାଇଜର ମେସିନ ରହିଛି ତାହା ଅନେକ ପୁରୁଣା ଏବଂ ବାରମ୍ବାର ଖରାପ ହେଉଛି। ତାଛଡ଼ା ଯେତିକି ରକ୍ତ ନମୁନା ପରୀକ୍ଷା ପାଇଁ ସେହି ମେସିନ ସକ୍ଷମ ତାର ଦୁଇ ଗୁଣା ରକ୍ତ ନମୁନା ପରୀକ୍ଷା କରାଯାଉଥିରୁ ମେସିନଟି ବାରମ୍ବାର ଖରାପ ହେଉଛି। ମେସିନ ମରାମତି ପାଇଁ ଏଠାରେ କେହି ଟେକନିସିଆନ ବା ଯନ୍ତ୍ରୀ ନାହାଁନ୍ତି। ଫଳରେ ଦୁଇ ଦିନ ହେଲା ମେସିନ ଖରାପ ହୋଇପଡିଛି। ଫଳରେ ଲୋକମାନେ ବାହାରେ ହଜାର ହଜାର ଟଙ୍କା ଖର୍ଚ୍ଚାନ୍ତ ହୋଇ ରକ୍ତ ପରୀକ୍ଷା କରୁଛନ୍ତି। ସୂଚନା ଥାଉ କି ଏହି ମେସିନ ଲିଭର ଫଙ୍କସନ ଟେଷ୍ଟ (LFT), କିଡନୀ ଫଙ୍କସନ ଟେଷ୍ଟ (KFT/RFT), ଲିପିଡ ପ୍ରୋଫାଇଲ୍ ଟେଷ୍ଟ (Lipid pro-file -ହୃଦୟ ସ୍ୱାସ୍ଥ୍ୟ), କୋଲଷ୍ଟୋରାଲ ପରୀକ୍ଷା, ମଧୁମେହ ବା ଡାଇବେଟିସ ପରୀକ୍ଷା, ଇଲେକ୍ଟ୍ରୋଲାଇଟ ଏବଂ ମିନେରାଲ ପରୀକ୍ଷା, ଅଗ୍ନାଶୟ ରୋଗ ଓ ହୃଦଘାତ ରୋଗ ନିରୂପଣ ପାଇଁ ଏହି ମେସିନ ବ୍ୟବହାର ହୋଇଥାଏ। ଜିଲ୍ଲା ବାସୀଙ୍କୁ ମେଡିକାଲ କଲେଜ ସ୍ୱପ୍ନ ଦେଖାଇ ସାମାନ୍ୟ ରକ୍ତ ପରୀକ୍ଷା ପାଇଁ ମାତ୍ର ପଇଁତିରିଶି ଲକ୍ଷ ଟଙ୍କାର ମେସିନ ଗୋଟିଏ ଯୋଗାଇ ନ ପାରୁଥିବା ବିଜେପି ସରକାରକୁ ଆମ୍ ଆଦମୀ ପାର୍ଟି କଡ଼ା ନିନ୍ଦା କରିଛି। ଚିକିତ୍ସାଳୟ ପାଇଁ କୋଠା ତିଆରି ହେଉଛି ଭଲ କଥା, କିନ୍ତୁ ନିରାମୟରେ ଔଷଧ ନଥିବାବେଳେ ଡାକ୍ତର ନିଯୁକ୍ତି ହେଉନି କି ଷ୍ଟାଫ ନିଯୁକ୍ତି ହେଉନି। କେବଳ କଣ୍ଟ୍ରାକ୍ଟଚୁଆଲରେ ପିଲାମାନଙ୍କୁ ରଖାଯାଇ କାମ ତୁଲାଉଛନ୍ତି। ଏସବୁ ସମସ୍ୟା ଦୂର କରିବାପାଇଁ ଗତ ବର୍ଷ ସେପଟ୍ମ୍ବର ମାସରେ ଦଶ ଦିନ ବ୍ୟାପି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଆମ୍ ଆଦମୀ ପାର୍ଟି ଆନ୍ଦୋଳନ କରିଥିଲା। ପୁନର୍ବାର ଏପରି ସମସ୍ୟା ଦେଖାଦେଲାଣି। ରକ୍ତ ପରୀକ୍ଷା ପାଇଁ ଆଉ ଗୋଟିଏ ନୂଆ ମେସିନ କିଣାଯିବା ଏବଂ ସ୍ଥାୟୀ କର୍ମଚାରୀ ନିଯୁକ୍ତି ପାଇଁ ଆମ୍ ଆଦମୀ ପାର୍ଟି ଦାବି କରୁଛି। ଏହି ସମସ୍ୟାର ତୁରନ୍ତ ସମାଧାନ ନହେଲେ ଦଳ ପୁଣି ଆନ୍ଦୋଳନ କରିବ ବୋଲି ସୂଚନା ଦେଇଛି ।

# ଅତିରିକ୍ତ ତହସିଲଦାର ଓ ବରିଷ୍ଠ ଆଇନଜୀବୀଙ୍କ ମଧ୍ୟରେ ଯୁକ୍ତିତର୍କ




**କଟକ (ହଓଖ) :** କଟକ ଟାଙ୍ଗୀ ଚୌଦ୍ୱାର ତହସିଲ ଅଫିସରେ ଅତିରିକ୍ତ ତହସିଲଦାର ଓ ବରିଷ୍ଠ ଆଇନଜୀବୀଙ୍କ ମଧ୍ୟରେ ଯୁକ୍ତିତର୍କ । ବିଶେଷ ସୂତ୍ରରୁ ପ୍ରକାଶ ଯେ କଟକ ଟାଙ୍ଗୀ ଚୌଦ୍ୱାରର ତହସିଲ ଅଫିସ ଯାହାକି ଜଗତପୁରଠାରେ ଅବସ୍ଥିତ। ଏକ ଦଲିଲ ଦସ୍ତଖତକୁ ନେଇ ଉଭୟ ଆଇନଜୀବୀ ଓ ଅତିରିକ୍ତ ତହସିଲଦାର ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ତହସିଲଦାରଙ୍କ ଦୃଷ୍ଟିଗୋଚର ହେଲାପରେ ଉଭୟଙ୍କୁ ଡାକି ଆପୋଷ ବୁଝାମଣା କରାଯାଇଥିଲା। ଏହି ଘଟଣାକୁ ସେଠାରେ ଥିବା ସମସ୍ତ ଆଇନଜୀବୀ ଦୃଢ ନିନ୍ଦା କରିଥିଲେ।

# ଅଦିନିଆ ବର୍ଷାରେ ଉଜୁଡ଼ିଲା ଫସଲ

## ● ଚିନ୍ତାରେ ଚାଷୀ

**ଭଦ୍ରକ (ହଓଖ) :** ଅଦିନିଆ ବର୍ଷା ଭଦ୍ରକ ବ୍ଲକ ପରିବା ଚାଷୀଙ୍କ ପାଇଁ ପାଲଟିଛି ଚିନ୍ତାର କାରଣ। କୁଆ ପଥର ବର୍ଷା ଫଳରେ ଜହ୍ନି, ପୋଟଳ, ଭେଣ୍ଡି, ପୋଇ, ଶାଗ ଆଦି ଚାଷୀଙ୍କର ବ୍ୟାପକ କ୍ଷୟତି ହୋଇ ଥିବା ଜଣାପଡିଛି। ଅନେକଙ୍କ ବାଡ଼ିରେ ପାଣି ଜମିବା ଯୋଗୁ ଅନେକ ଗଛ ପଡି ଯାଇଥିବା କଥା କହନ୍ତି ଜଗଦଳପୁର ପଂଚାୟତର ବାହାଦଲ ପୁର ଜଣେ ଚାଷୀ ରବୀନ୍ଦ୍ର ଦାସ। ରାହାଞ୍ଚର ଗଣେଶ ପାଲ, ମାଧବ ବାରିକ ରମ୍ଭିଳାର ରମାକାନ୍ତ ବାରିକ ଏରଡ଼ାର ହୃଷିକେଶ ପଣ୍ଡା, ଶ୍ୟାମସୁନ୍ଦର ଜେନା, ପ୍ରମୋଦ ପାଣିଗ୍ରାହୀ ଜଗଦଳପୁର ପଂଚାୟତର ଅନେକ ପରିବା ଚାଷୀଙ୍କର ବ୍ୟାପକ କ୍ଷତି ହୋଇଥିବା ଜଣାପଡିଛି।




# ଭିନ୍ନକ୍ଷମ ଛାତ୍ରଙ୍କୁ ସହଯୋଗର ହାତ ବଢ଼ାଇଲା ସୋନପୁର ଜିଲ୍ଲା ଶିକ୍ଷା ବିଭାଗ



**ସୋନପୁର (ହଓଖ) :** ସୋନପୁର ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଜଣେ ଭିନ୍ନକ୍ଷମ ଛାତ୍ର କୁ ସହଯୋଗ ର ହାତ ବଢାଇଥାନ୍ତି । ବ୍ଲକ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ମିଶ୍ର ନିର୍ଦ୍ଦେଶ କ୍ରମେ ଅରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ନିଗରାନିରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖଲିଆପାଲି ଠାରେ ଅଧ୍ୟୟନ କରୁଥିବା ସପ୍ତମ ଶ୍ରେଣୀର ଭିନକ୍ଷମ ଛାତ୍ର ଶ୍ରୀ ଲିଙ୍ଗରାଜ ସାହୁଙ୍କୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ସହିତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ଲୋକନାଥ ଦାଶ ତାଙ୍କ ଘରକୁ ଯାଇ ଶୁଖିଲା ଖାଦ୍ୟ ଓ ଅର୍ଥରାଶି ପ୍ରଦାନ କରିଥିଲେ। ଏହି ଅବସରରେ ମୟୁର ଉଡାଣ କ୍ଲଷ୍ଟର ର ସି ଆର୍ ସି ସି ଶ୍ରୀ ଉମାକାନ୍ତ ମିଶ୍ର, ଆଦର୍ଶ କ୍ଲଷ୍ଟର ର ସି ଆର୍ ସି ସି ଶ୍ରୀ ବ୍ରତାନନ୍ଦ ଭୋଇ, ହରଡଖୋଲ କ୍ଲଷ୍ଟର ସି ଆର ସି ସି ଶ୍ରୀ ରଶ୍ମିତା ସାହୁ ଓ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶ୍ରୀ ଶ୍ୟାମସୁନ୍ଦର ପାତ୍ର ମଧ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ଲୋକନାଥ ଦାଶ ଉକ୍ତ ଭିନ୍ନକ୍ଷମ ଛାତ୍ରର ଭରଣ ପୋଷଣ ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯିବା ପାଇଁ ଚେଷ୍ଟା କରୁଛନ୍ତି।







Printed, Published and owned by Dr. Byomakesh Kanungo of Gandharba Sahu Lane, PO - Kalyani Nagar, Dist.- Cuttack-753013 (Odisha),
Printed at Khetramani Printing Press, At - Darakhapatna, PO - Kalyani Nagar, Dist - Cuttack - 753013
Editor-in-chief : Dr. Byomakesh Kanungo
Editor : Biraja Prasad Kanungo
Sub-Editor : Dr. Pradyot Kumar Tripathy
Ph. No. : 7008872226 / 7077233233
E-mail : harsikamedia22@gmail.com
ମୁଖ୍ୟ ସଂପାଦକ : ଡଃ ବ୍ୟୋମକେଶ କାନୁନ୍‌ଗୋ
ସଂପାଦକ : ବିରଜା ପ୍ରସାଦ କାନୁନ୍‌ଗୋ
ସହ ସଂପାଦକ : ଡ଼. ପ୍ରଦ୍ୟୋତ କୁମାର ତ୍ରିପାଠୀ